

ସଞ୍ଜୀୟଙ୍କ ସହ
କାମ କରିବିନି
ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-107 ◆MONDAY ◆13 OCTOBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୦୭ ◆ସୋମବାର ◆୧୩ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ପଶ୍ଚିମବଙ୍ଗରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ଜଙ୍ଗଲରୁ ଧରାହେଲେ ୩ ଅଭିଯୁକ୍ତ

- ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୋଜୁଛି ଡ୍ରୋନ୍
- ଦୁର୍ଗାପୁର ଯିବ ଓଡ଼ିଶା ମହିଳା କମିସନ ଟିମ୍
- ଶୁଣୁନାହାନ୍ତି ପଶ୍ଚିମବଙ୍ଗ ମହିଳା କମିସନ



■ ଭୁବନେଶ୍ୱର/ଜଳେଶ୍ୱର, ୧୨।୧୦ (ସମିସ): ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା ଦୁର୍ଗାପୁର ମେଡିକାଲ କଲେଜରେ ଦ୍ୱିତୀୟ ବର୍ଷର ଜଣେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ପୁଲିସ ଅଭିଯୁକ୍ତ ଅପୁ ବାଉରୀ (୨୧), ଫିର୍ଦ୍ଦୋଶ ଶେଖ୍ (୨୩) ଏବଂ ରିଆଜୁଦ୍ଦିନ (୩୧)କୁ ଗିରଫ କରିଛି। ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କ ସହ ସ୍ଥାନୀୟ କିଛି ଲୋକଙ୍କ ବୟାନ ଆଧାରରେ ମୋଟ ୫ ଜଣଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସମସ୍ତ ଅଭିଯୁକ୍ତ ମେଡିକାଲ କଲେଜକୁ ଲାଗିଥିବା ଅଞ୍ଚଳର ବୋଲି ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ମୋବାଇଲ ଟ୍ରାକିଂ କରି ପାରାନଗଞ୍ଜ ଜଙ୍ଗଲରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଘଟଣା ସମ୍ପର୍କରେ ଜାଣିବା ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଜେରା କରୁଛି। ଅନ୍ୟ ଦୁଇ ଜଣଙ୍କୁ ଗିରଫ କରିବା ପାଇଁ ଜଙ୍ଗଲ ମଧ୍ୟରେ ଡ୍ରୋନ୍ ସହାୟତାରେ ଖୋଜା ଚାଲିଛି।

ଏହି ଘଟଣାରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଦୁଇଜଣିଆ ଟିମ୍ ଦୁର୍ଗାପୁରରେ ପହଞ୍ଚି ପୀଡ଼ିତାଙ୍କ ବାପା-ମା'ଙ୍କୁ ସାକ୍ଷାତ କରି ଚିକିତ୍ସା ବ୍ୟବସ୍ଥାର ତଦାରଖ କରୁଛନ୍ତି। ପରିବାରଲୋକଙ୍କ ସନ୍ଦେହ ଥିବା ଛାତ୍ରୀଙ୍କ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା ଜାରି ରହିଛି। ଅପରାଧୀଙ୍କୁ ଚିହ୍ନଟ କରିବାକୁ କ୍ୟାମ୍ପସରେ ସିସିଟିଭି ଫୁଟେଜ୍ ଏବଂ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରାଯାଉଛି।

ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମହିଳା କମିସନ ▶ପୃଷ୍ଠା-୭

## ମମତାଙ୍କ ମନ୍ତବ୍ୟ ନେଇ ହଙ୍ଗାମା

■ ଦୁର୍ଗାପୁର, ୧୨।୧୦ (ଏଜେନ୍ସି): ଓଡ଼ିଶାର ଜଣେ ମେଡିକାଲ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମନ୍ତବ୍ୟକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ମହିଳାମାନେ ବିଳମ୍ବିତ ରାତିରେ ବାହାରେ ବୁଲିବା ଉଚିତ ନୁହେଁ ବୋଲି ସେ ଦେଇଥିବା ମନ୍ତବ୍ୟକୁ ବିଭିନ୍ନ ଦଳ ଓ ସଂଗଠନ ନିନ୍ଦା କରିଛନ୍ତି। ନାରୀମାନଙ୍କୁ ସୁରକ୍ଷା ଯୋଗାଇବାରେ ବିଫଳ ମମତା ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି।

**ନିନ୍ଦା କଲେ ବିରୋଧୀ ଦଳ**

ଏହି କାଣ୍ଡ ପାଇଁ ସମସ୍ତ ଦୋଷ ଦୁର୍ଗାପୁରର ସଂପୃକ୍ତ ଘରୋଇ ମେଡିକାଲ କଲେଜ ଉପରେ ଲଦି ଦେଇ ମମତା କହିଛନ୍ତି ଯେ ପିଲାମାନଙ୍କର ସୁରକ୍ଷା ଦାୟିତ୍ୱ ହେଉଛି କଲେଜର। ରାତି ସାଢ଼େ ୧୨ଟା ପରେ ସଂପୃକ୍ତ ଏମ୍‌ବିବିଏସ୍ ଛାତ୍ରୀ କଲେଜ କ୍ୟାମ୍ପସ ବାହାରକୁ କେମିତି ଗଲେ ବୋଲି ପ୍ରଶ୍ନ କରିଛନ୍ତି। ମଧ୍ୟରାତିରେ ପିଲାମାନଙ୍କୁ ବାହାରକୁ ଛାଡ଼ିବା ଉଚିତ ନୁହେଁ। ଆଇନଶୃଙ୍ଖଳା ପୁଲିସର ଦାୟିତ୍ୱ ଥିଲେ ମଧ୍ୟ ସବୁ ସ୍ଥାନରେ ଠିକ୍ ସମୟରେ ପହଞ୍ଚିବା ସମ୍ଭବ ନୁହେଁ। ଦୁର୍ଗାପୁରର ଯେଉଁ ▶ପୃଷ୍ଠା-୭

### ବିହାର ବିଧାନସଭା ନିର୍ବାଚନ

# ଏନ୍‌ଡିଏ ଆସନ ଭାଗବଣ୍ଟା



### ୧୦୧ ଲେଖାଏଁ ଆସନରେ ଲଢ଼ିବେ ବିଜେପି-ଜେଡିୟୁ

### ଚିରାଗଙ୍କୁ ୨୯, ମାନ୍‌ଝି ଓ କୁଶୱାହଙ୍କୁ ୬ ଲେଖାଏଁ ଆସନ

■ ନୂଆଦିଲ୍ଲୀ, ୧୨।୧୦ (ଏଜେନ୍ସି): ଆସନ୍ତା ମାସରେ ବିହାର ରାଜ୍ୟ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ କ୍ଷମତାସୀନ ଏନ୍‌ଡିଏ ଅଂଶୀଦାର ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ବିଜେପି ଏବଂ ନୀତୀଶ କୁମାରଙ୍କ ଜେଡିୟୁ ୧୦୧ ଲେଖାଏଁ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେଣ୍ଟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପିକୁ ମିଳିଛି ୨୯ଟି ଆସନ। ଆଜି ଏଠାରେ ଅନୁଷ୍ଠିତ ଏନ୍‌ଡିଏ ବୈଠକରେ ସହମତି ଭିତ୍ତିରେ ଏଭଳି ଆସନ ବୁଝାମଣା ହୋଇଛି ବୋଲି ବିଜେପିର ବିହାର ପ୍ରଭାରୀ ତଥା କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ 'ଏକ୍ସ'ରେ ସୂଚନା ଦେଇଛନ୍ତି।

ବୁଝାମଣା ଅନୁଯାୟୀ ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ଜେଡିୟୁ ଏବଂ ବିଜେପି ଉଭୟ ୧୦୧ ଲେଖାଏଁ ଆସନରେ ପ୍ରାର୍ଥୀ ଦେବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୨୦୦୫ ପରେ ପ୍ରଥମ ଥର ଲାଗି ଜେଡିୟୁ ଏବଂ ବିଜେପି ସମାନ ଆସନରେ ଲଢ଼ିବେ। ଏହାପୂର୍ବରୁ ଜେଡିୟୁ ସର୍ବଦା ବିଜେପି ଅପେକ୍ଷା ଅଧିକ ଆସନରେ ଲଢୁଥିଲା। ଗତ ୪ଟି ନିର୍ବାଚନରେ ଜେଡିୟୁ ବଡ଼ ଭାଇର ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା। ଗତ ୨୦୨୦ ନିର୍ବାଚନରେ ଜେଡିୟୁ ୧୧୫ଟିରେ ପ୍ରାର୍ଥୀ ଦେଇଥିବା ବେଳେ ବିଜେପି ୧୧୦ଟି ଆସନରେ ଲଢ଼ିଥିଲା। ▶ପୃଷ୍ଠା-୭

### ଆଜି ନୂଆପଡ଼ା ଉପନିର୍ବାଚନ ବିଜ୍ଞପ୍ତି; ଦ୍ୱୈତ ଦାୟିତ୍ୱରେ ଓଡ଼ିଶା ସିଇଓ

# ନିରପେକ୍ଷତାକୁ ନେଇ ପ୍ରଶ୍ନ

**ଚାପ ଯୋଗୁଁ ପ୍ରଭାବିତ ହୋଇପାରେ ଏସ୍‌ଆଇଆର୍**

■ ଭୁବନେଶ୍ୱର, ୧୨।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ସୋମବାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ଏହାପୂର୍ବରୁ ଉପନିର୍ବାଚନ ତାରିଖ ଘୋଷଣା ହେବା ସହିତ ସମଗ୍ର ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ ହୋଇସାରିଛି। ନିର୍ବାଚନ ପ୍ରକ୍ରିୟା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସର୍ବଦଳୀୟ ବୈଠକଠାରୁ ଆରମ୍ଭ କରି ବିଭିନ୍ନ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ୍ ଗୋପାଳନଙ୍କ "ଦ୍ୱୈତ ଦାୟିତ୍ୱ'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବରିଷ୍ଠ ଆଇଏଏସ୍ ଅଧିକାରୀ ବର୍ତ୍ତମାନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତୀକରଣ ବିଭାଗର ସଚିବ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପନିର୍ବାଚନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମୟରେ ମଧ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅନ୍ୟ ଏକ ସରକାରୀ ପଦବୀରୁ ▶ପୃଷ୍ଠା-୭

# ବିଜେପିରେ 'ପୋଷା ପୁଅ'; ନୂଆପଡ଼ାରେ ବିଭାଜନ

### ଦଳର ପୁରୁଣା ଓ ନିଷ୍ଠାପର କର୍ମୀଙ୍କୁ କରାଯାଉଛି ଅବହେଳା

### ବସନ୍ତ ଓ ପୁଅ ଅଭିନନ୍ଦନଙ୍କ ପଦକ୍ଷେପକୁ ନେଇ ଚିନ୍ତାରେ ଦଳ

### ଦଳୀୟ ପଦକ୍ଷେପକୁ ପ୍ରସନ୍ନ, ଯଦୁମଣିଙ୍କ ସମର୍ଥକଙ୍କ ବିରୋଧ

■ ଭୁବନେଶ୍ୱର, ୧୨।୧୦ (ସମିସ): ଘରେ ନ ପଶୁଣୁ ବିଜେପି ନେତାଙ୍କ ମୁଣ୍ଡରେ ଚାଳ ବାଜିଛି। ପରଲୋକଗତ ବିଜେଡି ନେତା ରାଜେନ୍ଦ୍ର ଢ଼ୋଲକିଆଙ୍କ ପୋଷ୍ୟ ପୁତ୍ର ଜୟ ଢୋଲକିଆଙ୍କୁ ଦଳରେ ମିଶାଇ ନୂଆପଡ଼ା ବାଜି ଜିତିବାକୁ ଯୋଜନା କରିଥିବା ବିଜେପିକୁ ଲାଗିଛି ବଡ଼ ଝଟ୍‌କା। ଜୟଙ୍କୁ ଦଳକୁ ଆଣି ଟିକଟ ଦେବା ପ୍ରସଙ୍ଗକୁ ବରିଷ୍ଠ ନେତାମାନେ ପସନ୍ଦ କରୁ ନ ଥିବାବେଳେ ନୂଆପଡ଼ାରୁ ଆଶାୟୀ ଥିବା ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ଦଳୀୟ ନେତାଙ୍କ ଚିନ୍ତା ବଢ଼ାଇଛି। ଦଳରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ନେତାଙ୍କୁ ଉପେକ୍ଷା କରାଯାଉଥିବା ସଂକ୍ରାନ୍ତରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ମନ୍ତବ୍ୟ ପୁଣିଥରେ ସତ୍ୟ ସାବ୍ୟସ୍ତ ହୋଇଛି। ଜୟଙ୍କ ଯୋଗଦାନ ବିଜେପି ପାଇଁ ରାସ୍ତା ସହଜ କରିବା ପରିବର୍ତ୍ତେ ଅଧିକ ଜଟିଳ କରିଛି। ନୂଆପଡ଼ା ସମେତ ରାଜ୍ୟବ୍ୟାପୀ କର୍ମୀ ମହଲରେ ଏପରି ମିଶ୍ରଣକୁ ନାପସନ୍ଦ କରିଛନ୍ତି।

ଜୟଙ୍କ ଯୋଗଦାନ ପୂର୍ବରୁ ଶନିବାର ବସନ୍ତ ପଣ୍ଡାଙ୍କ ସହ ଘଣ୍ଟା ଘଣ୍ଟା ଧରି କବାଟ କିଳା ଆଲୋଚନା କରିଥିଲେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରଥମେ ଜୟଙ୍କ ବିଜେପି ଯୋଗଦାନକୁ ପୂରାଜୋରରେ ବିରୋଧ କରିଥିଲେ ବସନ୍ତ। ନିଜ ପୁଅର ଭବିଷ୍ୟତକୁ ନେଇ ବସନ୍ତ ଚିନ୍ତା ପ୍ରକଟ କରିବା ସହ ଏପରି ମିଶ୍ରଣକୁ ସେ ଗ୍ରହଣ କରିପାରିବେ ନାହିଁ ବୋଲି ମନମୋହନ-ମାନସଙ୍କୁ ସଫାସଫା କହିଥିଲେ। ତେବେ ପୁଅଙ୍କୁ ଥଇଥାନ ସଂକ୍ରାନ୍ତରେ ନିର୍ଭର ପ୍ରତିଶ୍ରୁତି ଦେବା ପରେ ବସନ୍ତ ମିଶ୍ରଣ ସଭାକୁ ଆସିବା ସହ ମଞ୍ଚକୁ ଚଢ଼ିଥିଲେ। ମାତ୍ର ମିଶ୍ରଣ ପର୍ବ ପରେ ବିଭିନ୍ନ ଗଣଣାଧ୍ୟମକୁ ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ ▶ପୃଷ୍ଠା-୭

# ଆଜି ଉତ୍ତର ଓଡ଼ିଶାରୁ ମେଲାଣି ନେବ ମୌସୁମୀ

**ରାତିରେ ରାଜୁଡି କରିବ କୁହୁଡ଼ି ଓ କାକର**

■ ଭୁବନେଶ୍ୱର, ୧୨।୧୦ (ସମିସ): ସୋମବାର ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବିଦାୟ ନେବ। ମୁଖ୍ୟତଃ ଉତ୍ତର ଓଡ଼ିଶାରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇପାରେ। ଗତ ଦୁଇ ଦିନ ହେବ ରାଜ୍ୟରୁ ବର୍ଷାର ପରିମାଣ କମିଯାଇଛି। ଏହାସହିତ ଆଗକୁ ବିଶେଷ ପାଣିପାଗଜନିତ ନିୟାମକ ସକ୍ରିୟ ନ ଥିବାରୁ ବର୍ଷାର ସମ୍ଭାବନା ମଧ୍ୟ କମ୍ ରହିଛି। ତେଣୁ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଗ ଅନୁକୂଳ ହୋଇଛି।

ମୌସୁମୀ ପ୍ରତ୍ୟାବର୍ତ୍ତନ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବ। ମୌସୁମୀ ପ୍ରତ୍ୟାବର୍ତ୍ତନ ଯୋଗୁଁ ଆକାଶ ନିର୍ମଳ ରହିବ। ଦିନବେଳା ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ବାୟୁମଣ୍ଡଳରେ ଜଳୀୟବାଷ୍ପ କମିଯିବା ହେତୁ ତାପମାତ୍ରା ମଧ୍ୟ ହ୍ରାସ ପାଇବ। ଏହି ସମୟରେ ରାତିରେ କାକର ପଡ଼ିବା ସହ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କୁହୁଡ଼ି ମଧ୍ୟ ଦେଖିବାକୁ ମିଳିବ। ବର୍ତ୍ତମାନ ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୨୩-୨୫ ▶ପୃଷ୍ଠା-୭

# ଜାଲରେ ପଡ଼ିଲେ ୯୦ଟି ବିରଳ ତେଲିଆ ମାଛ

**କୋଟିଏ ଟଙ୍କାରେ କିଣିନେଲା ଔଷଧ କମ୍ପାନୀ**



■ ବାଲେଶ୍ୱର(ଉତ୍ତର), ୧୨।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସୀମାନ୍ତ ବଙ୍ଗୋପସାଗରକୁ ମାଛ ମାରିବାକୁ ଯାଇଥିବା ମତ୍ସ୍ୟଜୀବୀଙ୍କ ଜାଲରେ ଆଜି ବିରଳ ପ୍ରଜାତିର ତେଲିଆ(ଭୋଳା) ମାଛ ଲାଗିଛି। ଏହାର ମୂଲ୍ୟ ୧କୋଟି ଟଙ୍କାରୁ ଅଧିକ ବୋଲି ଜଣାପଡ଼ିଛି। ପଶ୍ଚିମବଙ୍ଗ ଦୀଘା ମୁହାଣରେ ଟ୍ରଲର୍ ଲାଗିବା ପରେ ଏହି ପ୍ରଜାତିର ୯୦ଟି ମାଛ ନିକଟସ୍ଥ ବଜାରକୁ ଆସିଥିଲା। ପ୍ରତ୍ୟେକ ମାଛର ଓଜନ ୩୦ରୁ ୩୫ କେଜି ହୋଇଥିଲା ବେଳେ ଏହା ଏକ କୋଟି ଟଙ୍କାରେ ନିଲାମ ହୋଇଥିଲା। କୋଲକାତାର ଏକ ଔଷଧ କମ୍ପାନୀ ଏହାକୁ କିଣି ନେଇଥିବା ଜଣାପଡ଼ିଛି। ଟ୍ରଲର୍‌ରୁ ମାଛଗୁଡ଼ିକ ଆସିବା ପରେ ଏହାକୁ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା। ସୂଚନାଯୋଗ୍ୟ, ଏହି ମାଛର ଚର୍ବି ଏବଂ ଅନ୍ୟାନ୍ୟ ଅଂଶ ବିଭିନ୍ନ ଜୀବନ ରକ୍ଷାକାରୀ ଔଷଧ ▶ପୃଷ୍ଠା-୭




# ପୁଣି ଥରେ ଉଦାହରଣ ସୃଷ୍ଟିକଲା କେରଳ




**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** କେରଳ ପୁଣି ଥରେ ଦେଶ ତଥା ସମ୍ପୂର୍ଣ୍ଣ ଦକ୍ଷିଣ ଏସିଆ ପାଇଁ ଉଦାହରଣ ସୃଷ୍ଟି କରିଛି। ସରକାର ଓ ସାମାଜିକ ଭାଗୀଦାରିରେ କେରଳ ପୁଣିଥରେ ଦେଶର ରୋଲ ମଡେଲ ହେବାକୁ ଯାଉଛି। ଦକ୍ଷିଣ ଭାରତର ଏହି ରାଜ୍ୟ ଅତି ଦାରିଦ୍ର୍ୟକୁ ହଟାଇବାରେ ସକ୍ଷମ ହୋଇଛି। ଅବଶ୍ୟ ଆସନ୍ତା ନଭେମ୍ବରରେ ଏ ନେଇ ଆନୁଷ୍ଠାନିକ ଘୋଷଣା ହେବ। ଅତି ଦାରିଦ୍ର୍ୟକୁ ହଟାଇବାରେ କେରଳ ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟର ମାନ୍ୟତା ପାଇବ। ଜାତିସଂଘ ଅନୁସାରେ ଦିନକୁ ୧୫୮.୧୦ ଟଙ୍କା ଆୟ କରୁଥିବା ବ୍ୟକ୍ତିଙ୍କୁ ଅତି ଦରିଦ୍ର ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ କହିଛନ୍ତି। କେରଳ ଖାଦ୍ୟ, ଆୟ, ସ୍ୱାସ୍ଥ୍ୟ ଓ ବାସଗୃହକୁ ଆଧାର କରି ବିଭିନ୍ନ ଯୋଜନା କରିଥିଲା ଓ ଏହାକୁ ମାନବୀୟ ଗାରିମାର ଆଖ୍ୟା ଦେଇଥିଲା। ଏହି ପ୍ରକ୍ରିୟାରେ ସାମାଜିକ ସଂଗଠନଗୁଡିକର ତରଫରୁ ଅଭୂତପୂର୍ବ ସହାୟତା ମିଳିଥିଲା। କେରଳରେ ୭୩ ହଜାର

## ଦକ୍ଷିଣ ଏସିଆର ପ୍ରଥମ ରାଜ୍ୟ ଭାବେ ହଟାଇଲା 'ଅତି ଦାରିଦ୍ର୍ୟ'

ମାଇକ୍ରୋ ଯୋଜନା କରିଥିଲା ଓ ବିଭିନ୍ନ ପରିବାରର ଆବଶ୍ୟକତା ଅନୁଯାୟୀ ସହାୟତା ପ୍ରଦାନ କରାଯାଇଥିଲା। ଏ ନେଇ ଖର୍ଚ୍ଚ ହେଉଥିବା ଅର୍ଥ ଓ ସାହାଯ୍ୟର ହିସାବ ମଧ୍ୟ ରଖାଯାଉଥିଲା। ୪ ବର୍ଷ ମଧ୍ୟରେ କେରଳ ଶେଷରେ ଏହି ଏଥିରେ ସଫଳତା ହାସଲ କରିଥିଲା।

୨୦୨୧ରେ ଲୋକଙ୍କୁ ଅତି ଦାରିଦ୍ର୍ୟରୁ ବାହର କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ଏଥିପାଇଁ ୧,୩୦୦ ସର୍ଭେୟରଙ୍କୁ ୧୪ଟି ଜିଲ୍ଲାରେ ନିୟୋଜିତ କରିଥିଲେ। ଯେଉଁ ଲୋକମାନେ ଖାଦ୍ୟ, ସ୍ୱାସ୍ଥ୍ୟ, ଆୟ ଓ ବାସଗୃହର ଅଭାବ ଦେଇ ଗତି କରୁଥିଲେ ସର୍ଭେୟରମାନେ ସେମାନଙ୍କୁ ଚିହ୍ନଟ କରିଥିଲେ। ଏହି ପ୍ରକ୍ରିୟାରେ ୱାର୍ଡ ଓ ବିଭିନ୍ନ ଡିଭିଜନର ଭାଗୀଦାରୀର ନାମାଙ୍କନ, ସବ-କମିଟି ଦ୍ୱାରା ସର୍ଟଲିଷ୍ଟିଂ, ମୋବାଇଲ ଆପ୍ ଦ୍ୱାରା ସାକ୍ଷାତକାର ଓ ଗ୍ରାମସଭା ଦ୍ୱାରା ଫାଇନାଲ ଭେରିଫିକେଶନକୁ ସାମିଲ କରାଯାଇଥିଲା। ଏହି କ୍ରମରେ ୧,୦୩, ୦୯୯ ଲୋକଙ୍କୁ ଚିହ୍ନଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୮୧ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିଲେ। ୨୪ ପ୍ରତିଶତ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାଥିଲା। ୨୧ ପ୍ରତିଶତ ଲୋକ ଖାଦ୍ୟାଭାବେ ଦେଇ ଗତି କରୁଥିଲେ। ୧୫ ପ୍ରତିଶତ ଲୋକଙ୍କୁ ପାଖରେ ବାସଗୃହ ନଥିଲା। ଏହାପରେ ମାଇକ୍ରୋ ପ୍ଲାନ ପ୍ରସ୍ତୁତ କରାଯାଇଥିଲା। କୋଟିୟମ ଜିଲ୍ଲାରେ ୯୭୮ ମାଇକ୍ରୋ ପ୍ଲାନ ସହ ଏହାର ଶୁଭାରମ୍ଭ କରାଯାଇଥିଲା। ଶେଷରେ ଏହା ପର୍ଯ୍ୟାୟ କ୍ରମେ ସଫଳତା ହାସଲ କରିଥିଲା।

# ପାକ୍-ଆଫଗାନ ସୀମାରେ ଲଢ଼େଇ

## କାବୁଲ ଏୟାର ଷ୍ଟ୍ରାଇକ୍‌ର ପ୍ରତିଶୋଧ ● ୫୮ ପାକ୍ ସୈନ୍ୟଙ୍କୁ ମାରିଲା ତାଲିବାନ



**କାବୁଲ,୧୨ ।୧୦(ଏଜେନ୍ସି):**

ଆଫଗାନ୍ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ଭାରତ ଗସ୍ତରେ ଥିବା ବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ସଂଘର୍ଷ ଚରମ ସୀମାର ପହଞ୍ଚିଛି। ପାକିସ୍ତାନ ବାୟୁସେନା ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିବା ପରେ ଆଫଗାନିସ୍ତାନ ଏହାର ପ୍ରତିଶୋଧ ନେଇଛି। ଏହି କ୍ରମରେ ଆଫଗାନିସ୍ତାନ ଆକ୍ରମଣରେ ପାକିସ୍ତାନର ୫୮ ଜଣ ସୈନ୍ୟ ନିହତ ହୋଇଛନ୍ତି ବୋଲି ଆଫଗାନିସ୍ତାନ ଦାବି କରିଛି। ଆଫଗାନିସ୍ତାନର ତାଲିବାନ ସରକାରଙ୍କ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ଏ ନେଇ ସୂଚନା ଦେଇଛନ୍ତି। କେବଳ ସେତିକି ନୁହଁ, ଆଫଗାନିସ୍ତାନ ପାକିସ୍ତାନର ୨୫ଟି ସେନା ପୋଷ୍ଟକୁ ମଧ୍ୟ ନିଜ କବ୍‌ଜାକୁ ନେଇଛି। ଆଫଗାନିସ୍ତାନ ଆକ୍ରମଣରେ ୩୦ଜଣ ପାକ୍

### କବ୍‌ଜାରେ ୨୫ ସେନା ପୋଷ୍ଟ

ସୈନ୍ୟ ମଧ୍ୟ ଆହତ ହୋଇଛନ୍ତି। ଅର୍ଦ୍ଧରାତିରେ ଆମର ଅପରେସନ ଶେଷ ହୋଇଛି। ଯଦି ପାକିସ୍ତାନ ପୁଣିଥରେ ଆଫଗାନିସ୍ତାନ ସୀମାର ଉଲ୍ଲଂଘନ କରେ ତେବେ ଆମେ ସେନା ଦେଶର ରକ୍ଷା ପାଇଁ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ରାଜଧାନୀ କାବୁଲ ଓ ଦେଶର ପୂର୍ବାଞ୍ଚଳର ଏକ ବଜାରରେ ପାକିସ୍ତାନ ବୋମା ଆକ୍ରମଣ କରିଛି ବୋଲି ଆଫଗାନ ଅଧିକାରୀମାନେ ଦାବି କରିଛନ୍ତି। ତେବେ ପାକିସ୍ତାନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହିଁ। ପାକିସ୍ତାନ ନିଜ ମାଟିରେ ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କୁ ଶରଣ ଦେଉଛି ବୋଲି ଆଫଗାନିସ୍ତାନ ଅଭିଯୋଗ କରିଛି। ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନ ସମେତ ପୂରା ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଛନ୍ତି ବୋଲି ମୁଜାହିଦ କହିଛନ୍ତି। ପାକିସ୍ତାନ ଏମାନଙ୍କୁ ବାହର କରୁ କିମ୍ବା ଆଫଗାନିସ୍ତାନକୁ ସମର୍ପି ଦେଉ ବୋଲି ସେ କହିଛନ୍ତି। ଆଫଗାନିସ୍ତାନରେ ହେଉଥିବା ଆକ୍ରମଣର ଷଡ଼ଯନ୍ତ୍ର ପାକିସ୍ତାନରେ ହେଉଛି ଓ ଏହାର ପ୍ରମାଣ ଆମ ପାଖରେ ରହିଛି ବୋଲି ସେ କହିଛନ୍ତି।

ଅପରପକ୍ଷରେ ଭାରତ ଭଳି ଆଫଗାନିସ୍ତାନକୁ କଡ଼ା ଜବାବ ଦିଆଯିବ ବୋଲି ପାକିସ୍ତାନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଆଫଗାନିସ୍ତାନ ୬ଟି ଭିନ୍ନ ସ୍ଥାନରେ ଆକ୍ରମଣ କରିଛି ବୋଲି ରେଡିଓ ପାକିସ୍ତାନ ତରଫରୁ କୁହାଯାଇଛି। ଏହି ସଂଘର୍ଷରେ ଆଫଗାନିସ୍ତାନର ୩ଟି ଡ୍ରୋନ୍‌କୁ ମାରି ଖସାଇ ଦିଆଯାଇଛି ବୋଲି ପାକିସ୍ତାନ ସେନା କହିଛି। ଉଲ୍ଲେଖଥାଉ କି, ୩ ଦିନ ତଳେ ପାକିସ୍ତାନ ଆଫଗାନିସ୍ତାନ ରାଜଧାନୀ କାବୁଲ ଉପରେ ଏୟାର ଷ୍ଟ୍ରାଇକ୍ କରିଥିଲା। ଏହାପରେ ଭାରତ ଗସ୍ତରେ ଆସିଥିବା ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ମୁତ୍ତାକି ପାକିସ୍ତାନକୁ ଏଭଳି ଖେଳିବା ବନ୍ଦ କରୁ ଓ ଆମକୁ ଉତ୍ତେଜିତ ନ କରୁ ବୋଲି କହିଥିଲେ। ସେପଟେ କତାର, ଇରାନ ଓ ସାଉଦି ଆରବ ସଂଯମ ଆଚରଣ ପ୍ରଦର୍ଶନ କରିବାକୁ ଉଭୟ ପାକିସ୍ତାନ ଓ ଆଫଗାନିସ୍ତାନକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନ ସେନା ଦାବି କରିଛି ଯେ ସେମାନଙ୍କ ଆକ୍ରମଣରେ ଆଫଗାନିସ୍ତାନ ୨୦୦ ତାଲିବାନ ସୈନ୍ୟ ପ୍ରାଣ ହରାଇଛନ୍ତି।

## ତାଲିବାନ ମନ୍ତ୍ରୀଙ୍କ ସାମ୍ବାଦିକ ସମ୍ମିଳନୀରେ ଆଗରେ ବସିଲେ ମହିଳା

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ରବିବାର ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ଏଥିରେ ମହିଳା ସାମ୍ବାଦିକଙ୍କୁ ଆମନ୍ତ୍ରଣ କରାଯାଇଥିଲା। ମହିଳା ସାମ୍ବାଦିକମାନେ ପ୍ରଥମ ଧାଡ଼ିରେ ହିଁ ବସିଥିଲେ। ଏହାପୂର୍ବରୁ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ଡକାଯାଇ ନଥିଲା ଓ ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ଗତ ସାମ୍ବାଦିକ ସମ୍ମିଳନୀରେ ମହିଳା ସାମ୍ବାଦିକଙ୍କୁ ନ ଡାକିବା ନେଇ ମୁତ୍ତାକି ସଫେଇ ଦେଇଥିଲେ। ସମୟ କମ୍ ଥିବାରୁ ସାମ୍ବାଦିକଙ୍କର ଏକ ଛୋଟିଆ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହା ଏକ ବୈଷୟିକ ତ୍ରୁଟି ବୋଲି କୁହାଯାଇପାରେ। ଏହା ପଛରେ ଅନ୍ୟ କୌଣସି କାରଣ ନଥିଲା ବୋଲି ମୁତ୍ତାକି ସ୍ପଷ୍ଟ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସେ ମହିଳାଙ୍କ ଶିକ୍ଷା, ଭାରତୀୟ ଦୂତାବାସ ପୁଣି ଆରମ୍ଭ କରିବା, ଭାରତ ସହିତ ବ୍ୟବସାୟ ଓ ବାଣିଜ୍ୟ ନେଇ ସାକାରାତ୍ମକ ଆଭିମୁଖ୍ୟ ପୋଷଣ କରିଥିଲେ।

## ଭାରତ- ଆଫଗାନ୍ ବିବୃତିକୁ ପାକିସ୍ତାନର ବିରୋଧ

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଅକ୍ଟୋବର ୧୦ରେ ଭାରତ ଓ ଆଫଗାନିସ୍ତାନ ଦେଇଥିବା ମିଳିତ ବିବୃତିକୁ ପାକିସ୍ତାନ କଡ଼ା ବିରୋଧ କରିଛି। ଆଫଗାନିସ୍ତାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକିଙ୍କ ଭାରତ ଗସ୍ତ ଅବସରରେ ନୂଆଦିଲ୍ଲୀରେ ଦୁଇଦେଶ ମିଳିତ ବିବୃତ୍ତି ଦେଇଥିଲେ। ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଏହି ବିବୃତି ନେଇ କଡ଼ା ଆପତ୍ତି କରାଯାଇଛି। କାଶ୍ମୀରକୁ ଭାରତ ଅଂଶ ବୋଲି ଏହି ବିବୃତ୍ତିରେ ଦର୍ଶାଯାଇଛି। ଏହା ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବର ଉଲ୍ଲଂଘନ ବୋଲି ପାକିସ୍ତାନ କହିଛି। ଏହି ମିଳିତ ବିବୃତିରେ ଜାମ୍ମୁ-କଶ୍ମୀରରେ ଗତ ଏପ୍ରିଲରେ ଜମ୍ମୁ-କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଆଫଗାନିସ୍ତାନ କଡ଼ା ଭାଷାରେ ନିନ୍ଦା କରିଥିଲା। ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ ପ୍ରାଣ ହରାଇଥିଲେ। ଦୁଇ ଦେଶ ସବୁ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲେ। ଏଥିସହ ଏହି ଅଞ୍ଚଳରେ ଶାନ୍ତି, ସ୍ଥିରତା ଓ ବିଶ୍ୱସନୀୟତା ସ୍ଥାପନ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ୪ ପିଲାଙ୍କୁ ବିଷ ଦେଇ ମା'ର ଆତ୍ମହତ୍ୟା

**ସିକର,୧୨ ।୧୦(ଏଜେନ୍ସି):** ରାଜସ୍ଥାନର ସିକରରେ ଗୋଟିଏ ପରିବାରରେ ୪ ପିଲାଙ୍କୁ ବିଷ ଦେଇ ଜଣେ ମା' ଆତ୍ମହତ୍ୟା କରିଛନ୍ତି। ମାଙ୍କ ସହ ୩ ପୁଅ ଓ ଗୋଟିଏ ଝିଅ ଫ୍ଲାଟ୍‌ରେ ବିଷ ଦ୍ୱାରା ଜୀବନ ହାରିଛନ୍ତି। ଘଟଣାସ୍ଥଳରେ ୧୦ଟି ବିଷ ପ୍ୟାକେଟ ଉଦ୍ଧାର କରାଯାଇଛି। ଏଥିମଧ୍ୟରୁ ୮ଟି ବ୍ୟବହୃତ ହୋଇଛି। ସେହିପରି ଏକ ପାନୀୟ ବିଷ ମଧ୍ୟ ମିଳିଛି ବୋଲି ପୁଲିସ କହିଛି। ପତିଙ୍କ ସହ ନ ପଡିବାରୁ କିରଣ ଓରଫ୍ ପିଙ୍କି ଚୌଧୁରୀ ନାମକ ଏହି ମହିଳା ଅଲଗା ରହୁଥିଲେ। ପିଙ୍କିଙ୍କ ବୟସ ୪୦। ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଥିଲେ। ତାଙ୍କ ଫ୍ଲାଟ ଗୋଟିଏ ସପ୍ତାହ ଧରି ବନ୍ଦ ଥିଲା ଓ ସେଠାରୁ ଦୁର୍ଗନ୍ଧ ଆସୁଥିଲା। ଫଳରେ ବିଲ୍ଡିଂରେ ରହୁଥିବା ଅନ୍ୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ପହଞ୍ଚି ଏହି ୫ଟି ମୃତଦେହ ଉଦ୍ଧାର କରିଥିଲା ଓ ଏଗୁଡିକ ପଚି ଯାଇଥିଲା। ପିଙ୍କି ଦୁଇଥର ବିବାହ କରିଥିଲେ। ପ୍ରଥମ ପତିଙ୍କୁ ସେ ୨୦୦୬ରେ ପ୍ରେମ ବିବାହ କରିଥିଲେ। କିନ୍ତୁ ୨୦୧୯ରେ ତାଙ୍କୁ ଛାଡ଼ପତ୍ର ଦେଇ ଆଉ ଜଣଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ପତିଙ୍କ ବିରୋଧରେ ସେ ଦୁଷ୍କର୍ମର ଅଭିଯୋଗ ଆଣିଥିଲେ ଓ ତାଙ୍କ ସହ ପିଙ୍କିଙ୍କର କୌଣସି ସମ୍ପର୍କ ନଥିଲା। ପ୍ରଥମ ପତି ଏମାନଙ୍କ ମୃତଦେହ ନେବାକୁ ମନା କରିଥିଲେ।

## ଏୟାର ଇଣ୍ଡିଆକୁ ଆରଏଟିର ଯାଞ୍ଚ ପାଇଁ ଡିଜିସିଏର ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ରବିବାର ଏୟାର ଇଣ୍ଡିଆକୁ ଏକ ନୂଆ ନିର୍ଦ୍ଦେଶନାମା ଜାରି କରିଛି। ଯେଉଁ ବୋଇଂ ୭୮୭ ବିମାନରେ କିଛିଦିନ ତଳେ ପାୱାର କଣ୍ଡିସନିଂ ମଡ୍ୟୁଲ (ପିସିଏମ୍) ବଦଳାଯାଇଛି, ସେହି ସବୁ ବିମାନର ରାମ ଏୟାର ଟର୍ବାଇନ୍ (ଆରଏଟି)ର ଷ୍ଟୋୱେଜ (ଫିଟିଂ ଆଣ୍ଡ କଣ୍ଡିସନ)ର ଦ୍ୱିତୀୟଥର ପାଇଁ ଯାଞ୍ଚ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ଏୟାର ଇଣ୍ଡିଆର ଦୁଇଟି ବୋଇଂ ୭୮୭ ବିମାନରେ ହୋଇଥିବା ବୈଷୟିକ ଘଟଣା ଓ ଏୟାର ଇଣ୍ଡିଆର ସବୁ ୭୮୭ ଡ୍ରିମଲାଇନର ବିମାନଗୁଡିକର ଗ୍ରାଉଣ୍ଡ କରିବା ନେଇ ଫେଡେରେସନ ଅଫ୍ ଇଣ୍ଡିଆନ ପ୍ଲାଇଟ୍ସ (ଏଫ୍ଆଇପି)ର ଦାବି ପରେ ଡିଜିସିଏ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ଏହି ନିର୍ଦ୍ଦେଶ ଦେଇଛି। ଅମେରିକୀୟ ବିମାନ ନିର୍ମାତା ବୋଇଂ ମଧ୍ୟ ଏହି ଭଳି ଘଟଣାକୁ ରୋକିବାକୁ ଅବଲମ୍ବନ କରିଥିବା ବିଭିନ୍ନ ଉପାୟ ନେଇ ଡିଜିସିଏ ସବିଶେଷ ରିପୋର୍ଟ ତଲବ କରିଛି। ଏହା ବ୍ୟତୀତ ବିଶ୍ୱବ୍ୟାପୀ ବୋଇଂ ୭୮୭ ସିରିଜର ବିମାନରେ ଏହି ଭଳି ଅନକମାଣ୍ଡ ଆରଏଟି ଡିପ୍ଲୟମେଣ୍ଟର ବିଭିନ୍ନ ଘଟଣା ସମ୍ପୂର୍ଣ୍ଣ ତଥ୍ୟ ଡିଜିସିଏ ମାଗିଛି। ପିସିଏମ୍ ମଡ୍ୟୁଲ ବଦଳାଇବା ପରେ ଦେଖାଦେଇଥିବା ସର୍ଭିସ ଡିଫିକଲ୍ଟିର ରିପୋର୍ଟର ସୂଚନା ମଧ୍ୟ ମଗାଯାଇଛି।

## ଅପରେସନ ବ୍ଲୁ-ଷ୍ଟାର୍ ଥିଲା ଭୁଲ୍ ନିଷ୍ପତ୍ତି: ଚିଦାମ୍ବରମ୍

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମ ଅପରେସସନ ବ୍ଲୁ-ଷ୍ଟାର୍ ନେଇ ଏକ ବିସ୍ଫୋରକ ମନ୍ତବ୍ୟ ଦେଇଛନ୍ତି। ସେହି କହିଛନ୍ତି ଯେ, '୧୯୮୪ ଜୁନ୍‌ରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ବାହାରକୁ ବାହାର କରିବା ପାଇଁ ଅପରେସନ ବ୍ଲୁ-ଷ୍ଟାର୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଏହି ନିଷ୍ପତ୍ତି ଭୂଲ୍ ଥିଲା। ଏଥିପାଇଁ ଇନ୍ଦିରା ଗାନ୍ଧୀଙ୍କୁ ଜୀବନ ଦେବାକୁ ପଡ଼ିଥିଲା। କିନ୍ତୁ ଏହି ନିଷ୍ପତ୍ତି କେବଳ ତାଙ୍କର ନଥିଲା। ଏଥିରେ ସେନା, ପୁଲିସ, ଗୁଇନ୍ଦା ଓ ପ୍ରଶାସନିକ ଅଧିକାରୀମାନେ ମିଳିତ ଭାବେ ଏହି ନିଷ୍ପତ୍ତି ନେଇଥିଲେ'। ହିମାଚଳ ପ୍ରଦେଶର କାସାଉଲିରେ ଶନିବାର ଆୟୋଜିତ 'ଖୁସୱନ୍ତ ସିଂହ ଲିଟେରେଚର ଫେଷ୍ଟିଭାଲ୍'ରେ ଯୋଗ ଦେଇ ସେ ଏହି କଥା କହିଛନ୍ତି। ଜଣାଶୁଣା ସାମ୍ବାଦିକ ହରିନ୍ଦର ବାବେଜାଙ୍କ ବହି 'ଦେ ୱିଲ ସୁଟ୍ ୟୁ ମ୍ୟାଡାମ'କୁ ନେଇ ହୋଇଥିବା ଆଲୋଚନାରେ ସେ ବ୍ଲୁ-ଷ୍ଟାର୍ ବିଷୟରେ ଆଲୋକପାତ କରି ଏହି କଥା କହିଥିଲେ। ସ୍ୱର୍ଣ୍ଣ ମନ୍ଦିରକୁ ଫେରି ପାଇବାର ଏହି ପ୍ରକ୍ରିୟା ନିହାତି ଭୁଲ ଥିଲା। ତେବେ ଏଥିପାଇଁ କୌଣସି ସେନା ଅଧିକାରୀଙ୍କୁ ଅପମାନ କରିବାକୁ ଚାହୁଁନାହିଁ ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍‌କୁ ନେଇ ଗତ ୬ ମାସ ମଧ୍ୟରେ ଦ୍ୱିତୀୟଥର ପାଇଁ ବଡ଼ ମନ୍ତବ୍ୟ ଦିଆଯାଇଛି। ଏହା ପୂର୍ବରୁ ଗତ ମେ ୪ରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲଙ୍କ ଗାନ୍ଧୀଙ୍କ ଏକ ଭିଡିଓ ଭାଇରାଲ ହୋଇଥିଲା। ଏଥିରେ ସେ ଅପରେସନ ବ୍ଲୁ-ଷ୍ଟାର୍ ଏକ ଭୁଲ ବୋଲି ସ୍ୱୀକାର କରିଥିଲେ। ୮୦ ଦଶକରେ ଯେଉଁ ତ୍ରୁଟି ହୋଇଥିଲା ତା'କୁ ସ୍ୱୀକାର କରିବାକୁ ରାଜି ଅଛି ବୋଲି ସେ କହିଥିଲେ। ଅପରେସନ ବ୍ଲୁ-ଷ୍ଟାର୍ ପରେ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କ ଶିଖ ଦେହରକ୍ଷୀମାନେ ଗୁଳିକରି ହତ୍ୟା କରିଥିଲେ। ଏହାପରେ ସାରା ଭାରତରେ ଶିଖ ବିରୋଧୀ ଦଙ୍ଗା ହୋଇଥିଲା ଓ ଏଥିରେ ୩,୦୦୦ ଶିଖଙ୍କୁ ହତ୍ୟା କରାଯାଇଥିଲା।



'ଏଥିପାଇଁ ଇନ୍ଦିରାଙ୍କୁ ଜୀବନ ଦେବାକୁ ପଡ଼ିଥିଲା'

## ବର୍ଦ୍ଧମାନ ଷ୍ଟେସନରେ ଦଳାଚକଟା: ୧୨ ଆହତ

**କୋଲକାତା,୧୨ ।୧୦(ଏଜେନ୍ସି):** ପଶ୍ଚିମବଙ୍ଗର ବର୍ଦ୍ଧମାନ ରେଳ ଷ୍ଟେସନରେ ରବିବାର ସନ୍ଧ୍ୟାରେ ହୋଇଥିବା ଦଳାଚକଟାରେ ଅତିକମ୍‌ରେ ୧୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ୪, ୬ ଓ ୭ ନଂ ପ୍ଲାଟ୍‌ଫର୍ମରେ ଏକାସଙ୍ଗେ ୩ଟି ଟ୍ରେନ୍ ଛିଡ଼ା ହୋଇଥିଲା। ନିଜ ଟ୍ରେନ୍ ଧରିବାକୁ ୩ଟି ଟ୍ରେନ୍‌ର ଯାତ୍ରୀ ଫୁଟ୍ ଓଭର ବ୍ରିଜ୍‌ରେ ଦୌଡ଼ିବାକୁ ଲାଗିଥିଲେ। ଫଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା ଓ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା। ଶେଷରେ ଏହା ଦଳଚକଟାର ରୂପ ନେଇଥିଲା। ଆହତଙ୍କୁ ରେଳବାଇର ଉଦ୍ଧାରକାରୀ ଦଳ ବର୍ଦ୍ଧମାନ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି ଘଟଣା ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିଛିବର୍ଷ ତଳେ ଏହି ଷ୍ଟେସନରେ ଏକ ପାଣି ଟାଙ୍କି ଭୁଶୁଡିବା ଫଳରେ ଏକାଧିକ ଲୋକ ମୃତ୍ୟୁବରଣ କରିଥିଲେ।



## ଦିଲ୍ଲୀ ଜୈନ ମନ୍ଦିରରୁ ୪୦ ଲକ୍ଷ ଟଙ୍କାର ସୁନା କଳସ ଚୋରି

**ନୂଆଦିଲ୍ଲୀ,୧୨ ।୧୦(ଏଜେନ୍ସି):** ଉତ୍ତରପୂର୍ବ ଦିଲ୍ଲୀର ଜ୍ୟୋତିନଗରରେ ଜୈନ ମନ୍ଦିରରୁ ଏକ ବଡ଼ ଧରଣର ଚୋରି ଘଟଣା ସାମ୍ନାକୁ ଆସିଛି। ସୁନା ପ୍ଲେଟ ଦିଆଯାଇଥିବା ୪୦ ଲକ୍ଷ ଟଙ୍କାର ଏକ କଳସ ମନ୍ଦିରରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଲୋକ ଯେତେବେଳେ କର୍ବାଚୌଥର ବ୍ରତ ପାଳନ କରୁଥିଲେ ସେତେବେଳେ ମନ୍ଦିରର କଳସ ଚୋରି ଘଟଣା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହି କଳସର ଓଜନ ୨୫ରୁ ୩୦ କେଜି ଥିଲା। ମନ୍ଦିରର ଶିଖରରେ ଥିବା ୪୦ ଲକ୍ଷ ଟଙ୍କାର ଏହି କଳସ ଚୋରି ହୋଇଛି ବୋଲି ପୁଲିସ କହିଛି। ତମ୍ବାରେ ତିଆରି ଏହି କଳସ ସୁନା ଦ୍ୱାରା ଆଚ୍ଛାଦିତ ହୋଇଥିଲା। ପୂର୍ବରୁ ମଧ୍ୟ ଲାଲକିଲ୍ଲା ନିକଟରେ ଏକ ଜୈନ ଧାର୍ମିକ ସମାରୋହରେ ପାଖାପାଖି ଏକ କୋଟି ଟଙ୍କା ମୂଲ୍ୟର ଜିନିଷ ଚୋରି ହେବା ଘଟଣା ସାମ୍ନାକୁ ଆସିଥିଲା। ଏହାର କିଛି ଦିନ ପରେ ହିଁ ଏହି ଘଟଣା ଘଟିଛି ବୋଲି ପୁଲିସ କହିଛି। ଜଣେ ବ୍ୟକ୍ତି ବିଜୁଳି ତାରକୁ ବ୍ୟବହାର କରି ମନ୍ଦିର ଛାତ ଉପରେ ଚଢ଼ିବା ପରେ ଶିଖରରେ ପହଞ୍ଚିଥିଲେ ଓ କଳସକୁ ନେଇ ପଳାଇଯାଇଥିଲେ। ଶନିବାର ସକାଳେ ଶିଖରରେ କଳସକୁ ଦେଖିବାକୁ ନ ପାଇବାରୁ ଲୋକେ ମନ୍ଦିର ପ୍ରଶାସନକୁ ସୂଚନା ଦେଇଥିଲେ। ରାତି ୧୧.୪୫ରେ ଜଣେ ଯୁବକ ମନ୍ଦିର ବାହାରେ ବୁଲୁଥିବାର ସିସିଟିଭି କ୍ୟାମେରାରେ ଦେଖାଯାଇଥିଲା। ସେ ଉପରକୁ ଚଢ଼ି କଳସ ନେଇଯାଇଛି ବୋଲି ପୁଲିସ କହିଛି। ଏବେ ଏହି ଘଟଣା ନେଇ ମାମଲା ରୁଜୁ କରାଯାଇଛି।

## ଆଜି ମୁକ୍ତ ହେବେ ଇସ୍ରାଏଲ ପଣବନ୍ଦୀ; ଶାନ୍ତି ଚୁକ୍ତି ବୈଠକରେ ଟ୍ରମ୍ପ ଉପସ୍ଥିତ



**ଗାଜା,୧୨ ।୧୦(ଏଜେନ୍ସି):**

ଗାଜା ଅସ୍ତ୍ରବିରତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ଅନୁସାରେ ସୋମବାର ସକାଳେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହିକ୍ରମେ ୨୦ ଜୀବିତ ବ୍ୟକ୍ତି ଓ ୨୮ଟି ମୃତଦେହ ହମାସ ତରଫରୁ ଇସ୍ରାଏଲ୍‌କୁ ହସ୍ତାନ୍ତର କରାଯିବ। ଅନ୍ୟପଟେ ଇସ୍ରାଏଲ ଗାଜାରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବା ପ୍ରକ୍ରିୟା ଆରମ୍ଭ କରିଛି। ଏହାପରେ ପଣବନ୍ଦୀଙ୍କୁ ଫେରାଇବା ପାଇଁ ହାମାସକୁ ୭୨ ଘଣ୍ଟା ସମୟ ଦିଆଯାଇଛି। ଇସ୍ରାଏଲ ମଧ୍ୟ ୨,୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ମୁକ୍ତ କରିବ। ଏହି ପ୍ରକ୍ରିୟାକୁ ଅନ୍ତର୍ଜାତୀୟ ରେଡକ୍ରସ୍ ତଦାରଖ କରିବ ବୋଲି କୁହାଯାଇଛି। ଯଦି ସ୍ଥିତି ଅନୁକୂଳ ହୁଏ, ତେବେ ରବିବାର ରାତିରୁ ପଣବନ୍ଦୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ ହୋଇପାରେ ବୋଲି କୁହାଯାଇଛି।

ପୁଣି ସୋମବାର ଇଜିପ୍ଟରେ ଗାଜା ଯୁଦ୍ଧ ସମାପ୍ତ କରିବା ଚୁକ୍ତି ନେଇ ଚର୍ଚ୍ଚା ହେବ। ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ବିଶ୍ୱର ୨୦ରୁ ଅଧିକ ନେତା ଅଂଶଗ୍ରହଣ କରିବେ। କିନ୍ତୁ ସୋମବାର ହେବାକୁ ଥିବା ଗାଜା ଶାନ୍ତି ଚୁକ୍ତିର ଆନୁଷ୍ଠାନିକ ସମାରୋହରେ ସାମିଲ ହେବାକୁ ହମାସ ମନା କରିଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଇଥିବା ଯୋଜନାରେ କିଛି ଅଂଶ ସହ ଆମେ ସହମତ ନୁହଁ ବୋଲି ହମାସର ବରିଷ୍ଠ ନେତା ହୋସାମ ବଦ୍ରାନ୍ କହିଛନ୍ତି। ଇଜିପ୍ଟରେ ଆୟୋଜନ ହେବାକୁ ଥିବା ଶାନ୍ତି ଚୁକ୍ତିରେ ଭାରତ ପକ୍ଷରୁ ବୈଦେଶିକ ରାଜ୍ୟମନ୍ତ୍ରୀ କୀର୍ତ୍ତି ବର୍ଦ୍ଧନ ସିଂ ସାମିଲ ହେବେ। ଏହି ଶାନ୍ତି ଚୁକ୍ତି ବୈଠକ ଲୋହିତ ସାଗରର ମନୋରମ ରିସୋର୍ଟ ଶର୍ମ-ଅଲ ଶେଖରେ ଆୟୋଜନ ହେବ। ଏଥିରେ ଯୋଗଦେବାକୁ ଆମେରିକା ସ୍ପେନ୍, ଜାପାନ, ଆଜରବୈଜାନ, ହଙ୍ଗେରୀ, ଅଲ ସାଲଭାଡୋର, ସାଇପ୍ରସ, ଗ୍ରୀସ୍, ବାହରିନ, କୁଏତ ଓ କାନାଡ଼ା ସମେତ ଅନ୍ୟ ଦେଶଗୁଡିକର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରିଛି। ସୋମବାର ଟ୍ରମ୍ପ ଇସ୍ରାଏଲ ପହଞ୍ଚି ସଂସଦ ନେସେଟକୁ ସମ୍ବୋଧିତ କରିବେ। ବନ୍ଦକଙ୍କୁ ମୁକ୍ତି କରିବାର ପ୍ରକ୍ରିୟା ଅବସରରେ ସେ ଇସ୍ରାଏଲରେ ରହିବେ ଓ ସେ ସବୁ ପଣବନ୍ଦୀଙ୍କୁ ଭେଟିବେ ବୋଲି ଅନୁମାନ କରାଯାଉଛି।

# ପୀତବାସଙ୍କ ମୋବାଇଲରୁ ଖୋଲୁଛି ସାଂଘାତିକ ରହସ୍ୟ!

ବ୍ରହ୍ମପୁର,୧୨।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟାକୁ ୭ ଦିନ ବିତିବାକୁ ବସିଥିଲେ ହେଁ ଏଯାଏ ପୁଲିସ ହାତରେ ସେମିତି କିଛି ଠୋସ୍ ସୁରାକ୍ ଲାଗିନାହିଁ। କିଏ ଓ କାହିଁକି ହତ୍ୟା କଲା, ତା'ର ଖିଅ ପାଉନି ପୁଲିସ। ଅନ୍ଧାରରେ ବାଡ଼ି ବୁଲାଇବା ଭଳି ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଏପରିସ୍ଥଳେ, ପୁଲିସ ହେପାଜତରେ ଥିବା ପୀତବାସଙ୍କ ଦୁଇଟି ମୋବାଇଲରୁ କିଛି ସାଂଘାତିକ ରହସ୍ୟ ପୁଲିସକୁ ମିଳିଛି। ଏକାଧିକ ମହିଳା ବନ୍ଧୁଙ୍କ ସହ ସମ୍ପର୍କ ଓ ସେମାନଙ୍କ ମଧ୍ୟରେ ତିକ୍ତତା ହତ୍ୟାର ଏକ କାରଣ ହୋଇଥାଇପାରେ ବୋଲି କୁହାଯାଉଛି। କଲ୍-ଡିଟେଲ୍ସ-ରିପୋର୍ଟ (ସିଡିଆର୍) ଆଧାରରେ ପୁଲିସ ୨ଜଣ ମହିଳାଙ୍କୁ ପଚରାଉଚରା କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ଆଗକୁ ଅନ୍ୟମାନଙ୍କୁ ମଧ୍ୟ ପଚରାଉଚରା କରାଯାଇପାରେ। ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ପୁଲିସ ସାମାନ୍ୟତମ କୌଣସି ସୁରାକ୍‌କୁ ହାତଛଡ଼ା କରିବାକୁ ଚାହୁଁନାହିଁ।

ସିସିଟିଭି ଫୁଟେଜ୍ ଆଧାରରେ ସନ୍ଦିଗ୍ଧଙ୍କ ନିକଟତର ହେବାକୁ ପୁଲିସ ପ୍ରୟାସ ଜାରି ରଖିଥିବା ବେଳେ ପୀତବାସଙ୍କ ସଂସ୍ପର୍ଶରେ ରହୁଥିବା ବ୍ୟକ୍ତିବିଶେଷଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କଠାରୁ ତଥ୍ୟ ହାସଲ ପାଇଁ ଉଦ୍ୟମ ଜାରି ରହିଛି। ସେଥିମଧ୍ୟରେ ପୀତବାସଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ସମେତ ଏକାଧିକ ଆଇନଜୀବୀ ମଧ୍ୟ ଅନ୍ତର୍ଭୁକ୍ତ। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ ପଚରାଉଚରା କରାଯାଉଛି। ସେହିଭଳି, ଘଟଣା ଦିନ ଉପସ୍ଥିତ ଥିବା ତଥା ପୀତବାସଙ୍କୁ ହସ୍ପିଟାଲକୁ ନେଇଥିବା



■ ସମ୍ପର୍କ ଓ ତିକ୍ତତାର କାରଣ ଖୋଜୁଛି ପୁଲିସ, ୨ ଜଣଙ୍କୁ ଜେରା
■ ତାଲିକାରେ ଘନିଷ୍ଠ ସହଯୋଗୀ, ସାମ୍ବାଦିକ, ଆଇନଜୀବୀ
■ ମୁକୁଳିଲେ ଅଟକ ଦୁଇ ଯବାନ, ପରିବାର ଲୋକେ ଆଶ୍ୱସ୍ତ

ଯୁବକ ଓ ଭିଡିଓ ଉତ୍ତୋଳନ କରିଥିବା ସାମ୍ବାଦିକଙ୍କୁ ମଧ୍ୟ ଏକାନ୍ତରେ ପଚରାଉଚରା କରିଥିବା ଜଣାପଡ଼ିଛି।

ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ବାଲାଜୀ ରେଡ୍ଡୀଙ୍କ ଘର ଓ କ୍ରସର ଓ ତତ୍‌ସଂଲଗ୍ନ ଜମି ତାଙ୍କ ଅଗୋଚରରେ ହଡ଼ପ ହୋଇଥିବା ଭଳି ନୂଆ ତଥ୍ୟ ପଦାକୁ ଆସୁଛି। ଏହାକୁ ପୁଲିସ ତଦନ୍ତ ପରିସରଭୁକ୍ତ କରିଛି।

ଅପରପକ୍ଷେ, ପୁଲିସ କବ୍‌ଜାରେ ଅଟକ ୨ ଯବାନଙ୍କୁ ସନ୍ଦେହ ଦୂର ପରେ ଛାଡ଼ି ଦିଆଯାଇଛି। ଯବାନଦ୍ୱୟ ଦୁଇ ବନ୍ଧୁ ଏବଂ ସେମାନେ କୁମାର ପୂର୍ଣ୍ଣିମା ଅବସରରେ ତାସ୍ ଖେଳିବାକୁ ଏକାଠି ହୋଇଥିଲେ। ପ୍ରଥମେ ସେମାନେ ଖାଇବା ଆଣିବାକୁ ନନ୍ଦନ ହୋଟେଲକୁ ଯାଇଥିଲେ। କିନ୍ତୁ ସେତେବେଳକୁ ସେଠାରେ ପାର୍ସଲ ବ୍ୟବସ୍ଥା ବନ୍ଦ ହୋଇସାରିଥିଲା। ପରେ ସେମାନେ ଭୂପତି ହୋଟେଲକୁ ଯାଇଥିଲେ। ସେମାନଙ୍କ ସମ୍ମୁଖରେ ପୀତବାସ ନିଜ ବାଇକ୍‌ରେ ଯାଉଥିଲେ। ଯାହା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଯବାନଙ୍କ ଗାଡ଼ି ପୀତବାସଙ୍କୁ ପିଛା କରୁଥିବା ଭଳି ଭ୍ରମ ସୃଷ୍ଟି କରିଥିଲା। ପରେ ସମସ୍ତେ ଭୂପତି ହୋଟେଲକୁ ଯାଇ ସେଠାରୁ ଖାଦ୍ୟ ପାର୍ସଲ ନେଇଥିଲେ। ସେଠାରେ ପୁଣି ସମସ୍ତଙ୍କ ଫୁଟେଜ ସିସିଟିଭିରେ କଏଦ୍ ହୋଇଥିଲା। ଏହାକୁ ପୁଲିସ ତଦନ୍ତ ବେଳେ ସନ୍ଦେହ କରିଥିଲା। ତେବେ, ଘଟଣା ସହ କାହାରି କୌଣସି ପ୍ରକାରର ସମ୍ପର୍କ ନଥିଲେ ହେଁ ହତ୍ୟାକାଣ୍ଡ ଭଳି ଘଟଣାରେ ସମସ୍ତଙ୍କୁ ଅଟକ ରଖାଯାଇଥିବାରୁ ସେମାନଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ସେପଟେ କାଳେ ତାସ ଖେଳ କଥା ପଦାରେ ପଡ଼ିଯିବ, ସେନେଇ ମଧ୍ୟ ଯବାନଦ୍ୱୟ ବିବ୍ରତ ହୋଇପଡ଼ିଥିଲେ। ଜେରା ବେଳେ ପୁଲିସକୁ ବାରମ୍ବାର ମିଥ୍ୟା ତଥ୍ୟ ଦେଇ ଅଯଥାରେ ହରଡ଼ଘଣାରେ ପଡ଼ିଥିଲେ। ସନ୍ଦେହ ଦୂର ହେବା ପରେ ଉଭୟେ ମୁକୁଳିବା ସହ ଆଶ୍ୱସ୍ତ ହୋଇଛନ୍ତି।

**ସପ୍ତାହକ ପରେ ବିଜେପି ପକ୍ଷରୁ ଶୋକସଭା**

# ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅନୁପସ୍ଥିତିକୁ ନେଇ ଚର୍ଚ୍ଚା

ବ୍ରହ୍ମପୁର, ୧୨।୧୦ (ସମିସ): ବିଳମ୍ବରେ ହେଲେ ପଛେ, ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ବିଜେପି ନେତା ତଥା ଆଇନଜୀବୀ ପୀତବାସ ପଣ୍ଡାଙ୍କ ଦେହାନ୍ତରେ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ହିଲପାଟଣାସ୍ଥିତ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଂଜନ ଦ୍ୟାନସାମନ୍ତରା ଓ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀଙ୍କ ସହ ବହୁ ଆଇନଜୀବୀ ସାମିଲ ହୋଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପ୍ରଦାନ କରି ସ୍ମୃତିଚାରଣ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା। ତେବେ ଏହି ସଭାରେ ପୀତବାସଙ୍କ ଅତ୍ୟନ୍ତ ଘନିଷ୍ଠ କୁହାଯାଉଥିବା ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅନୁପସ୍ଥିତିକୁ ନେଇ ଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି।

ସ୍ମୃତିସଭାରେ ଓକିଲାତି ପେସାରେ ପୀତବାସଙ୍କ ଗୁରୁତୁଲ୍ୟ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀ ଚକ୍ରାନ୍ତକାରୀଙ୍କୁ ଅଭିଶାପ ଦେଇଥିଲେ। ଯେଉଁମାନେ ସିଧାସଳଖ ହତ୍ୟାକାଣ୍ଡରେ ଜଡ଼ିତ, ସେମାନେ କେବଳ ମୋହରା। ତେଣୁ, ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ବୋଲି ସେ କହିଛନ୍ତି।

ସେପଟେ, ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି କାହ୍ନୁଚରଣ ପତିଙ୍କ ଅପରିପକ୍ୱ ବକ୍ତବ୍ୟ ଉପସ୍ଥିତ ଦଳୀୟ କର୍ମୀ ଓ ନେତାଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଥିଲା। କାହ୍ନୁ କହିଥିଲେ ଯେ ପୀତବାସଙ୍କୁ ହତ୍ୟା ପାଇଁ ସୁଚିନ୍ତିତ ଯୋଜନା କରାଯାଇଥିଲା। ଗତ ୨୬



■ ଷଡ଼ଯନ୍ତ୍ରକାରୀଙ୍କୁ ବରିଷ୍ଠ ଆଇନଜୀବୀ ଶିଶିର ପାଢ଼ୀଙ୍କ ଅଭିଶାପ
■ କାହ୍ନୁଙ୍କ ଅପରିପକ୍ୱ ମନ୍ତବ୍ୟକୁ ନେଇ ଅସନ୍ତୋଷ
■ ସ୍ମୃତିଚାରଣ କଲେ ଦଳୀୟ ନେତା, ବିଧାୟକ ଓ ଆଇନଜୀବୀ;
■ ସମସ୍ତଙ୍କର ଗୋଟିଏ ଦାବି; 'ମୋହରା'ଙ୍କୁ ନୁହେଁ, ପ୍ରକୃତ ଷଡ଼ଯନ୍ତ୍ରକାରୀଙ୍କ ବିରୋଧରେ ହେଉ ଦୃଢ଼ କାର୍ଯ୍ୟାନୁଷ୍ଠାନ

ତାରିଖରୁ ପୀତବାସଙ୍କୁ ପିଛା କରାଯାଇ ଶେଷରେ ୬ ତାରିଖ ରାତିରେ ହତ୍ୟା କରାଯାଇଥିଲା। କେବଳ ସେତିକି ନୁହେଁ, ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ପଡ଼ୋଶୀ ଆନ୍ଧ୍ରରୁ ଆସିଥିଲା। ଏଥିରେ ପୂର୍ବର ଏକ ହତ୍ୟାକାଣ୍ଡରୁ ଖସି ଯାଇଥିବା ଅଭିଯୁକ୍ତଙ୍କ ସମ୍ପୃକ୍ତି ଅଛି। ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପୀତବାସଙ୍କ ନିକଟରେ ଥିବାରୁ ସେଗୁଡ଼ିକୁ ହାସଲ କରିବାକୁ ଏହି ହତ୍ୟାକାଣ୍ଡ କରାଯାଇଥିବା ବେଳେ ହତ୍ୟାକାରୀମାନେ ପୀତବାସଙ୍କଠାରୁ ଉକ୍ତ ତଥ୍ୟ ଛଡ଼ାଇ ନେଇଥିବା କାହ୍ନୁ ଶୋକସଭାରେ ଓ ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟାରେ କହିଛନ୍ତି। ଗୋଟିଏପଟେ, ଏକ ସମ୍ବେଦନଶୀଳ ଘଟଣାରେ ପୁଲିସର ତଦନ୍ତ ଜାରି ରହିଥିବା ବେଳେ କାହ୍ନୁଙ୍କ ଭଳି ବରିଷ୍ଠ ରାଜନେତାଙ୍କ ଏଭଳି ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଖୋଦ୍ ବିଜେପିର କେତେକ ନେତା।

ପୀତବାସଙ୍କ ସ୍ମୃତିରେ ଦଳ ପକ୍ଷରୁ ଶୋକସଭାର ଆୟୋଜନରେ ବିଳମ୍ବ ହୋଇଥିଲେ ହେଁ ରବିବାର ଆୟୋଜନ ପାଇଁ ନିଷ୍ପତ୍ତି ହୋଇଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି ଜିଲ୍ଲା ସଭାପତି ସରୋଜ ସାବତ। ଅନ୍ୟମାନଙ୍କ ମଧ୍ୟରେ ଟି. ଗୋପୀ, ସୁନୀଲ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ସିଦ୍ଧାନ୍ତ ଗଙ୍ଗଦେବ, ଜିଲ୍ଲା ଉପସଭାପତି ପରେଶ ଚନ୍ଦ୍ର ରଥ, ରାମକୁମାର ପାତ୍ର, ପଦ୍ମଚରଣ ସାହୁ, ଏସ୍. ରାଣୀ, ବାଳକୃଷ୍ଣ ସାମନ୍ତରାୟ, ଅଶୋକ କୁମାର ଶୁକ୍ଳା, ବନମାଳୀ ସେଠୀ, ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ, ଚିନ୍ମୟାନନ୍ଦ ମହନ୍ତ, କର୍ପୋରେଟର୍‌ ନିତା ସାହୁ, ବିଷ୍ଣୁ ସୁବୁଦ୍ଧି, କୁଞ୍ଜବିହାରୀ ପଣ୍ଡାଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ଥିଲେ।

# ସୂଚନା ଅଧିକାର ଆଇନକୁ ପଙ୍ଗୁ କରୁଛନ୍ତି ସରକାର: କଂଗ୍ରେସ

ଭୁବନେଶ୍ୱର, ୧୨।୧୦ (ସମିସ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ସରକାରଙ୍କ କାର୍ଯ୍ୟ ପଦ୍ଧତିରେ ସ୍ୱଚ୍ଛତା



ଆସିବା ସହ ସରକାରଙ୍କ ଉତ୍ତରଦାୟିତ୍ୱ ବଢ଼ିବା ଲକ୍ଷ୍ୟ ନେଇ ୟୁପିଏ ସରକାର ଏହି ଆଇନ ପ୍ରଣୟନ କରିଥିଲେ। ମାତ୍ର ବର୍ତ୍ତମାନର ବିଜେପି ସରକାର ଏହାକୁ ପଙ୍ଗୁ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ। ସୂଚନା ଅଧିକାର ଆଇନର ୨୦ବର୍ଷ ପୂର୍ତ୍ତି ଅବସରରେ କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି।

ଭକ୍ତ କହିଛନ୍ତି, ୟୁପିଏ ସରକାର ଅମଳରେ ୨୦୦୫ମସିହାରେ ଆର୍‌ଟିଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ, ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କାଟି ଚାଲିଛି। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ କହିଛନ୍ତି ଯେ ବର୍ତ୍ତମାନ ସୂଚନା ଆଇନ ଅନ୍ତର୍ଗତ ୨୩ଲକ୍ଷମାମଲା ଏବଂ ୪ଲକ୍ଷଅପିଲ ବିନା ଫୈସଲାରେ ପଡ଼ି ରହିଛି। କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି। ମୋଟାମୋଟି ବିଜେପି ସରକାର ଉକ୍ତ ଆଇନକୁ ଅକାମୀ କରିବାରେ ଲାଗିଛନ୍ତି ବୋଲି ଶ୍ରୀ ରାୟ ମତବ୍ୟକ୍ତ କରିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମିଡିଆ ବିଭାଗ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ସୂଚନା ଆଇନ ସଂଶୋଧନ ଫଳରେ ଓଡ଼ିଶା ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏବେ ବର୍ଷକୁ ୬ହଜାର ଆବେଦନ ନାକଚ କରିଦିଆଗଲା ଏବଂ କୈଫିୟତ ଦିଆଗଲା ଯେ ତଥ୍ୟ ମାଗିଲା ବେଳେ କୌଣସି ସ୍ୱଷ୍ଟତା ନାହିଁ। ଆଇନକୁ ସଠିକ୍ ଭାବରେ କାର୍ଯ୍ୟ କରିବା ପାଇଁ କୌଣସି ପଦକ୍ଷେପ ନିଆନଯିବା ଯୋଗୁଁ ସାଧାରଣ ଜନତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେବା ସହ ସୂଚନା କର୍ମୀ ହତ୍ୟାର ଶିକାର ହେଉଛନ୍ତି ବୋଲି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

# ଭଇଁଷା ପୁରୁଣା ଡାକ୍ତରଖାନାରୁ ୩ଟି କଙ୍କାଳ ଠାବ

ପାଟଣାଗଡ଼, ୧୨।୧୦(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଭଇଁଷା ଗାଁର ପୁରୁଣା ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ କୋଠାର ୱାସ୍‌ରୁମରୁ ରବିବାର ୩ଟି କଙ୍କାଳ ଠାବ ହୋଇଛି। ଏହି ଘଟଣା ପ୍ରଘଟ ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଏ ସମ୍ପର୍କରେ ପାଟଣାଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି।

୬ବର୍ଷ ହେଲା ବନ୍ଦ ପଡ଼ିଥିବା ଭଇଁଷା ଗାଁର ଏହି ପୁରୁଣା ଗୋଷ୍ଠୀ

■ ପୁଲିସ, ସାଇଣ୍ଟିଫିକ ଟିମ୍‌ର ତଦନ୍ତ
■ ପାଖରେ ପଡିଛି ମାଙ୍କଡ଼ ବାଳ ଓ ଲାଞ୍ଜ

ସ୍ୱାସ୍ଥ୍ୟକେନ୍ଦ୍ରର ପରିତ୍ୟକ୍ତ ୱାସ୍‌ରୁମ୍ ଭିତରେ ୩ଟି କଙ୍କାଳ ପଡ଼ିଥିବା ଜଣେ ବ୍ୟକ୍ତି ଦେଖିବା ପରେ ପ୍ରଥମେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀଙ୍କୁ ଅବଗତ କରିଥିଲେ। ପରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାଟଣାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାସ୍ଥଳରେ ପହଞ୍ଚି ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା କରିଥିଲେ। ତେବେ କଙ୍କାଳର ଆଖପାଖ ସ୍ଥାନରେ ମାଙ୍କଡ଼ର ବାଳ ଓ ଲାଞ୍ଜ ପଡ଼ିଥିବାରୁ ତାହା ମାଙ୍କଡ଼ର କଙ୍କାଳ ବୋଲି ଅନୁମାନ କରାଯାଉଛି। ତେବେ ଏହି ପରିତ୍ୟକ୍ତ ୱାସ୍‌ରୁମ ଭିତରେ କେବେଠାରୁ ଏହି କଙ୍କାଳ ପଡ଼ିଛି, ଯଦି ଏହା ମାଙ୍କଡ଼ର କଙ୍କାଳ, ତେବେ ତାହା ଏହି ପରିତ୍ୟକ୍ତ ୱାସରୁମ ଭିତରକୁ କିଭଳି ଆସିଲା, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବାଲି ଚାଲାଣକୁ ବିରୋଧ କରିବାରୁ ମାଡ଼

ସାରସକଣା, ୧୨।୧୦ (ସମିସ): ବେଆଇନ ବାଲିଚାଲାଣକୁ ବିରୋଧ କରିବାରୁ ଯୁବକଙ୍କୁ ମାଡ଼। ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ୍ ଜାମଶୋଳାଠାରେ ଏଭଳି ଘଟଣା ଘଟିଛି।



ଝାରପୋଖରିଆ ଥାନା ଅଧୀନ ଜାମଶୋଳାଠାରେ ଦିନକୁ ଶହଶହ ଟ୍ରିପ୍ ବାଲି ଚାଲାଣ ହେଉଛି। ବେଆଇନ ବାଲି ଘାଟରୁ ଶହଶହ ଟ୍ରକ୍ ବାଲି ଉଠୁଛି। ଏନେଇ ସ୍ଥାନୀୟ ଅଞ୍ଚଳର ଯୁବକମାନେ ବିରୋଧ କରି ଗତକାଲି ବିଳମ୍ବିତ ରାତିରେ ବାଲି ଚୋରାଚାଲାଣ ହେଉଥିବା ସମୟରେ ଏକ ହାଇୱାକୁ ଅଟକାଇଥିଲେ। କିନ୍ତୁ ବାଲିମାଫିଆମାନେ ସେମାନଙ୍କୁ ମାଡ଼ ମାରି ହାଇୱା ନେଇ ପଳାଇବାରୁ ଯୁବକଜଣଙ୍କ ପୁଲିସକୁ ଖବର ଦେଇଥିଲେ। ତେବେ ମାଡ଼ ମାରିଥବା ଯୁବକଙ୍କ ବିରୋଧରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଅଭିଯୋଗ କରିଥିବା ଯୁବକ ବିକାଶ ରଞ୍ଜନ ସାହୁଙ୍କୁ ଥାନାକୁ ନେଇ ଯାଇଥିଲା। ପୁଲିସର ଏପରି ନିଷ୍କ୍ରିୟତା ଯୋଗୁଁ ଶାନ୍ତ ଝାରପୋଖରିଆ ଅପରାଧପ୍ରବଣ ହୋଇପଡ଼ିଲାଣି। ପୁଲିସ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆଗାମୀ ଦିନର ବିଜୁ ଜନତା ଦଳ ଥାନା ଘେରଉ କରିବ ବୋଲି କହିଛନ୍ତି ଜିଲ୍ଲା ସଭାପତି ଡା. ଦେବାଶିଷ ମାର୍ଣ୍ଡି।

ସୂଚନାଯୋଗ୍ୟ, ଜାମଶୋଳାଠାରେ ବାଲିମାଫିଆଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ଶହଶହ ଟ୍ରକ୍ ବାଲି ଚୋରାରେ ଚାଲାଣ କରୁଛନ୍ତି। ନଦୀକୂଳିଆ ଗ୍ରାମବାସୀ ବିରୋଧ କଲେ, ସେମାନଙ୍କୁ ନାଲିଆଖି ଦେଖାଉଛନ୍ତି। ଏପରିକି, ବୋମା ପକାଇ ଜୀବନରୁ ମାରିବା ପାଇଁ ମଧ୍ୟ ଧମକ ଦେଉଛନ୍ତି।

■ ସରକାରଙ୍କ ନିକଟରେ 'ପିଷ୍ଟା'ର ଦାବି

# ଅଣଶିକ୍ଷା କାର୍ଯ୍ୟରୁ ଶିକ୍ଷକଙ୍କୁ ମୁକ୍ତ କର

ଭୁବନେଶ୍ୱର,୧୨।୧୦(ସମିସ): ପ୍ରାଥମିକ ଶିକ୍ଷକଙ୍କୁ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଛି। ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନଥିବା ବେଳେ ଅଣଶିକ୍ଷା କାର୍ଯ୍ୟକ୍ରମ ଶିକ୍ଷାଦାନକୁ ବ୍ୟାପକ ପ୍ରଭାବିତ କରୁଛି। ଫଳରେ ବିଦ୍ୟାଳୟର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ସମ୍ପ୍ରତି ଉଲ୍ଲାସ ପୋର୍ଟାଲରେ ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିଙ୍କ ସ୍ୱାକ୍ଷରତା ଓ ପାଠପଢ଼ା ବିଷୟରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ଶିକ୍ଷକଙ୍କୁ ଆଉ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଖରାଛୁଟି ପରେ ଦୀର୍ଘ ୪ମାସ ହେଲା ଠିକ୍ ଭାବେ ପାଠପଢ଼ା ହେଉନଥିବା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି।

ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣାଙ୍କ ଅଭିଯୋଗ ଅନୁଯାୟୀ ଶିକ୍ଷକଙ୍କୁ ବହୁତ ଅଣଶିକ୍ଷା କାର୍ଯ୍ୟ ଦିଆଯାଉଥିବାରୁ ସେମାନେ ଶିକ୍ଷାଦାନ ପାଇଁ ସମୟ ପାଉ ନାହାନ୍ତି। ସ୍ୱଳ୍ପ ଶିକ୍ଷକରେ ଶିକ୍ଷାଦାନ କରୁଥିବା ବେଳେ ମାତ୍ରାଧିକ ଅଣଶିକ୍ଷା କାର୍ଯ୍ୟକ୍ରମ ଯୋଗୁଁ ସେମାନେ ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଏବେ ପୁଣି ଉଲ୍ଲାସ ପୋର୍ଟାଲରେ ଘରକୁ ଘର ବୁଲି ସର୍ଭେ କରିବା ପାଇଁ ନିର୍ଦ୍ଦେଶନାମା ପ୍ରକାଶ ପାଇଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସକାଳ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିକ୍ଷାଦାନ ହେଉଥିବା ବେଳେ କେତେବେଳେ ଉଲ୍ଲାସ ସର୍ଭେ କରିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି, ପ୍ରାଥମିକ ବିଦ୍ୟାଳୟରେ ପାଠପଢ଼ା ନାହିଁ, କେବଳ ଅଣଶିକ୍ଷା କାର୍ଯ୍ୟ କରି ତା'ର ଫଟୋ ଉପରିସ୍ଥ ଅଧିକାରୀଙ୍କୁ ଦେବାରେ ସମୟ ଅପଚୟ ହେଉଛି। ଶିକ୍ଷା ଅଧିକାର ନିୟମ-୨୦୦୯ ଓ ଅଧିନିୟମ-୨୦୧୦ ଧାରା ୨୭ର ଏହା ଉଲ୍ଲଂଘନ ଦର୍ଶାଇବା ସହ ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟାରେ ନିୟୋଜିତ କରିବା ଯୋଗୁଁ ରାଜ୍ୟରେ ପ୍ରାଥମିକ ଶିକ୍ଷା ଦୁର୍ବଳ ହେଉଛି ବୋଲି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଅଭିଯୋଗ କରିଛି। ଉଲ୍ଲାସ ସର୍ଭେରୁ ଶିକ୍ଷକଙ୍କୁ ବାଦ୍ ଦେବା ପାଇଁ ସାଧାରଣ ସମ୍ପାଦକ ବିଭୁପ୍ରସାଦ ସାହୁ ଦାବି କରିଛନ୍ତି।

# କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ?

ପୁରୀ, ୧୨।୧୦ (ସମିସ): ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଠନ ହୋଇଛି। ପୁରୁଣା କମିଟିର କାର୍ଯ୍ୟକାଳ ଶେଷ ହେବାର ପାଖାପାଖି ବର୍ଷେ ପରେ ନୂଆ କମିଟି ଗଠନ କରାଯାଇଛି। ହେଲେ, ଗତ କମିଟି ନେଇଥିବା ଅନେକଗୁଡ଼ିଏ ନିଷ୍ପତ୍ତି ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେଥିମଧ୍ୟରୁ ସେବାୟତଙ୍କ ପାଇଁ ଘର ଏବଂ ଶ୍ରୀମନ୍ଦିର ଆଦର୍ଶନ ଗୁରୁକୁଳ ଅନ୍ୟତମ। ସେବାୟତଙ୍କ ଜୀବନଜୀବିକା ପାଇଁ ଏହି ଦୁଇ ପ୍ରସ୍ତାବ ବେଶ୍ ଗୁରୁତ୍ୱ ବହନ କରୁଥିବା ବେଳେ ନୂଆ କମିଟି ପ୍ରଥମ ବୈଠକରେ ଏହା ଉପରେ ବିଧିବଦ୍ଧ ଭାବେ ଆଲୋଚନା ହୋଇନାହିଁ। ପ୍ରଶ୍ନ ଉଠୁଛି, କେବେ ନିର୍ମାଣ ହେବ ଆଦର୍ଶ ଗୁରୁକୁଳ। ପୁଣି ସେବାୟତଙ୍କ ପାଇଁ ବାସଗୃହ ତିଆରି ହେବ ନା ନାହିଁ, ତାହାକୁ ନେଇ ବି ସେବାୟତ ଦ୍ୱନ୍ଦରେ।

ସେବାୟତ ଘରର ପିଲାମାନେ ମହାପ୍ରଭୁଙ୍କ ସେବାପୂଜା ସାଙ୍ଗକୁ ଉଚ୍ଚଶିକ୍ଷା କ୍ଷେତ୍ରରେ ଯେପରି ନିଜକୁ ପ୍ରତିଷ୍ଠିତ କରିପାରିବେ, ସେଥିପାଇଁ ଅଣ୍ଟା ଭିଡ଼ିଥିଲା ଶ୍ରୀମନ୍ଦିର ପରିଚାଳନା କମିଟି। ସେମାନଙ୍କ ଲାଗି ଆବଶ୍ୟକ ଶିକ୍ଷା ଭିତ୍ତିଭୂମି ଯୋଗାଇଦେବା ଲକ୍ଷ୍ୟରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳର ପରିକଳ୍ପନା କରିଥିଲା। ସେବାୟତ ପିଲାମାନେ ଗୁରୁକୁଳରେ ଶିକ୍ଷା ସହ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଅଧିକ ଜ୍ଞାନ ହାସଲ କରିପାରିବେ ବୋଲି ଲକ୍ଷ୍ୟ ରହିଥିଲା। ୨୦୨୨-୨୩ ଶିକ୍ଷାବର୍ଷରୁ ଏଠାରେ ପାଠପଢ଼ା ଆରମ୍ଭ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲେ ହେଁ

**ସେବାୟତଙ୍କ ବାସଗୃହ ବି ଅଟକି ଯାଇଛି**

ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରିନାହିଁ।

ଗୁରୁକୁଳ ନିର୍ମାଣ ପାଇଁ ମାଟିତୋଟା ମୌଜାରେ ୧୭ ଏକର ଜମି ଚିହ୍ନଟ ସରିଛି। ପୂର୍ବ ରାଜ୍ୟ ସରକାର ଗୁରୁକୁଳ ସ୍ଥାପନ ପାଇଁ ୨୦ କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ନିଷ୍ପତ୍ତି ନେଇଥିଲେ। ଏଥିଲାଗି, ପରିଚାଳନା କମିଟି ଅଧୀନରେ ଶ୍ରୀମନ୍ଦିର ଆଦର୍ଶ ଗୁରୁକୁଳ ସୋସାଇଟି ଗଠନ କରାଯିବ। ଗୁରୁକୁଳ ପରିଚାଳନା ଲାଗି ସୋସାଇଟି ଏବଂ ବିର୍ଲା ଫାଉଣ୍ଡେସନ୍ ମଧ୍ୟରେ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏଠାରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେବ। ଏହି ଗୁରୁକୁଳରେ ୫୦ ପ୍ରତିଶତ ସେବାୟତ ପିଲା, ଯେଉଁମାନେ ଏଠାରେ ରହି ପାଠ ପଢ଼ିବେ। ସେହିପରି ପୁରୀ ଆଖପାଖର ୫୦ ପ୍ରତିଶତ ପିଲା ମଧ୍ୟ ପଢ଼ିପାରିବେ। ସେବକ ପିଲାଙ୍କୁ କୌଣସି ପ୍ରକାର ଫି' ଦେବାକୁ ପଡ଼ିବ ନାହିଁ। ସିବିଏସ୍‌ଇ ପାର୍ଟନରେ ଶିକ୍ଷାଦାନ କରାଯିବ। କିନ୍ତୁ, ସେବକ ପିଲାମାନେ ଫର୍ମାଲ ଶିକ୍ଷା ସହିତ ଶ୍ରୀଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ପୂଜାବିଧି ସହ ସନାତନ ଧର୍ମ ଉପରେ ଜ୍ଞାନ ଆହରଣ କରିପାରିବେ ବୋଲି ଚୂଡ଼ାନ୍ତ କରାଯାଇଥିଲା। ହେଲେ ଏହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି।

ସେହିପରି ସେବାୟତଙ୍କୁ ଘର ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲା ପୂର୍ବ ପରିଚାଳନା କମିଟି। ମହାପ୍ରଭୁଙ୍କ ଦୈନନ୍ଦିନ ସେବାପୂଜା କରୁଥିବା ଅନେକ ସେବାୟତଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। ନିଷ୍ଠାର ସହ ନୀତିକାନ୍ତି କରୁଥିଲେ ବି ସେମାନଙ୍କ ପରିବାର ସଦସ୍ୟଙ୍କ ମୁଣ୍ଡ ଉପରେ ଭଲ ଛାତଟିଏ ନାହିଁ। ତଥାପି ମହାପ୍ରଭୁଙ୍କ ପ୍ରତି ଭକ୍ତି ଓ ସମର୍ପଣ ଭାବ ରଖି ନିଜ ଦାୟିତ୍ୱ ସମ୍ପାଦନ କରିଆସୁଛନ୍ତି ଅନେକ ସେବାୟତ। ତେଣୁ ସେହି ସେବାୟତ ପରିବାରଙ୍କୁ ବାସଗୃହ ଯୋଗାଇଦେବା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ଏଥିଲାଗି ହରଚଣ୍ଡୀ ସାହି ମୌଜାରେ ୩.୧୮ ଏକର ଜମି ଚିହ୍ନଟ ହୋଇଥିଲା। ଏହି ଜମି ଶ୍ରୀମନ୍ଦିର ପ୍ରଶାସନ ଅଧୀନକୁ ଆସିବା ପରେ ଓଡ଼ିଶା ସେତୁ ନିର୍ମାଣ ନିଗମକୁ ଡିଜାଇନ୍ ପ୍ରସ୍ତୁତ ପାଇଁ କୁହାଯିବ। ସେହିପରି କେଉଁ ଆଧାରରେ ସେବାୟତଙ୍କୁ ଘର ଦିଆଯିବ, କେଉଁମାନେ ପାଇବାକୁ ଯୋଗ୍ୟ ଏ ସବୁ ବିଷୟରେ ଆଲୋଚନା କରାଯାଇ ସ୍ଥିର ହୋଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨୦୦ ଆପାର୍ଟମେଣ୍ଟ କରାଯିବା ଲାଗି ଆକଳନ କରାଯାଇଥିଲା। ଜଣଙ୍କୁ ୬୦୦ରୁ ୬୫୦ ବର୍ଗଫୁଟ୍‌ରେ ଘର ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଏହି ଜମି ଆଇନ ବିବାଦରେ ଛନ୍ଦି ହୋଇଯାଇଛି। ଜଣେ ବ୍ୟକ୍ତି ହାଇକୋର୍ଟରୁ ଷ୍ଟେ'ଅର୍ଡର୍ ଆଣିଥିବା ବେଳେ ଆଗକୁ ବଢ଼ିପାରିନି ପ୍ରକ୍ରିୟା। ଇତିମଧ୍ୟରେ ଉକ୍ତ ଦୁଇଟି ପ୍ରକଳ୍ପ ପାଇଁ ନିଷ୍ପତ୍ତି ନେଇଥିବା ପରିଚାଳନା କମିଟି କାର୍ଯ୍ୟକାରୀ ଗତବର୍ଷ ଅଗଷ୍ଟ ୧୧ତାରିଖରେ ଶେଷ ହୋଇଥିଲା। ତେବେ ନୂଆ କମିଟି ପାଇଁ ଏହି ଦୁଇଟି ପ୍ରକଳ୍ପ ନିଶ୍ଚିତ ଚ୍ୟାଲେଞ୍ଜ ରହିବ ବୋଲି କୁହାଯାଉଛି।

**ଚାକିରି ବେପାର**

# ଶଙ୍କର ପୃଷ୍ଟି, ମୁନ୍ନା ମହାନ୍ତି ସମେତ ୧୦ଜଣଙ୍କ ଆକାଉଣ୍ଟ ଅଚଳ

ଭୁବନେଶ୍ୱର, ୧୨।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କ୍ରାଇମବ୍ରାଞ୍ଚ ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସମେତ ୧୦ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛି। ସେହିପରି ଧରାପଡ଼ିଥିବା ୫ ଦଲାଲଙ୍କ ଫୋନ୍ ଓ ଶଙ୍କର ପୃଷ୍ଟି ଅଫିସରୁ ଜବତ କମ୍ପ୍ୟୁଟର, ଅନ୍ୟ ଡିଭାଇସ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ଦିଆଯାଇଛି। ଏହାର ରିପୋର୍ଟ ଆସିଲେ କେଉଁମାନେ ଏହି ଦଲାଲମାନଙ୍କ ସହ ଯୋଗସୂତ୍ରରେ ଥିଲେ ତାହା ସ୍ପଷ୍ଟ ହେବ ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ଫେରାର ଥିବା ଶଙ୍କର ଓ ମୁନ୍ନାକୁ ଧରିବାକୁ କ୍ରାଇମବ୍ରାଞ୍ଚର ୪ଟି ଟିମ୍ ବିଭିନ୍ନ ରାଜ୍ୟକୁ ଯାଇଥିଲେ ମଧ୍ୟ ସେମାନଙ୍କ ହାତରେ କିଛି ସୁରାକ ମିଳିନାହିଁ।

■ ଫୋରେନ୍‌ସିକ୍ ଲ୍ୟାବ୍ ଗଲା ଗିରଫ ୫ ଦଲାଲଙ୍କ ମୋବାଇଲ୍ ଫୋନ୍
■ ଲ୍ୟାବ୍‌କୁ ଯାଞ୍ଚ ପାଇଁ ପଠାଗଲା ପଞ୍ଚସଫ୍ଟ ଅଫିସ୍‌ରୁ ଜବତ କମ୍ପ୍ୟୁଟର
■ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେଇ ପାରିବେ ନାହିଁ ଗିରଫ ୧୧୪

ଅନ୍ୟପଟରେ ଏବେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ଆହୁରି ୧୬ ଜଣ ବ୍ୟକ୍ତିଙ୍କ ଉପରେ ନଜର ରଖିଛି। ଆଶାୟୀମାନଙ୍କ ସହ ସେମାନେ ଯୋଗାଯୋଗ କରିବା ସହ ସେମାନଙ୍କଠାରୁ ଏହି ବ୍ୟକ୍ତିମାନେ ଟଙ୍କା ଆଦାୟ କରୁଥିଲେ। ଏହି ମାମଲାରେ ଆହୁରି ବଡ଼ ବଡ଼ ମାଛ ଅଛନ୍ତି। ତେଣୁ ସେମାନଙ୍କୁ ଆଗାମୀ ଦିନରେ ଗିରଫ କରାଯିବା ପରେ ପୁରା ଘଟଣା ପଦାକୁ ଆସିବ ବୋଲି କ୍ରାଇମ୍‌ବ୍ରାଞ୍ଚର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସେହିପରି ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ଯିବାବେଳେ ଗିରଫ ହୋଇଥିବା ୧୧୪ଜଣ ପରୀକ୍ଷାର୍ଥୀଙ୍କ ଭାଗ୍ୟ ଏବେ ଝୁଲୁଛି। ସେମାନେ ଜେଲରୁ ବାହାରିବା ପରେ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ଦେବା ଉପରେ କଟକଣା ଜାରି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଓପିଆରବି ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ସେମାନେ ଏଭଳି ଜାଲିଆତି କରି ଚାକିରି ପାଇବା ପାଇଁ ଆଶା କରିଥିଲେ। ତେଣୁ ସେମାନଙ୍କୁ ପରବର୍ତ୍ତି ଏସ୍‌ଆଇ ପରୀକ୍ଷା ନଦେବା ପାଇଁ ନିର୍ଦ୍ଦେଶନାମା ଜାରି କରାଯିବ। ଆହୁରି ମଧ୍ୟ କୋର୍ଟକୁ ମଧ୍ୟ ଏନେଇ କ୍ରାଇମ୍‌ବ୍ରାଞ୍ଚ ଅବଗତ କରିବେ। କୋର୍ଟ ସେମାନଙ୍କ ପରୀକ୍ଷା ଦେବା ନେଇ ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ କାର୍ଯ୍ୟ ବୋଲି କହିଛନ୍ତି। ତେବେ ଏହି ପରୀକ୍ଷାର୍ଥୀମାନେ ଧରା ପଡ଼ିବା ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର, କୋରାପୁଟ ଓ ବ୍ରହ୍ମପୁରରୁ ଅନ୍ୟ ରାଜ୍ୟରେ ପରୀକ୍ଷା ଅଭ୍ୟାସ ପାଇଁ ଯାଇଥିବା ଆହୁରି ପ୍ରାୟ ୩୦୦ ପରୀକ୍ଷାର୍ଥୀଙ୍କ ସମ୍ପର୍କରେ ଏଯାଏ କୌଣସି ତଥ୍ୟ ମିଳି ନ ଥିବା କୁହାଯାଉଛି।

ମାତ୍ର ଏହି ସମଗ୍ର ଘଟଣାକୁ ନେଇ ଓପିଆର୍‌ବି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ଗତକାଲି ଓପିଆରବି ଅଧ୍ୟକ୍ଷ ଏହାକୁ ଏକ ଛୋଟ ସଂଗଠନ ଓ ଏଥିରେ ୩ ଜଣ ସଦସ୍ୟ ଥିବା ଉଲ୍ଲେଖ କରି ସବୁ ଦୋଷ ଆଇଟିଆଇକୁ ଠେଲିବାକୁ ମଧ୍ୟ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ତତ୍ତ୍ୱାବଧାରକ ସଂସ୍ଥା ଭାବରେ ଆଇଟିଆଇ କାହାକୁ ପରୀକ୍ଷା ସବ୍‌ଲେଟ୍ କଲା ଓ ତାହା କିପରି ପରିଚାଳନା କରିବାକୁ ଯୋଜନା ହୋଇଛି ସେ ସମ୍ପର୍କରେ ଓପିଆରବି ଖବର ରଖିବା କଥା, ମାତ୍ର ସେହି ଦାୟିତ୍ୱରେ ଖିଲାପ ହୋଇଥିବା ସ୍ପଷ୍ଟ ହୋଇ ଯାଇଛି। ପୁନଶ୍ଚ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାର ଛାପା, ପରୀକ୍ଷା କେନ୍ଦ୍ର ମନୋନୟନ ଆଦି କାର୍ଯ୍ୟ ଆଇଟିଆଇରୁ ସିଲିକନ୍ ଓ ସିଲିକନ୍‌ରୁ ପଞ୍ଚସଫ୍ଟକୁ ପ୍ରଦାନ କରାଯାଇଥିବା ସତ୍ତ୍ୱେ ଓପିଆରବି କାହିଁକି ଚୁପ୍ ବସିଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

# ନବୀନ ଜୈନଙ୍କ ପିଛା ଛାଡୁନି ବିବାଦ

- ଅଙ୍କୁର ଅଗ୍ରୱାଲ ଗିରଫ ମାମଲାରେ ବଦନାମ
- ପୂର୍ବରୁ ଶଳା ଭାଉଜ ଆଣିଥିଲେ ଅଭିଯୋଗ
- ଦଳୀୟ ସାଂସଦଙ୍କ ବିରୋଧରେ ବିଷୋଦଗାର କରିଥିଲେ

ବଲାଙ୍ଗିର/ଟିଟିଲାଗଡ଼, ୧୨ ।୧୦ (ସମିସ)

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ସହର ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ଓ ତାଙ୍କ ସ୍ତ୍ରୀଙ୍କୁ ବ୍ଲାମେଲ ଘଟଣାରେ ଦିନିକିଆ ରିମାଣ୍ଡରେ ଯାଇଥିବା ବିଜେପି ନେତା ଅଙ୍କର ଅଗ୍ରୱାଲଙ୍କ ଅବଧି ସରିଛି । ପୁଲିସ ଅଙ୍କୁରକୁ ବିଭିନ୍ନ ସଙ୍ଗିନ ମାମଲାରେ ପଚରାଉଚୁରା କରିଛି । ଅଙ୍କୁର ପଛରେ ସ୍ଥାନୀୟ ବିଧାୟକ ନବୀନ ଜୈନଙ୍କ ଆଶୀର୍ବାଦ ରହିଥିବା ଆଲୋଚନା ହେଉଛି । ଏନେଇ ଟିଟିଲାଗଡ଼ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନୀ ସାହୁ ଅଭିଯୋଗ କରିବା ସହ ତାଙ୍କ ଗିରଫ ଦାବି କରିଥିଲେ । ଏମିତିରେ ଏହି ବିବାଦୀୟ ବିଧାୟକଙ୍କ ବିବାଦ ତାଲିକା ବେଶ ଲମ୍ବା; ଯାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାର ବିଭିନ୍ନ ରାଜନୈତିକ ଦୃଷ୍ଟିକୋଣକୁ ନେଇ ମଧ୍ୟ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି ।

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ବିଧାନସଭା ଆସନରୁ ଗତ ସାଧାରଣ ନିର୍ବାଚନରେ ବିଜେପିର ନବୀନ ଜୈନ ବିଜୟୀ ହୋଇଥିଲେ । ସେ ବିଧାୟକ ଭାବେ ନିର୍ବାଚିତ ହେବା ପରେ ତାଙ୍କ ପଛରେ ବିବାଦ ଲାଗି ରହିଛି । ଗତ ନଭେମ୍ବର ମାସରେ ବିଧାୟକ ଶ୍ରୀ ଜୈନଙ୍କ ଶଳାଭାଉଜ ନିର୍ଯାତନା ଅଭିଯୋଗ ଆଣିଥିଲେ । ବିଧାୟକ ଶ୍ରୀ ଜୈନ କୁଆଡେ ତାଙ୍କ ଶାଳକଙ୍କ ବିବାହ ଜଣେ ନାବାଳିକାଙ୍କ ସହ କରାଇଥିଲେ । ପରେ ତାଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା । ଏଣୁ ମହିଳା ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ । ପୁଲିସ ଉପରେ ଚାପ ପକାଇ ବିଧାୟକ ନିଜ ଶଳାକୁ ସୁରକ୍ଷା ଦେଇଥିବା ମହିଳା ଜଣକ ଅଭିଯୋଗ କରିଥିଲେ । ସେହିପରି କିଛି ମାସ ପୂର୍ବରୁ ଶ୍ରୀ ଜୈନ ଆଉ ଏକ ବିବାଦ ସୃଷ୍ଟି କରିଥିଲେ । ସିଧାସଳଖ ଦଳୀୟ ସାଂସଦଙ୍କ ବିରୋଧରେ ସେ ବିଷୋଦଗାର କରିଥିଲେ । ଏଏକ ସମୀକ୍ଷା ବୈଠକରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀଙ୍କ ଆଗରେ ଶ୍ରୀ ଜୈନ ଦଳ ଭିତରେ ଥିବା କନ୍ଦଳ ସାମ୍ନାକୁ ଆଣିଥିଲେ । ସାଂସଦଙ୍କ ଭିତରେ ଥିବା ମନୋମାଳିନ୍ୟ ସାମ୍ନାକୁ ଆଣିଥିଲେ । ବିଧାୟକଙ୍କ ଏହିଭଳି ବ୍ୟବହାରକୁ ନେଇ କର୍ମୀ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏବେ ଆଉ ଏକ ସଙ୍ଗିନ ବିବାଦରେ ଶ୍ରୀ ଜୈନ ଛନ୍ଦି ହୋଇଛନ୍ତି । ତାଙ୍କ ପୁଅଙ୍କ ଘନିଷ୍ଠ ବନ୍ଧୁ ତଥା ସବୁକିଛି କାରବାର ବୁଝୁଥିବା ଅଙ୍କୁର ଅଗ୍ରୱାଲ ଗିରଫ ହେବା ପରେ ଶ୍ରୀ ଜୈନଙ୍କ କାର୍ଯ୍ୟକଳାପକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି । ଅଙ୍କୁର ନାମରେ ହତ୍ୟା ଉଦ୍ୟମ, ନକଲି ସିମ ବ୍ୟବହାର କରି ବ୍ଲାକମେଲ ଅଭିଯୋଗ ହୋଇଛି । ଅଙ୍କୁର ବିଧାୟକଙ୍କ ଛତ୍ରଛାୟାରେ ରହି ଏହି ସବୁ କାରବାର ଚଳାଇଥିବା ବିଜେଡି ଅଭିଯୋଗ କରିଛି । କେବଳ ଏତିକି ନୁହେଁ; ଶ୍ରୀ ଜୈନ ବିଧାୟକ ହେବା ପରେ ତାଙ୍କ ଛତ୍ରଛାୟାରେ ରହି ଅଙ୍କୁର ଧମକଚମକ ଦେବା, ବ୍ୟବସାୟିକ ସାମ୍ରାଜ୍ୟ ବିସ୍ତାର କରିଥିବା ନେଇ ଆଲୋଚନା ହେଉଛି । ବିଧାୟକ ଶ୍ରୀ ଜୈନଙ୍କ ନାମରେ ମଧ୍ୟ ପୂର୍ବରୁ ଅନେକ ଜମି ଓ ବ୍ୟବସାୟିକ ବିବାଦ ରହିଛି । ତେବେ ଏହି ବିବାଦୀୟ ବିଧାୟକଙ୍କ ଏକାନ୍ତ ଅନୁଗତଙ୍କ ଏହିଭଳି ଅପରାଧିକ କାର୍ଯ୍ୟକଳାପ ଓ ପୁଲିସ ଏହି ମାମଲାକୁ ଅଧିକ ଗୁରୁତ୍ୱ ଦେଇ ଛାନଭିନ ଚଳାଇବା ପଛରେ ମଧ୍ୟ ମଧ୍ୟ ତାଙ୍କ ରାଜନୈତିକ ବାଦ ବିବାଦ ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଗତ ୨୮ ତାରିଖ ଘଟଣାକୁ ପୂର୍ବରୁ ଅଣଦେଖା କରିବା ପରେ ହଠାତ ଏହି ମାମଲାକୁ ପୁଲିସ ଗୁରୁତର ସହ ନେଇ ଛାନଭିନ କରିବା ପଛରେ ରାଜନୈତିକ ହସ୍ତକ୍ଷେପ ରହିଥିବା ଚର୍ଚ୍ଚା ହେଉଛି ।

## କମ୍ପ୍ଲେକ୍ସ ଉପରେ ମାଡ଼ିଗଲା ଟ୍ରକ୍




- ଉପୁଡି ପଡ଼ିଲା ରାସ୍ତାକଡ ବିଦ୍ୟୁତ୍ ଖୁଣ୍ଟ
- ଗାଇକୁ ଉପରେ ଚଢ଼ିଗଲା ଗାଡ଼ି

ବଲାଙ୍ଗିର, ୧୨ ।୧୦(ସମିସ): ବଲାଙ୍ଗିର ସହରରେ ପୁଣି କମ୍ପ୍ଲେକ୍ସକୁ ମାଡ଼ିଗଲା ଟ୍ରକ୍ । ବିଳମ୍ବିତ ରାତିରେ ଟ୍ରକଟି ୨୬ ନଂ ଜାତୀୟ ରାଜପଥ ଗାନ୍ଧୀନଗରପଡ଼ା ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଏଥିରେ ୨ଟି ଗାଈର ମୃତ୍ୟୁ ଘଟିଛି । ଦୁର୍ଘଟଣା ଗ୍ରସ୍ତ ଟ୍ରକ୍‌ର ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ଶନିବାର ରାତିରେ ଏକ ମାଲ୍ ବୋଝେଇ ଟ୍ରକ ବଲାଙ୍ଗିର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ବେହେରାପାଲି ବାଇପାସ୍ ରାସ୍ତା ନିକଟ କମ୍ପ୍ଲେକ୍ସରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ରାତି ପ୍ରାୟ ୧୨ଟାରେ ଏହି ଟ୍ରକ୍ ଦୁର୍ଘଟଣା ହୋଇଥିବା ବେଳେ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ମଧ୍ୟ ଓପାଡ଼ି ନଷ୍ଟ କରିଦେଇଥିଲା । ସେହି ସମୟରେ ରାସ୍ତା କଡ଼ରେ ଥିବା ଦୁଇଟି ଗାଈ ଉପରେ ମଧ୍ୟ ଟ୍ରକ୍ ମାଡ଼ି ଯାଇଥିଲା । ଘଟଣା ସ୍ଥଳରେ ହିଁ ଗାଈ ଦୁଇଟିର ମୃତ୍ୟୁ ଘଟିଥିଲା । ସୂଚନାଯୋଗ୍ୟ, କିଛି ମାସ ପୂର୍ବରୁ ହିଁ ଏକ ଟ୍ରଲର ସମାନ ଭାବେ ରାସ୍ତାକଡ କମ୍ପ୍ଲେକ୍ସକୁ ଧକ୍କା ଦେଇଥିଲା ।

## ଜିଲ୍ଲା ବ୍ରାହ୍ମଣ ସଭାର ସାମ୍ବିଧାନିକ ସମ୍ମିଳନୀ



ବଲାଙ୍ଗିର, ୧୨ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ବ୍ରାହ୍ମଣ ମହାସଭାର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପରିସରରେ ଏହା ଆୟୋଜିତ ହୋଇଥିଲା । ଗିରିଧାରୀ ଶତପଥୀ, ଧର୍ମସିଂହ ମିଶ୍ର, କାର୍ଯ୍ୟନିର୍ବାହୀ ସଭାପତି ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଗଲା । ଧନଞ୍ଜୟ ମିଶ୍ର ସଭାପତି, ବିଶ୍ୱନାଥ ମିଶ୍ର ଉପସଭାପତି, ଶ୍ୟାମସୁନ୍ଦର ଦାଶ ସମ୍ପାଦକ, ଜୟବିହାରୀ ବେଦବାକ ସହସମ୍ପାଦକ ଏବଂ ପଞ୍ଚାନନ ବେଦବାକ କୋଷାଧକ୍ଷ ଦାୟିତ୍ୱ ତୁଲାଇବେ । କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ କେଶବ ମିଶ୍ର, କବିରାଜ ହୋତା, ପ୍ରଭୁଦତ୍ତ ଶତପଥୀ, ଲକ୍ଷ୍ମୀପ୍ରସାଦ ଚାନ୍ଦ, ବାଳକୃଷ୍ଣ ଷଡଙ୍ଗୀ ଏବଂ କୁମୁଦିନୀ ମିଶ୍ର ରହିଛନ୍ତି । ଉପଦେଷ୍ଟା ମଣ୍ଡଳିରେ ସତ୍ୟବନ୍ତ ବେଦବାକ, ଗିରିଧାରୀ ଶତପଥୀ, ଧର୍ମସିଂହ ମିଶ୍ର ଏବଂ ଗୋପବନ୍ଧୁ ପୁରୋହିତଙ୍କୁ ରଖାଯାଇଛି । ରାମଶଙ୍କର ଶତପଥୀ, ଚନ୍ଦ୍ରଧ୍ୱଜ ମିଶ୍ର, ଗୋକୁଳାନନ୍ଦ ମିଶ୍ର, ଲକ୍ଷ୍ମୀପ୍ରସାଦ ଚାନ୍ଦ, ଅଶୋକ ମିଶ୍ର, ସାନନ୍ଦ ମିଶ୍ର, ସଂକୀର୍ତ୍ତନ ତ୍ରିପାଠୀ, କିଶୋର ପୁରୋହିତ, କାହ୍ନୁଚରଣ ମିଶ୍ର, ଜୟବିହାରୀ ବେଦବାକ, ବିରଞ୍ଚି ତ୍ରିପାଠୀ, ରାମ ଶତପଥୀ, ଜଗନ୍ନାଥ ଷଡଙ୍ଗୀଙ୍କ ସମେତ ନବନିର୍ବାଚିତ ସଭାପତି ଧନଞ୍ଜୟ ମିଶ୍ର, ସମ୍ପାଦକ ଶ୍ୟାମ ସୁନ୍ଦର ଦାଶ, ଗୋପବନ୍ଧୁ ପୁରୋହିତ, ଚୟନକର୍ତ୍ତା ଗିରିଧାରି ଶତପଥୀ ଏବଂ ଧର୍ମସିଂ ମିଶ୍ର ଉଦ୍‌ବୋଧନ ଦେଇଥିଲେ । ଶେଷରେ ଶ୍ୟାମ ସୁନ୍ଦର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବଲି ପ୍ରସ୍ତୁତି



ବଲାଙ୍ଗିର, ୧୨ ।୧୦(ସମିସ): ବଲାଙ୍ଗିରର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ପ୍ରସ୍ତୁତି ପାଇଁ ଏକ ବୈଠକ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଶରତ ଚନ୍ଦ୍ର ପାଣିଗ୍ରାହୀ ଫାଉଣ୍ଡେସନ ଏବଂ ଏହି ବିଦ୍ୟାଳୟର ମିଳିତ ଉଦ୍ୟମରେ ଏହି ଜୟନ୍ତୀ ସମାରୋହର ଆୟୋଜନ ପାଇଁ ପୁରାତନ ଛାତ୍ରୀ, ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ସମେତ ସହରର ବୁଦ୍ଧିଜୀବୀ ଓ ଶିକ୍ଷାପ୍ରେମୀ ଏଥିରେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏକ ସ୍ମରଣିକା ପ୍ରକାଶନ କରିବା ପାଇଁ ମଧ୍ୟ ମତପ୍ରକାଶ ପାଇଥିଲା । ଏହି ବୈଠକରେ ସ୍କୁଲ କମିଟିର ସଭାନେତ୍ରୀ ସୁଶ୍ରୀ ଆନନ୍ଦିନୀ ଦର୍ଜି ଜୁବଲି ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ସ୍ୱାଇଁ ବିଦ୍ୟାଳୟର ଇତିହାସ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ ମନୋରଞ୍ଜନ ସାହୁ ହିରକ ଜୟନ୍ତୀର ଆୟୋଜନ ପାଇଁ ସମସ୍ତ ପ୍ରକାରର ଆବଶ୍ୟକ ପଦକ୍ଷେପ ନେବା ସହ ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ସ୍ଥାନୀୟ ସିଆରସିସି ତଥା ପୁରାତନ ଛାତ୍ରୀ ବିଜୟିନୀ ଦାନୀ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ । ସ୍କୁଲର ଶିକ୍ଷକ ସତ୍ୟାନନ୍ଦ ବିଶ୍ୱାଲ, କୃଷ୍ଣଚନ୍ଦ୍ର ବାଗ, ସୁଭଶ୍ରୀ ଭୋଇ, ଅନୁଷ୍କା କୁମ୍ଭାର, ପୁନମ ରଣା, ବନୀତା ତରିଆ, ମନୀଷା ସାହୁ, ଗୀତାଞ୍ଜଳି ମାଝି, ଅରୁନ୍ଧତି ବଢେଇ ଓ ଅନୀତା ସିଂ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ । କମିଟିର ସମ୍ପାଦିକା ଝୁନିଲତା ଭୋଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ସୁବର୍ଣ୍ଣଗ୍ରାହୀ ଶୁଣ୍ଡି ସମାଜର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବଙ୍ଗୋମୁଣ୍ଡା, ୧୨ ।୧୦(ସମିସ): ଜାମତରାରେ ନିଖିଳ ଉତ୍କଳ ଶୁଣ୍ଡୀ ସମାଜର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସମାଜର କୁଳପତି ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା । ପ୍ରଥମେ ମା’ ସୁବର୍ଣ୍ଣଗ୍ରାହୀ ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା କରି ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଯୁବମୋର୍ଚ୍ଚାରେ ନୂତନ ଭାବେ ନିର୍ବାଚିତ ହୋଇଥିବା ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନାକ୍ଷି ବେହେରା ଓ ଟଙ୍କେଶ୍ୱରୀ ବେହେରାଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଯୁବମୋର୍ଚ୍ଚାର ମଣ୍ଡଳ ସଭାପତି ତିରୁପତି ବେହେରା ଓ ସଂଯୋଜକ ନିତ୍ୟାନନ୍ଦ ପୃସେଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।



ପୁଲସ୍ତି ବେହେରା ମଞ୍ଚ ପରିଚାଳନା କରିଥିଲେ । ନିତ୍ୟାନନ୍ଦ ପୃସେଠ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପସଭାପତି ତାରେଣି ସେନ ବେହେରା, ଦଶମୁ ବେହେରା, ସମ୍ପାଦକ ହରିହର ବେହେରା, ସହସମ୍ପାଦକ ପୁଲସ୍ତି ବେହେରା, କୋଷା ଦକ୍ଷଡମ୍ବରୁ ବେହେରା, ମଣ୍ଡଳ ଉପସଭାପତି ଜୟଶଙ୍କର ପୃସେଠ ପ୍ରମୁଖ ଉପସ୍ଥିତ ଥିଲେ । ଜାମତରା ଗ୍ରାମ୍ୟ କମିଟିର ଉପପ୍ରଧାନ ବେହେରା, ଲମ୍ବୁ ବେହେରା, ଯଜ୍ଞ ବେହେରା, ଖଗପତି ବେହେରା, ଶ୍ୟାମଘନ ବେହେରା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ ।

## ପ୍ରାଥମିକ ଶିକ୍ଷକଙ୍କ ସାଧାରଣ ସଭା

ବଲାଙ୍ଗିର, ୧୨ ।୧୦(ସମିସ): ଗନ୍ଧରେଳସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗିର ପ୍ରାଥମିକ ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୦୦୧ର ଶିକ୍ଷା ସହାୟକମାନେ ମାସିକ ୧୫୦୦ ଟଙ୍କାରେ ଦୂର ଦୂରାନ୍ତରେ ଚାକିରି କରି ୧ ।୪ ।୨୦୦୮ ରେ ସ୍ଥାୟୀ ଶିକ୍ଷକର ମାନ୍ୟତା ପାଇଥିଲେ । ଦୀର୍ଘ ଦିନରୁ ଶିକ୍ଷା ସହାୟକ ଅବଧିକୁ ଗଣନା କରିବା ସହ ୬ଟି ଜାତୀୟ ଇନକ୍ରିମେଣ୍ଟ ଦେବା ସହ ଠିକା ନିଯୁକ୍ତି ଉଚ୍ଛେଦ କରିବା ପାଇଁ ସଂଘ ଦାବି ଉପସ୍ଥାପନ କରିଆସୁଛି; କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଯେଉଁମାନେ ୨୦୦୧, ୨୦୦୩, ୨୦୦୫ରୁ କମ୍ ଦରମାରେ ଶିକ୍ଷା ବ୍ୟବସ୍ଥା ପାଇଁ କାର୍ଯ୍ୟ କଲେ ସେମାନେ ଆଜି ସରକାରଙ୍କ ଦ୍ୱାରା ଉପେକ୍ଷିତ । କାରଣ ସରକାର ୨୦୦୬ରୁ ଚାକିରିକୁ ଗଣନା କରି ଜାତୀୟ ଇନକ୍ରିମେଣ୍ଟ ଦେବା ପାଇଁ ବିଚାର କରୁଛନ୍ତି । ଏହି ଅନ୍ୟାୟ ବିରୋଧରେ ବଲାଙ୍ଗିର ଜିଲ୍ଲା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି । ତେଣୁ ସରକାର ୨୦୦୧ ମସିହାରୁ ୬ଟି ଜାତୀୟ ଇନକ୍ରିମେଣ୍ଟ ଦେବା ପାଇଁ ଦୃଢ ଦାବି କରାଯାଉଛି । ଏହି ବୈଠକରେ କୈସ ରସୁଲ ଖାନ, ଅନୀଲ ରଣା, ଭରତ ମହାକୁର, ପର୍ଶୁରାମ ସୁନା, ମିତ୍ରଭାନୁ ବାଗ, ଚୁଡାମଣି ଭୋଇ, ଅଶୋକ ପଧାନ, ରଶ୍ମିତା ମହାନ୍ତି, ଶୈଳେନ୍ଦ୍ରୀ ପରିଡ଼ା, ସଙ୍ଗୀତା ସାହୁ, ପ୍ରତିଭା ଶତପଥୀ, ଗୀତାଞ୍ଜଳି ପଟେଲ, ସୁନିଲ ମହଲା, ସୁଶୀଲ ମହଲା, ମହାଦେବ ମେଶ୍ରା ଏବଂ ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ଖପ୍ରାଖୋଲ ବ୍ଲକ୍ ସାମ୍ବାଦିକ ସଂଘର ବୈଠକ

ଖପ୍ରାଖୋଲ, ୧୨ ।୧୦(ସମିସ): ଖପ୍ରାଖୋଲ ବ୍ଲକ ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳାରେ ବ୍ଲକ ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାମ୍ବାଦିକ ଅଭୟ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ହରିଶଙ୍କର ବନାଞ୍ଚଳ ଅଧିକାରୀ ତଥା ଏସିଏଫ୍ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟଗୋପାଳ ପଣ୍ଡା, ଖପ୍ରାଖୋଲ ବନପାଳ ସୁଧୀର ଜେନା, ହରିଶଙ୍କର ବନପାଳ ରଞ୍ଜିତ କୁମ୍ଭାର ଯୋଗ ଦେଇଥିଲେ । ଏହି ଅବସରରେ ପଦୋନ୍ନତି ପାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ର, ଲାଠୋର ଥାନା ଅଧିକାରୀ ରମାକାନ୍ତ ସାହୁ, ତୁରେକେଲା ଥାନା ଅଧିକାରୀ ରାକେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ବିମଳ ରଞ୍ଜନ ସାହୁ, ନରେନ୍ଦ୍ର ଭୋଇ, ଉମାକାନ୍ତ ପ୍ରଧାନ, ଜ୍ୟୋତିରଞ୍ଜନ ପଣ୍ଡା, ଅଶୋକ ବାଗ, ସରୋଜ ମିଶ୍ର, ବିହାରୀ ପଧାନ, ଶତ୍ରୁଘ୍ନ ନାଏକ, ହେମାସାଗର ସାହୁ, ଅବିନାଶ ବିଶ୍ୱାଲ, ମନୋଜ ଦାସ, ସରୋଜ ସାହୁ, ଗୋପାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗିରି ଗୋବର୍ଦ୍ଧନ ପୂଜା ପ୍ରସ୍ତୁତି

ଲୋଇସିଂହା, ୧୨ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ପଞ୍ଚାୟତ ସମିତି ଅଧୀନ ୩୪ ନମ୍ବର ଜୋନର ଠାକୁରପାଲିରେ ଅନୁଷ୍ଠିତ ହେବାକୁ ଥିବା ଗିରିଗୋବର୍ଦ୍ଧନ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହା ସହିତ ଗିରିଗୋବର୍ଦ୍ଧନ ପୀଠରେ ନିର୍ମାଣ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପକୁ ମଧ୍ୟ ଉପସ୍ଥିତ ଅତିଥିମାନେ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା ବରିହା, ସ୍ଥାନୀୟ ସରପଞ୍ଚ ସରୋଜ ବେହେରା, ସମିତି ସଭ୍ୟ ବିରେନ୍ଦ୍ର ସାହୁ, ୱାର୍ଡ଼ ସଭ୍ୟା ସୌଦାମିନୀ ନାଏକ, ଆଞ୍ଚଳିକ କମିଟି ସଭାପତି କୈଳାଶ ବରିହା, ବରିଷ୍ଠ ନେତା ପ୍ରଦୀପ ଗୁରୁଙ୍କ ସମେତ ଆଞ୍ଚଳିକ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।

## ଗ୍ରାମୀଣ ଡାକ ସେବକ ମଣ୍ଡଳର ବୈଠକ

ବଲାଙ୍ଗିର, ୧୨ ।୧୦(ସମିସ): ବଲାଙ୍ଗିର ସାମ୍ବାଦିକ ଭବନଠାରେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ବଲାଙ୍ଗିର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟକୃଷ୍ଣ ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା । ଏହି ବୈଠକରେ ସମ୍ପାଦକ ଦଶରଥ ଦାସ, ସହ ସମ୍ପାଦକ ମଧୁସୂଦନ ତ୍ରିପାଠୀ, ଉପ ସଭାପତି ଛବିଲାଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ଡାକ ଅଧିକ୍ଷକ (ଭୁବନେଶ୍ୱର) ତାରିଣୀ ପାଢ଼ୀ, ବ୍ରହ୍ମାନନ୍ଦ ବନ୍‌ଛୋର (ବଲାଙ୍ଗିର ଡାକ ସେବକ), ଗୋପାଳ ବେହେରା (ଶାଖା ଡାକପାଳ, ଶିବତୁଲା)ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବଲାଙ୍ଗିର ଡାକ ମଣ୍ଡଳର ଅଧିକ୍ଷକ ସଞ୍ଜୟ ବିଶ୍ୱାଳ, ବରିଷ୍ଠ ସଂଘ ନେତା ତଥା ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଦାମୋଦର ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ । ଏହି ସଭା ସଂଘର ସମ୍ପାଦକ ଦଶରଥ ଦାସ ଓ ସମ୍ପାଦକ ଲଳିତ କରଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ପଦ୍ମନାଭ ବାରିକ ସଭା ପରିଚାଳନା କରିଥିଲେ । ଖିରୋଦ୍ର ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିର ଜନ ସମ୍ପର୍କ ପଦଯାତ୍ରା







ଲୋଇସିଂହା, ୧୨ ।୧୦(ସମିସ): ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ବିଜୁ ଜନତା ଦଳ ଆଗଲପୁର ବ୍ଲକ ତରଫରୁ ବଡ଼ଟିକାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗତ ଗାନ୍ଧୀ ଜୟନ୍ତୀରେ ଲୋଇସିଂହାର ଗାନ୍ଧୀ ପାଠାଗାରରେ ପଦଯାତ୍ରା ପାଇଁ ସଂକଳ୍ପ ନିଆଯାଇଥିଲା । ତାକୁ ଆଧାର କରି ବଡଟିକାଠାରେ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ପଦଯାତ୍ରା ଆଗଲପୁର ବ୍ଲକ ବିଜେଡି ସଭାପତି ପଞ୍ଚୁ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରାଙ୍କ ସମେତ ଆଗଲପୁର ବ୍ଲକ ଉପାଧକ୍ଷା ନିରୁପମା ପଧାନ, ଜିଲ୍ଲା ପରିଷଦ ସଭ୍ୟା ବୀଣାପାଣି ଦାସ, ଯୁବ ନେତା ଆକାଶ ମିଶ୍ର, ବିଜେଡି ବରିଷ୍ଠ ସଦସ୍ୟ ଗୋବର୍ଦ୍ଧନ ସାହୁ, ବିଜୟ ବାବୁ, କଲାର ବାଗ, ପ୍ରମୋଦ ମିଶ୍ର, ଉତ୍ତମ ଭୋଇଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ଏହି ପଦଯାତ୍ରା ଗାଁ ପରିକ୍ରମା କରିବା ସହ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବଡ଼ଟିକା ଗ୍ରାମବାସୀଙ୍କ ସହ ଆଗଲପୁରର ସମସ୍ତ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ । ଅତିଥି ମାନେ ନବୀନ ସରକାରଙ୍କ ସଫଳତା କହିଥିଲେ । ବିଜେପି ସରକାରର ୧୫ ମାସର ବିଫଳତା ବିଷୟରେ ବକ୍ତବ୍ୟ ରଖିଥିଲେ । ନାରାୟଣ ସାହୁ, ବିକାଶ ମହାକୁର, ମନ ବିଶ୍ୱାଳ, ଚିନ୍ତାମଣି ପଧାନ, ଅଶୋକ କଲେତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଖପ୍ରାଖୋଲ: ଖପ୍ରାଖୋଲ ବ୍ଲକରେ ମଧ୍ୟରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ଏହି ଜନ ସମ୍ପର୍କ ପଦଯାତ୍ରା ଖପ୍ରାଖୋଲ ପଞ୍ଚାୟତର କର୍ଲାକୁଟୁନା ଗ୍ରାମରେ ହୋଇଥିଲା । ବିଜୁ ଜନତା ଦଳର ବରିଷ୍ଠ କର୍ମୀମାନେ ନବୀନ ସରକାରଙ୍କ ସମୟରେ ହୋଇଥିବା ଜନମଙ୍ଗଳକାରୀ ଯୋଜନାଗୁଡିକ ସମ୍ପର୍କରେ କହିଥିଲେ । ବିଜେଡି ବ୍ଲକ ସଭାପତି ରମେଶ ପଧାନ, ବ୍ଲକ ଉପାଧକ୍ଷ ସୁଖିରାମ ସାଣ, ସୁଶୀଲ ପଧାନ, ବିକାଶ ଦାଶ, ଗୋପାଲ ସାହୁ, ଜଳଧର ତାଣ୍ଡି, ରବୀନ୍ଦ୍ର ଗଦତ୍ୟା ପ୍ରମୁଖ ସାମିଲ ହୋଇଥିଲେ ।

## ବକଟିରେ କ୍ଲଷ୍ଟରସ୍ତରୀୟ ‘ସୁରଭି’ କାର୍ଯ୍ୟକ୍ରମ



ଲୋଇସିଂହା, ୧୨ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବକଟି ଉଷା ଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ବଂଶୀଧର ମେମୋରିଆଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସଚିଦାନନ୍ଦ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯକ୍ରମର ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ସିଆରସିସି ବାବୁଲାଲ ସାହୁ, ଉଷା ଦେବୀ ସ୍କୁଲ୍‌ର ପ୍ରଧାନ ଶିକ୍ଷକ ଚିନ୍ମୟ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । ବକଟି କ୍ଲଷ୍ଟରର ବେନ୍ଦ୍ରା ସ୍କୁଲ, ବଙ୍ଗାବାହାଲ ସ୍କୁଲ, ରାମପୁର ସ୍କୁଲ, ଝାରବନ୍ଧଲି ସ୍କୁଲ, ଅସୁରମୁଣ୍ଡା ସ୍କୁଲ, ବଡ ଖଲିଆପାଲି ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା । ସମସ୍ତ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ୧୭ ତାରିଖ ତୁଡୁକାରେ ହେବାକୁ ଥିବା ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ । ସରୋଜ ବିଶ୍ୱାଳ ଓ ଦୋଳ ଗୋବିନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ । ଗୋପବନ୍ଧୁ ପଟେଲ, ପିଣ୍ଟୁ ଦୋରା, ସଙ୍ଗୀତା ସାହୁ, ପ୍ରଭାତୀ ଜେନା, ରୁଷଭ ଭୋଇ, ଲମ୍ବୋଦର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

# ବେକାର ଯୁବକ, ଯୁବତୀଙ୍କୁ ଶୋଷୁଛନ୍ତି ଆଉଟସୋର୍ସିଂ ସଂସ୍ଥା

ବଲାଙ୍ଗିର, ୧୨ ।୧୦(ସମିସ)

ବଲାଙ୍ଗିର ଜିଲ୍ଲାରେ ଆଉଟସୋର୍ସିଂ ଚାକିରି ନାମରେ ବେକାର ଯୁବକ ଓ ଯୁବତୀ ଠକେଇର ଶିକାର ହେଉଛନ୍ତ । ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟ କରିବା ପାଇଁ ଆଉଟସୋର୍ସିଂ ସଂସ୍ଥାକୁ ନିୟୋଜିତ କରାଯାଉଛି । ପ୍ରଶାସନିକ ବ୍ୟବସ୍ଥାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ପରିଚାଳନା ପାଇଁ ଡାଟା ଏଣ୍ଟ୍ରି ଅପରେଟରଠାରୁ ଆରମ୍ଭ କରି ସୁରକ୍ଷା କର୍ମୀ ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ଆଉଟସୋର୍ସିଂ ସଂସ୍ଥାକୁ ନିୟୋଜିତ କରାଯାଇଛି । ଏହି ସଂସ୍ଥା ସବୁ କିଛି ବର୍ଷ କାମ କରିବା ପରେ ପୁଣି ଏକ ନୂଆ ସଂସ୍ଥା କର୍ମଚାରୀ ନିୟୋଜିତ କରିବାକୁ ଟେଣ୍ଡର ପାଉଛି । ପୁରୁଣା ସଂସ୍ଥାର କର୍ମଚାରୀଙ୍କୁ ଛଟେଇ କରାଯାଉଛି । ଅନେକ ସମୟରେ ସମ୍ପୃକ୍ତ କର୍ମଚାରୀମାନଙ୍କ ପୁନଃ ନିଯୁକ୍ତି ପାଇଁ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଟେଣ୍ଡର ଅବଧି ସରିଯିବା ପରେ ଆଉଟସୋର୍ସିଂ କମ୍ପାନୀର ଅଧିକାରୀ ଆଉ ଧରାଛୁଆଁ ଦେଉନାହାନ୍ତି । ଚାକିରି ଲୋଭ ଦେଖାଇ ଏହି ଆଉଟସୋର୍ସିଂ ସଂସ୍ଥାଗୁଡ଼ିକ ବହୁ ପରିମାଣର ଟଙ୍କା ନେଉଛନ୍ତି । ଦରମା ଟଙ୍କା ବି ତାହା ଭରଣା କରିପାରୁନାହିଁ । ଏହିଭଳି ଭାବେ ଅନେକ ବେକାର ଯୁବକ ଯୁବତୀ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି । ବିଭିନ୍ନ ସମୟରେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିଥାଏ । ଆନ୍ଦୋଳନ କରିବା ପଛରେ ଏକ ବଡ଼ କାରଣ ରହିଥାଏ । ଅନେକ ସମୟରେ ପ୍ରଶାସନିକ ଅଧିକାରୀମାନେ ତାହାକୁ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ବନ, ଯୋଗାଣ, ପଞ୍ଚାୟତିରାଜ, ନଗର ଉନ୍ନୟନ ଭଳି ବିଭିନ୍ନ ସରକାରୀ ବ୍ୟବସ୍ଥାରେ ଥିବା କାର୍ଯ୍ୟାଳୟରେ ଆଉଟସୋର୍ସିଂରେ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏହି କର୍ମଚାରୀମାନେ ନାମକୁ ସରକାରୀ କାର୍ଯ୍ୟାଳୟରେ କାମ କରନ୍ତି । ଏମାନଙ୍କ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ହିଁ ସର୍ବେସର୍ବା । ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଶତାଧିକ ଆଉଟସୋର୍ସିଂ କର୍ମଚାରୀ କାମ କରୁଛନ୍ତି । ଅନେକ ବେକାର ଯୁବକ ଯୁବତୀ ଏହି ଆଉଟସୋର୍ସିଂ ଚାକିରି ନାମରେ ଠକେଇର ଶିକାର ହେଉଥିବା ଅଭିଯୋଗ ହୋଇଛି । କିଛି ବର୍ଷ ପୂର୍ବରୁ ବନ ବିଭାଗରେ କାମ କରୁଥିବା ବନ୍ୟପ୍ରାଣୀ ସୁରକ୍ଷା କର୍ମୀମାନେ ନିଯୁକ୍ତି ଦେଇଥିବା ସଂସ୍ଥା ନାମରେ ସାଙ୍ଘାତିକ ଅଭିଯୋଗ ଆଣିଥିଲେ । ସଂସ୍ଥା ସେମାନଙ୍କ ଇପିଏଫ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିଥିଲେ ।

ସେହିପରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ଆଉଟସୋର୍ସିଂ ସୁରକ୍ଷା କର୍ମୀ, ସହାୟକ, ସଫେଇ କର୍ମଚାରୀ ଠକେଇର ଶିକାର ହେଉଥିବା ଅଭିଯୋଗ ଆଣିଥାନ୍ତି । ବର୍ତ୍ତମାନ ବେକାର ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଦେବା ନାମରେ ଏହି ଆଉଟସୋର୍ସିଂ ସଂସ୍ଥା ଠକି ଚାଲିଥିବା ଅଭିଯୋଗ ହୋଇଛି । ଜିଲ୍ଲା ଓ ରାଜ୍ୟସ୍ତରରେ ଅନେକ ଏହିଭଳି ସଂସ୍ଥା ରହିଛନ୍ତି; ଯେଉଁମାନେ ଏହିଭଳି କର୍ମଚାରୀ ନିଯୁକ୍ତି ଟେଣ୍ଡର ପାଇଛନ୍ତି । ଜିଲ୍ଲାସ୍ତରରେ ମଧ୍ୟ ସେମାନଙ୍କ ଦଲାଲ ମାଧ୍ୟମରେ ଏହି ସଂସ୍ଥାର ଅଧିକାରୀମାନେ ବେକାର ଯୁବକ ଯୁବତୀଙ୍କୁ ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ତେବେ ଏହି ଚାକିରି ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ହୋଇଥିବା ସତ୍ତ୍ୱେ ଚାକିରି ନିଶାରେ ବେକାର ଯୁବକ ଯୁବତୀ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳିଛି । ଏହିଭଳି ଏକ ଠକେଇ କାରବାର ବଲାଙ୍ଗିର ଜିଲ୍ଲାରେ ଚାଲିଥିବା ବେଳେ ଏଥିପ୍ରତି କାହାର ନଜର ନାହିଁ; ଯାହାକି ଠକେଇ କରିଥିବା ସଂସ୍ଥା ଅଧିକାରୀଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି । ଜିଲ୍ଲା ପ୍ରଶାସନ ଓ ପୁଲିସ ମିଳିତ ଭାବେ ଏହିଭଳି ଠକ୍ ସଂସ୍ଥାକୁ ଠାବ କରି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଦୌ ଚିନ୍ତା ବି କରୁନି ।

■ ଉପ ନିର୍ବାଚନ ପାଇଁ ତତ୍ପର ପ୍ରଶାସନ

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

**ନୂଆପଡ଼ା, ୧୨।୧୦(ସମିସ):** ନୂଆପଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରି ଦେଇଛି। ଆଜି ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଗସ୍ତକରି ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ନୂଆପଡ଼ା ବ୍ଲକର ବିଭିନ୍ନ ଗ୍ରାମ ଯଥା ବିଶୋରା, ବାବନ କେରା, ସେମେରିଆ, ପରକୋଡ, ବଲୋଦା, ବୁଢ଼ୀପାଲି, ଅମ୍ଲିଦାଦର ଏବଂ ଖରିଆରରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ମଂଗ୍ରାପାଲି ସ୍କୁଲକୁ ମିଳିତ ଭାବରେ ଜିଲ୍ଲାପାଳ ଓ ଏସ୍‌ପି ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ବିଡିଓ ରୋହିତ ଭୋଇ ଏବଂ ବିଏଲଓ ସୁପର ଭାଇଜର ଅମିୟ ଜ୍ୟୋତି ପାଢ଼ୀ ଉପସ୍ଥିତ ଥିଲେ। ସବୁ ବୁଥ୍‌ମାନଙ୍କରେ ସମସ୍ତ ମୌଳିକ ସୁବିଧା ସହିତ ସଂରଚନା ଠିକ୍ ଅଛି ନା ନାହିଁ ଏବଂ ସମ୍ଭାବ୍ୟ ଆଇନ ଶୃଙ୍ଖଳା ପରିସ୍ଥିତି ତଦାରଖ କରିଥିଲେ। ଭୋଟଗ୍ରହଣ କେନ୍ଦ୍ର ହେବାକୁ ଥିବା ସମସ୍ତ ବିଦ୍ୟାଳୟରେ ପିଇବା ପାଣି, ବିଜୁଳି, ଶୌଚାଳୟ, ପାଚେରି ଇତ୍ୟାଦି ଅଛି ନା ନାହିଁ ପଚାରି ବୁଝିଥିଲେ। ଯେଉଁଠାରେ ଯାହା ଆବଶ୍ୟକ ଅତିଶୀଘ୍ର ସେଇ ସବୁ କାମ ନିର୍ବାଚନ ଯଥେଷ୍ଟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ନୂଆପଡ଼ା ଜିଲ୍ଲାରେ 'ସମ୍ଭାବନା -୨୦୨୬'

# ଗୁଣୋତ୍ତର ଉନ୍ନତି ପାଇଁ ନୂଆ ପଦକ୍ଷେପ, ନିରୀକ୍ଷଣ ପାଇଁ ଟିମ୍

**ନୂଆପଡ଼ା, ୧୨।୧୦(ସମିସ)**

ଦଶମଶ୍ରେଣୀ ବାର୍ଷିକ ପରୀକ୍ଷା ୨୦୨୬ରେ ଆଶାତୀତ ସଫଳତାର ସମ୍ଭାବନାକୁ ସତ୍ୟତାରେ ପରିଣତ କରିବା ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ତତ୍ତ୍ୱାବଧାନରେ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ 'ସମ୍ଭାବନା ୨୦୨୬' ଟୁୱାର୍ଡସ ଏକାଡେମିକ ଏକ୍ସେଲେନ୍ସ, ଆରମ୍ଭ କରାଯାଇଛି। ଯାହାର ଉଦ୍ଦେଶ୍ୟ ହେଉଛି ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଭିନିଷ୍ଠାକୁ ଉନ୍ନତ କରିବା ଓ ଏହାଙ୍କୁ ଶିକ୍ଷାରେ ଆତ୍ମବିଶ୍ୱାସୀ କରିବା। ଏହାର ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଅନୁପାଳନ କରିବା ସକାଶେ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ମାର୍ଗଦର୍ଶିକାରେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଅଗ୍ରଗତିକୁ ସୁନିଶ୍ଚିତ କରିବା ପାଇଁ ସବୁ ଦିଗକୁ ସାମିଲ କରାଯାଇଛି। ଏହାର ପ୍ରସ୍ତୁତି ପାଇଁ ଜିଲ୍ଲାର ପ୍ରଧାନଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀ ତଥା ଦକ୍ଷ ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନେଇ କର୍ମଶାଳା ଆୟୋଜିତ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାସ ଅଧକ୍ଷତା କରିଥିବାବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ସମୂହ ଯୋଗ ଦେଇଥିଲେ। ପ୍ରତ୍ୟେକ ବ୍ଲକରେ ନିରୀକ୍ଷଣ ଟିମ୍ ମଧ୍ୟ ଗଠନ କରାଯାଇଛି। ଏହି ଏସଓପି ଅନୁସାରେ ପ୍ରତ୍ୟେକ ବିଦ୍ୟାଳୟରେ ଡାଏଗନୋଷ୍ଟିକ ଟେଷ୍ଟ, ସାପ୍ତାହିକ ଏବଂ ମାସିକ ପରୀକ୍ଷା ଏବଂ ଫଳାଫଳ ବିଶ୍ଳେଷଣ ହେବା ସହିତ ପ୍ରତ୍ୟେକ ଛାତ୍ରଙ୍କ ଅଗ୍ରଗତି ଉପରେ ନିୟମିତ ନଜର ରଖାଯିବ। ଛାତ୍ରଛାତ୍ରୀମାନେ ନିଜ ଶିକ୍ଷା ଲକ୍ଷ୍ୟ ନିଜେ ନିର୍ଦ୍ଧାରଣ କରି ପ୍ରତି ଦୁଇ ମାସରେ ସମୀକ୍ଷା କରିବେ। ଜିଲ୍ଲାପାଳ ମଧୁସୂଦନ ଦାସ କହିଛନ୍ତି ଯେ, ସମ୍ଭାବନା ୨୦୨୬ ହେଉଛି ନୂଆପଡ଼ା ଜିଲ୍ଲାର ଶିକ୍ଷାରେ ଏକ ନୂତନ ମାର୍ଗଦର୍ଶନ ଯାହା ମାଧ୍ୟମରେ ଆମ ଛାତ୍ରଛାତ୍ରୀ ନିଜ ଅନ୍ତର୍ନିହିତ ଶକ୍ତିକୁ ଚିହ୍ନି ନିଜେ ଉନ୍ନତି ମାର୍ଗରେ ଆଗେଇ ଯିବେ। କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତିରେ ଭାରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ରେଶମଲାଲ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ଜିଲ୍ଲା ବିଜ୍ଞାନ ନୀରିକ୍ଷକ ଶ୍ରୀ ଗିରିଧାରୀ ସା, ସମସ୍ତ ଗୋଷ୍ଠି ଶିକ୍ଷାଧିକାରୀ, ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ତଥା ବିଷୟଭିତ୍ତିକ ସାଧନ କର୍ମୀ ପ୍ରମୁଖ ସକ୍ରିୟ ଭୂମିକା ଅଂଶଗ୍ରହଣ କରିଥିଲେ।




# ଗୋପାଳପୁରରେ ବୁଢ଼ାରଜା ଦେବଙ୍କ ଦଶହରା ପର୍ବ ସମ୍ପନ୍ନ



**ଥୁଆମୂଳ ରାମପୁର ୧୨।୧୦ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଠାରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶାନ୍ତି ଶୃଙ୍ଖଳା ଭାବରେ ବଢ଼ାରଜା ଦେବଙ୍କ ଦଶହରା ପର୍ବ ଶେଷ ହୋଇଛି। ବୁଢ଼ାରଜା ଦେବଙ୍କ ପାଖରେ ଆଶିର୍ବାଦ ଭିକ୍ଷା କାମନା ସକାଶେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ବହୁ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ମାନସିକ ଧାରୀ ମାନେ କୁକଡ଼ା, ପାରା, ଓ ବୋଦା ଭଳି ଅନେକ ଗୃହପାଳିତ ପଶୁ ଓ ପକ୍ଷୀ ଙ୍କୁ ବୁଢ଼ାରଜା ଙ୍କ ପାଖରେ ବଳି ଦେଇଥିଲେ। ବୁଢ଼ାରଜା ମନ୍ଦିରର ମୂଖ୍ୟ ପୂଜକ ରାଜେନ୍ଦ୍ର ନିଆଲ ରୀତିନୀତି ଅନୁଯାୟୀ ଗୁପ୍ତ ପୂଜାର୍ଚ୍ଚନା କଲା ପରେ ପୁଜାରୀ କୁଶ ତେଜିଙ୍କୁ କାଳିସି ଲାଗି ହେଲା ପରେ କଣ୍ଢା ଦୋଳି ଝୁଲିବା ସହ ନିଆଁରେ ଚାଲିଥିଲେ ବୁଢ଼ାରଜା। ଯାତ୍ରା ଟିକୁ ଦେଖିବାକୁ ଆଖ ପାଖ ଗାଁ ଠାରୁ ଆରମ୍ଭ କରି ଅନେକ ଦୂରଦୂରାନ୍ତରୁ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ମାଣିକ୍ୟ ଚନ୍ଦ୍ର ନାଏକ, ଦୁର୍ଯ୍ୟୋଧନ ନାୟକ, ଫୋଟୁସି ଭୋଇ, ଥବିର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଯାହା ରାତି ସାରା ଲୋକେ ଉପଭୋଗ କରିଥିଲେ।

# ଖାଉଟି ଅଦାଲତରେ କମ୍ପାନୀ ଦଣ୍ଡିତ

**କେସିଙ୍ଗା, ୧୨।୧୦(ସମିସ):** ଯେତେବେଳେ ଚାହିଁଲେ ସେତେ ବେଳେ ମନଇଚ୍ଛା ଚ୍ୟାନାଲ କାଟି ଉପଭୋକ୍ତାଙ୍କୁ ପଇସା ଦେବାକୁ ବାଧ କରୁଥିବା ଡିଟିଏଚ୍ କମ୍ପାନୀକୁ ଖାଉଟି ଅଦାଲତରେ ଦଣ୍ଡିତ ହେବାକୁ ପଡ଼ିଛି। ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଅମିତ ଜୈନ ନାମକ ବ୍ୟକ୍ତି ତାଙ୍କ ଘରେ ଟାଟାସ୍କାଏ ଡିଟିଏଚ ସେବା ପ୍ୟାକେଜ ନେଇ ବ୍ୟବହାର କରୁଥିଲେ, ହେଲେ ହଠାତ ତାଙ୍କ ଡିଟିଏଚରୁ ସୋନି ନେଟୱାର୍କ ବନ୍ଦ ହୋଇ ଯାଇଥିଲା। ଅମିତ ସଙ୍ଗେ ସଙ୍ଗେ କମ୍ପାନୀର କଷ୍ଟମର କେୟାର ସହିତ ଯୋଗାଯୋଗ କରି ସମସ୍ତ କଥା କହିବା ପରେ ୧୫ ମିନିଟ ପର୍ଯ୍ୟନ୍ତ ସେଟ ଟପ୍ ବକ୍ସ ବନ୍ଦ କରି ପୁଣିଥରେ ୧୫ ମିନିଟ ପରେ ଟିଭି ଚଳାଇବା ପାଇଁ ପରାମର୍ଶ ମିଳିଥିଲା। ତଦଅନୁଯାୟୀ ଅମିତ ୧୫ ମିନିଟ ଟିଭି ବନ୍ଦ କରି ପୁଣି ଚଳାଇ ଥିଲେ ହେଲେ ତଥାପି ସୋନି ଟିଭି ଦେଖାଯାଇନ ଥିଲା। ପୁଣି ସେ କଷ୍ଟମର କେୟାର ସହିତ ଯୋଗାଯୋଗ କରିବାରୁ ତାଙ୍କୁ ୫୮ ଟଙ୍କା ଦେଲେ ସୋନିଟିଭି ଦେଖାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଥିଲା କିନ୍ତୁ ଏହା ଅମିତ ବିରୋଧ କରିଥିଲେ ମଧ ଶେଷରେ ୫୮ ଟଙ୍କା ଦେଇଥିଲେ। କମ୍ପାନୀ ର ମନମାନି ବିରୋଧରେ ଖାଉଟି ଅଦାଲତର ଆଶ୍ରୟ ନେଇଥିଲେ। ଅଭିଯୋଗକୁ ନେଇ ଖାଉଟି ଅଦାଲତ ଉକ୍ତ କମ୍ପାନୀର ମାନମାନୀ ଦର୍ଶାଇ ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ଦେଇଥିଲେ। ଯାହା ଅମିତଙ୍କୁ ପଇଠ କରିବା ପାଇଁ ନିର୍ଦ୍ଦେଶରେ ଥିଲା। ଶେଷରେ କମ୍ପାନୀ ୧୦ ହଜାର ଟଙ୍କା ଅମିତଙ୍କୁ ପ୍ରଦାନ କରିଥିବା ଅମିତ ପ୍ରକାଶ କରିଛନ୍ତି।

# ବେଦାନ୍ତ ଡିଏଭି ଆନ୍ତର୍ଜାତୀୟ ବିଦ୍ୟାଳୟରେ 'ରନ୍ ଫର୍ ଡିଏଭି'




**ଲାଞ୍ଜିଗଡ଼, ୧୨।୧୦ (ସମିସ):** ଲାଞ୍ଜିଗଡ଼ ଅଧୀନ ବେଦାନ୍ତ ଡିଏଭି ଅନ୍ତର୍ଜାତୀୟ ବିଦ୍ୟାଳୟରେ 'ରନ ଫୋର ଡିଏଭି' କାର୍ଯ୍ୟକ୍ରମ ବେଦାନ୍ତ ଟାଉନସିପ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷା ଡ. ମାନବୀନ କୌରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଭିଭାବକ, ଶିକ୍ଷୟିତ୍ରୀ ଓ ଦୁଇ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ପ୍ଲାଏକାର୍ଡ ଓ ପତାକା ଧରି ନାରାଦେଇ ଟାଉନସିପ ଚାରିପଟେ ଦୌଡ଼ ଲଗାଇଥିଲେ। ଅଧକ୍ଷା ଡ. ମାନବୀନ କୌର ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରନ୍ ଫୋର ଡିଏଭି'ର ଉଦ୍ଦେଶ୍ୟ ଉପସ୍ଥାପନ କରି କହିଥିଲେ ଯେ ଏହା ଦ୍ୱାରା ବିଦ୍ୟାର୍ଥୀଙ୍କ ମାନସିକ ଓ ଶାରୀରିକ ସୁସ୍ଥତା ଆଣିବାସହ ସବୁଜ ପୃଥିବୀ ପାଇଁ ଜନସଚେତନତା ସୃଷ୍ଟି କରିବ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ନୂଆପଡ଼ା, ୧୨।୧୦(ସମିସ):** ସ୍ଥାନୀୟ ଅଁଳା ଯୁବା କ୍ଲଷ୍ଟର ଅଧୀନସ୍ଥ ଦର୍ଲିମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସୁରଭି ଆୟୋଜିତ ହୋଇଯାଇଛି। ଏଥିରେ ଛାତ୍ର ଛାତ୍ରୀମାନେ ମନଭରି ନାଚିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୈଷ୍ଣବ ଭୋଇଙ୍କ ଅଧକ୍ଷତାରେ ଜୁନିଅର ସିନିଅର ଓ ସବଜୁନିଅର ବିଭାଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡୋଳାମଣି ପ୍ରଧାନ, ମୁଖ୍ୟବକ୍ତା ଭାବରେ ରାଧେଶ୍ୟାମ ସା, ଶିକ୍ଷକ ପ୍ରଦୀପ ଭୋଇ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗେନ୍ଦ୍ର ବେହେରା, ରମାକାନ୍ତ ମିଶ୍ର ବରିଷ୍ଠ ଶିକ୍ଷକ ଅଁଳାଜୁବା ବିଦ୍ୟାଳୟ ଏବଂ ଆକାଶ ସାହୁ ଶିକ୍ଷକ ପିପଲଛଣ୍ଡି ମଞ୍ଚ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମର ମଧାହ୍ନ ବିରତି ପରେ ଜିଲ୍ଲା ସାମ୍ବାଦିକ ସଙ୍ଘ (ଜାନ)ସଭାପତି ଘନଶ୍ୟାମ ଭୋଇ, ଶରତ ପଣ୍ଡା ପୂର୍ବତନ ସିଆରସିସି, ଜୀତେନ୍ଦ୍ର ଖମାରି ସଭାପତି।



# ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

**ସିନାପାଲି, ୧୨।୧୦ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଅଧୀନ ପୁଞ୍ଜିପଡ଼ାଠାରେ ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣକ ସିନାପାଲି ବ୍ଲକ ବରଗାଁ ଗ୍ରାମର ଲକ୍ଷ୍ମି ସା(୨୪) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ ପୁଞ୍ଜିପଡ଼ାରେ ଜିଇଁତା ଉପଲକ୍ଷେ ନାଟକ କାର୍ଯ୍ୟକ୍ରମ ରହିଥିଲା। କସେଇପାଣି ଗ୍ରାମର ଏକ ନାଟକ ପାର୍ଟି ସେହି ଗ୍ରାମକୁ କାର୍ଯ୍ୟକ୍ରମ କରିବାକୁ ଯାଇଥିଲା। ସେଠୁ ନାଟକ ପାର୍ଟିକୁ ରହିବାକୁ ଏକ ଘର ଦିଆଯାଇଥିଲା। ହେଲେ ସେହି ଘରରେ ଲାଇଟ ସମସ୍ୟା ଥିବାରୁ ଲାଇଟ ଲଗାଇ ପଙ୍ଖା ଚଳାଇବାକୁ ଲାଇଟ ମରାମତି କରୁଥିବା ବେଳେ ଯୁବକ ଜଣକ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଘଟଣ ଘଟିଥିଲା। ପରେ ସାଥୀଲୋକେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟିମନପୁର ସରକାରୀ ହସ୍‌ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଏନେଇ ନାଟକ ପାର୍ଟିକୁ କ୍ଷତିପୂରଣ ଦାବି କରିଥିଲେ। କ୍ଷତିପୂରଣ ବାବଦକୁ ଉଭୟ କଥାବାର୍ତ୍ତା ହୋଇ ବୁଝାମଣା ହୋଇଥିଲା। ସିନାପାଲି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲୁଥିବା ଜଣାପଡ଼ିଛି।

ରାସ୍ତାରେ ଗୁହାଳ ନିର୍ମାଣ କରି ଅବରୋଧ ଅଭିଯୋଗ

# ଉଚ୍ଛେଦ ନ କଲେ ଧାରଣା ପାଇଁ ଧମକ

**କର୍ଲାମୁଣ୍ଡା, ୧୨।୧୦(ସମିସ):** କର୍ଲାମୁଣ୍ଡା ବ୍ଲକ ସରଗୁଲ ମାଲପଡ଼ା ପଞ୍ଚାୟତର ପୁଟିଗାଁଠାରେ ଏକ ସର୍ବସାଧାରଣ ସ୍ଥାନରେ ଗୁହାଳ ନିର୍ମାଣ କରାଯାଇଥିବାରୁ ତାର ପଛପଟେ ଥିବା ଜମି ମାଲିକମାନେ ଯାତାୟାତ କରିପାରୁ ନ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ପୁଟିଗାଁର ଗୋବିନ୍ଦ ଶଙ୍କର ସାହୁ ଓ ତାଙ୍କ ପରିବାରଲୋକଙ୍କ ଏକ ଘରବାରୀ ପ୍ଲଟ୍ ସାମ୍ନାରେ ସରକାରୀ ପ୍ଲଟ୍ ରହିଛି। ଉକ୍ତ ସରକାରୀ ପ୍ଲଟ୍ ସର୍ବସାଧାରଣ ରାସ୍ତା ଅଟେ। କିନ୍ତୁ ସେଠାରେ ଉକ୍ତ ଗ୍ରାମର କମ୍ପୁପାଣି ସାହୁ, ଜଗବନ୍ଧୁ ସାହୁ, କୀର୍ତ୍ତିଚନ୍ଦ୍ର ସାହୁ, ମୁକ୍ତିସିଆଣି ସାହୁ ପ୍ରମୁଖ ବେଆଇନ ଭାବରେ ଗୁହାଳ ନିର୍ମାଣ କରି ରାସ୍ତା ଅବରୋଧ କରିଥିବା ତହସିଲଦାର ସମେତ ଜିଲ୍ଲାପାଳ ଓ ରାଜସ୍ୱମନ୍ତ୍ରୀଙ୍କ ଠାରେ ଲିଖିତ ଅଭିଯୋଗ ହୋଇଛି।

ପ୍ରକାଶ ଥାଉକି ଏହି ଘଟଣାକୁ ନେଇ ୨୦୧୨ରେ ଗୋବିନ୍ଦ ଶଙ୍କର ସାହୁ ସଆରପିସି ୧୩୩ ଧାରା ଅନୁଯାଇ ଉପଜିଲ୍ଲାପାଳ କୋର୍ଟରେ ଏକ ମାମଲା ଦାୟର କରିଥିଲେ। ଉପଜିଲ୍ଲାପାଳ ୨୦୧୪ରେ ଗୁହାଳ ଭାଙ୍ଗିବା ପାଇଁ କର୍ଲାମୁଣ୍ଡା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଗୁହାଳ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବାରୁ ଉପଜିଲ୍ଲାପାଳ ଏକ ଶାନ୍ତି କମିଟି ଗଠନ କରିଥିଲେ। ଏହି କମିଟିରେ ତତ୍କାଳୀନ ନର୍ଲା ବିଧାୟକ, ଏସଡିପି, ମ.ରାମପୁର ଥାନାଧିକାରୀଙ୍କ ସମେତ କେତେକ ଭଦ୍ରବ୍ୟକ୍ତି ସଦସ୍ୟ ଥିଲେ। ଯେଉଁ ମାନଙ୍କର ଗୁହାଳ ଭଙ୍ଗାଯାଇଥିଲା ସେମାନଙ୍କୁ ବିଧାୟକ ବିଜୁ ପକ୍କାଘର ଯୋଗାଇ ଦେଇଥିଲେ ଓ ଦଶ ଦିନ ମଧ୍ୟରେ ଉକ୍ତ ଭଙ୍ଗା ଯାଇଥିବା ସ୍ଥାନରୁ ଦଖଲକାରୀମାନେ ହଟିଯିବେ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ବର୍ତ୍ତମାନ ସେହି ଜାଗାରେ ଜଗବନ୍ଧୁ ସାହୁ ପକ୍କାଘର କରିବା ଆରମ୍ଭ କରିଥିବା ନେଇ ପୁଣି ଗୋବିନ୍ଦ ଥାନାର ଦ୍ୱାରସ୍ଥ ହୋଇଥିଲେ କିନ୍ତୁ ଜଗବନ୍ଧୁ ଗୋବିନ୍ଦଙ୍କୁ ହତ୍ୟା ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ଜବରଦଖଲକାରୀଙ୍କୁ ଉକ୍ତ ସ୍ଥାନରୁ ଉଚ୍ଛେଦ ପାଇଁ ସେ ଓ ଅନ୍ୟମାନେ ଦାବି କରିଛନ୍ତି। ଯଦି ତୁରନ୍ତ ଉଚ୍ଛେଦ କରା ନ ଯାଏ ତେବେ ତହସିଲ ଅଫିସ ସମ୍ମୁଖରେ ତାଙ୍କ ପରିବାର ଲୋକେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏନେଇ ତହସିଲଦାର ଅରୁଣ ବର୍ଗେଙ୍କୁ ପଚାରିବାରୁ ଜାଗା ଛାଡିବା ପାଇଁ ଦଖଲକାରୀଙ୍କୁ ମାସିକିଆ ନୋଟିସ ଦିଆଯାଇଛି, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନେ ଜାଗା ଉଚ୍ଛେଦ ନ କଲେ ଆବଶକୀୟ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବିଜୟ ପ୍ରଧାନ 'ସର୍ବଶ୍ରୀ ସମ୍ମାନ-୨୫' ଓ କେଦାରନାଥ ମିଶ୍ର ପାଇବେ 'ସର୍ବଶ୍ରୀ ପାଠକ ସମ୍ମାନ-୨୫'

**ଭବାନୀପାଟଣା, ୧୨।୧୦(ସମିସ):** ସାହିତ୍ୟ ପାଇଁ ସମର୍ପିତ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦ ୨୦୦୭ରୁ ନିରବଛିନ୍ନ ଭାବେ ଧାରାବାହିକ ମାସିକ ସାରସ୍ୱତ କାର୍ଯ୍ୟକ୍ରମ କରିଆସୁଛି। ନୂତନ ପ୍ରତିଭାଙ୍କୁ ସସମ୍ମାନ ମଞ୍ଚ, ପୂଜ୍ୟପୂଜା କ୍ରମରେ ବରିଷ୍ଠ ଓ ଅନୁଭବୀ ଲେଖକଙ୍କୁ ନେଇ ସାହିତ୍ୟିକ ସନ୍ଧ୍ୟା, ପ୍ରସଙ୍ଗ ଭିତ୍ତିକ କବିତା ଓ ଗପ ଉତ୍ସବ, ସୃଜନ ଅବଦାନ ପାଇଁ ସାହିତ୍ୟିକ ଓ ପଠନ ସ୍ପୃହା ଅନୁରଣ ସକାଶେ ପାଠକ ସମ୍ମାନ ସହ ପତ୍ରିକା ପ୍ରକାଶନ ଓ ଦିବଂଗତ ଲେଖକଙ୍କୁ ବୈଦିକ ଦୀପାଞ୍ଜଳି ଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରିଆସୁଛି। ଚଳିତବର୍ଷ ବରିଷ୍ଠ ସାହିତ୍ୟିକ ବିଜୟ କୁମାର ପ୍ରଧାନଙ୍କୁ ମର୍ଯ୍ୟାଦାଜନକ 'ସର୍ବଶ୍ରୀ ସାହିତ୍ୟ ସମ୍ମାନ-୨୫' ଦିଆଯିବ। ସାଧକ ଶ୍ରୀ ପ୍ରଧାନଙ୍କ ଗଳ୍ପ ସଂକଳନ ଏକେଣା ଘର, ଆସ ଥରେ ଗାଁକୁ ଯିବା, ୟୁ.ଡି.କେସ ଓ ଅନ୍ୟାନ୍ୟ ଗଳ୍ପ, ହୃଦୟର ହାତଗୋଡ ଏବଂ ହାତକଡି, ସରିଯାଇଥିବା ରତ୍ନ, ହୃଦୟକୁ ଚିପୁଡ଼ିଲେ କିଛି ରକ୍ତ ଝରିବ ନିଶ୍ଚୟ ଭଳି ଚର୍ଚ୍ଚିତ ଉପନ୍ୟାସ ସହ ବହୁ ଗପ ଝଙ୍କାର, ଆସନ୍ତାକାଲି, ନବଲିପି, ଇସ୍ତାହାର, ସାଗର, ଡିବଡ଼ିବି ଭଳି ଅନେକ ପତ୍ରପତ୍ରିକାରେ ପ୍ରକାଶିତ। ପାଠକ ସୃଷ୍ଟି ଓ ବୃଦ୍ଧି ସକାଶେ ଅନୁଷ୍ଠାନ ଜଣେ ବିଦଗ୍ଧ ପଠନମନସ୍କ ବ୍ୟକ୍ତିଙ୍କୁ ସମ୍ମାନିତ କରିଆସୁଛି। ଚଳିତ ବର୍ଷ କେଦାରନାଥ ମିଶ୍ର ପାଇବେ 'ସର୍ବଶ୍ରୀ ପାଠକ ସମ୍ମାନ-୨୫'। ଶ୍ରୀ ମିଶ୍ର ଦୀର୍ଘ ବର୍ଷ ହେଲା ଆଧାତ୍ମିକ, ପୌରାଣିକ, ସାହିତ୍ୟ ପତ୍ରିକା ପଢ଼ି ଆସୁଛନ୍ତି। ଚାରି ଶହରୁ ଉର୍ଦ୍ଧ୍ୱ ପୁସ୍ତକ କ୍ରୟକରି ନିଜ ପାଠାଗାରରେ ସଯତ୍ନ ସାଇତି ରଖି ଅନ୍ୟମାନଙ୍କୁ ମଧ୍ୟ ପ୍ରୋତ୍ସାହିତ କରିଆସୁଛନ୍ତି। ବିଶେଷତଃ ମନକୁ ଜିଣୁଥିବା ଲେଖାର ଲେଖକଙ୍କୁ ଫୋନ କରି ଶୁଭେଚ୍ଛା ଜଣାଇବାକୁ ଭୁଲନ୍ତି ନାହିଁ। ଉଭୟଙ୍କୁ ଆଗାମୀ ୧୯ ତାରିଖ ବାର୍ଷିକ ଉତ୍ସବ ଅବସରରେ ସମ୍ମାନିତ କରାଯିବ ବୋଲି ସଂସଦ ତରଫରୁ ସଭାପତି ବ୍ରହ୍ମାନନ୍ଦ ସାମଲ, ପ୍ରତାପ ଚନ୍ଦ୍ର ପଣ୍ଡା, ଆଶୁତୋଷ ପୁରୋହିତ, କାଜଲ ମହାରଣା, ସଞ୍ଜୀବ ପଣ୍ଡା ପ୍ରମୁଖ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି।





# ସହାୟତାର ହାତ ବଢ଼ାଇଲେ ବ୍ଲକ୍ ଅଧକ୍ଷ

**ଗୋଲାମୁଣ୍ଡା, ୧୨।୧୦ (ସମିସ):** ଗୋଲାମୁଣ୍ଡା ବ୍ଲକ ବନ୍ଧାଗାଁ ଗ୍ରାମର ଲୟା ମାଝୀ (୫୦) ନାମ୍ନୀ ଆଦିବାସୀ ମହିଳା ଗତ ମଙ୍ଗଳବାର ଗାଁ ପୋଖରୀରେ ଗାଧୋଉଥିବା ବେଳେ ହଠାତ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ଡାକ୍ତର ତାଙ୍କୁ ବୁର୍ଲା ସ୍ଥାନାନ୍ତର କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଗରିବ ହୋଇଥିବାରୁ ତାଙ୍କ ସ୍ୱାମୀ ଘାସି ମାଝୀ ମୃତଦେହ ଗାଁକୁ ଆଣିବାକୁ ସକ୍ଷମ ହୋଇ ନ ଥିଲେ। ସହାୟତା ନିମନ୍ତେ ସେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଯୋଗାଯୋଗ କରିଥିଲେ। ବ୍ଲକ ଅଧକ୍ଷ ସହାୟତାର ହାତ ବଢ଼ାଇ ତୁରନ୍ତ ମର ଶରୀର ଆଣିବା ପାଇଁ ବ୍ୟବସ୍ଥା କରି ଥିଲେ। ଶନିବାର ଗାଁରେ ମୃତଦେହ ପହଞ୍ଚିବା ପରେ ଅନ୍ତିମ ସଂସ୍କାର କରାଯାଇଛି।


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/12 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|---|---|
| 1 | ଡେପୁଟି ମ୍ୟାନେଜର (ଅର୍ଥନୀତିଜ୍ଞ) | 03 | ଏମଏମଜିଏସ୍-II | 30 |

ବିଜ୍ଞାପନ ସଂ. CRPD/SCO/2025-26/14 (ନିୟମିତ ପଦବୀ)

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | ସର୍ବାଧିକ ବୟସ (01.10.2025 କଟ୍ ଅଫ୍) |
|---|---|---|---|---|
| 1 | ସହାୟକ ମହାପ୍ରବନ୍ଧକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 01 | ଏସ୍‌ଏମଜିଏସ୍-V | 45 |
| 2 | ପରିଚାଳକ - (ଉତ୍ପାଦ ଏବଂ ଗବେଷଣା-ଫୋରେକ୍ସ ଏବଂ ରୁପି ଡେରିଭେଟିଭ୍ସ) | 02 | ଏମଏମଜିଏସ୍-III | 36 |
| 3 | ପରିଚାଳକ - (ଗବେଷଣା ବିଶ୍ଳେଷକ) | 04 | ଏମଏମଜିଏସ୍-III | 36 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://sbi.bank.in/web/careers/post-your-query) ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 08.10.2025 ରୁ 28.10.2025 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 08.10.2025
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)


ଦଣ୍ଡପାଟ ଦଶରାରେ ପ୍ରତିବିମ୍ବିତ ହେଲା ଆଦି ସଂସ୍କୃତିର ଛାପ

# ମା' ଘାଟିମୁଣ୍ଡିଆଣିଙ୍କ ଦର୍ଶନ ପାଇଁ ଭିଡ଼

**କୋକସରା, ୧୨।୧୦(ସମିସ)**

ଦଣ୍ଡପାଟ ଦଶରାରେ ପ୍ରତିବିମ୍ବିତ ହୋଇଛି ଆଦି ସଂସ୍କୃତିର ଅନନ୍ୟ ଛାପ। ହଜାର ହଜାର ବର୍ଷର ପରମ୍ପରା ଆଜି ବି ଏଠାରେ ପ୍ରତିଫଳିତ ହୋଇଛି। ବାର୍ଷିକ ଯାତ୍ରା ଅବସରରେ ଭକ୍ତଜନଙ୍କୁ ଦର୍ଶନ ଦେଇଛନ୍ତି ଘାଟି ମୁଣ୍ଡିଆଣୀ ମା ସର୍ବମଙ୍ଗଳା। କୋକସରା ବ୍ଲକ ଗୋତମୁଣ୍ଡାଠାରେ ରବିବାର ଘାଟି ମୁଣ୍ଡିଆଣି ମା ସର୍ବମଙ୍ଗଳାଙ୍କବାର୍ଷିକ ଖଣ୍ଡାଧୁଆ ଯାତ୍ରା ତଥା ଦଣ୍ଡପାଟ ଦଶରା ମହୋତ୍ସବ ଆରମ୍ଭ ହୋଇଛି। ପୂଜକ ମନୋହର ପୁଝାରୀ ଦେବୀଙ୍କ ପୂଜାର୍ଚ୍ଚନା ବିଧିଅନୁସାରେ ନିର୍ବାହ କରୁଥିବାବେଳେ ଅପରାହ୍ନରେ ଦେବାଦେବୀମାନଙ୍କ ଖଣ୍ଡାସବୁକୁ ମାର୍ଜନା (ଧୁଆ) ଯାଇଥିଲା। ଗାଁ ପୋଖରୀରେ ଦେବୀଙ୍କ ଖଣ୍ଡ ମାର୍ଜନା ପରେ ସେଠାରୁ ଦେବୀଙ୍କ ପ୍ରତିମା ସ୍ୱରୂପ କାଳିଶୀମାନଙ୍କୁ ମଞ୍ଚ ନିକଟକୁ ପାଛୋଟି ଅଣାଯାଇଥିଲ। ଖଣ୍ଡଧୂଆ ଯାତ୍ରାର ମଶାଳ ଶୋଭାଯାତ୍ରାରେ ବିଭିନ୍ନ ପାରମ୍ପରିକ ଦଳ ଗୁଡ଼ିକ ସାମିଲ ହେଇଥିବାବେଳେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି ଦଶରା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ରମାଝୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ଇନ୍ଦ୍ରାବତୀ ଏସି ଇଂ ତୃପ କୁମାର ପାତ୍ର, ଆଦିବାସୀ ନେତା ରତ୍ନରାଜ ମାଝୀ ପ୍ରମୁଖ ସାମିଲ ହୋଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ମଞ୍ଚ ଉଦ୍‌ଘାଟନ ପରେ ଦେବାଦେବୀଙ୍କ ଖଣ୍ଡା ସ୍ଥାପନ କରିବା ସହିତ କାଳିଶୀମାନେ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ଦେଇଥିଲେ। ଶ୍ରଦ୍ଧାଳୁ ମାନେ ମା'ଙ୍କ ଦର୍ଶନ ପାଇଁ ନିଜ ତଥା ନିଜ ପରିବାରର ମଙ୍ଗଳ କାମନା କରିଥିଲେ। ଏହି ଦଶରା ମହୋତ୍ସବ ଆଗାମୀ ୩ ଦିନଧରି ଚାଲିବା ନେଇ ସୂଚନା ମିଳିଛି। ଗୋତମୁଣ୍ଡା କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାନ୍ତବର୍ତ୍ତି ଅଞ୍ଚଳ ହୋଇଥିବାରୁ ମା' ସର୍ବମଙ୍ଗଳାଙ୍କ ଘାଟିମୁଣ୍ଡିଆଣୀ ଦେବୀଙ୍କ ବାର୍ଷିକ ଦଣ୍ଡପାଟ 'ଦଶରା' ମହୋତ୍ସବ ଦେଖିବା ପାଇଁ ଜିଲ୍ଲା ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଦଶରା ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ପରିଚାଳନା କରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରାଗ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା କଳାହାଣ୍ଡିର ଅବିଚ୍ଛେଦ୍ୟ ଅଙ୍ଗ 'ଦଣ୍ଡପାଟ' ଐତିହାସିକ, ପୌରାଣିକ, ପ୍ରତ୍ନତାତ୍ତ୍ୱିକ, ପ୍ରାଚୀନ ଧର୍ମଧାରା ଓ ସାଂସ୍କୃତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରେ। ଆଜି ମଧ୍ୟ ଏହି ଅଞ୍ଚଳର ଦେବାଦେବୀ ଉପାସନା ଓ ପର୍ବ ପର୍ବାଣୀରେ ଆଦିମ ସଂସ୍କୃତି ଏବଂ ଧର୍ମଧାରାର ଛାପ ଦେଖିବାକୁ ମିଳେ। ସେହି କ୍ରମରେ ଗୋତମୁଣ୍ଡାଠାରେ ପୂଜା ପାଉଛନ୍ତି ଦେବୀ ଘାଟି ମୁଣ୍ଡିଆଣୀ ମା' ସର୍ବମଙ୍ଗଳା।



ସକାଳ
THE SAKALA

# ସମ୍ପାଦକୀୟ



ପ୍ରକୃତି ସବୁବେଳେ ଉତ୍ସାହର ରଙ୍ଗ ପରିଧାନ କରେ।
-ଆର ୱାଲ୍‌ଡୋ ଇମରସନ୍

## ଗଣତନ୍ତ୍ରକୁ ନୋବେଲ୍ ସ୍ୱୀକୃତି

ଗତ ୧୧ ତାରିଖରେ ଆଞ୍ଚଳିକ ଗଣମାଧ୍ୟମରେ ଗଣତନ୍ତ୍ର ସମ୍ପର୍କିତ ଦୁଇଟି ବିପରୀତଧର୍ମୀ ଖବର ପ୍ରକାଶ ପାଇଛି। ଭେନେଜୁଏଲାରେ ଗଣତନ୍ତ୍ର ଶାସନର ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷ ଧରି ସଂଗ୍ରାମ କରିଆସୁଥିବା ମାରିନା କୋରିନା ମାଚାଡ଼ୋଙ୍କୁ ଚଳିତ ବର୍ଷର ଶାନ୍ତି ନୋବେଲ୍ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଅପରପକ୍ଷରେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ଆମ ବରଗଡ଼ ଜିଲ୍ଲାର ଜଣେ ସରପଞ୍ଚ ବ୍ୟବସ୍ଥାଚକ୍ରରେ ଅତିଷ୍ଠ ହୋଇ ପଦବୀରୁ ଇସ୍ତଫା ଦେଇଛନ୍ତି ଏବଂ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରୁ ନିଜକୁ ଦୂରେଇ ନେଇ ପୁରୁଣା ପେସା(ଅଟୋଚାଳକ)କୁ ଆପଣେଇ ନେବାକୁ ଉଚିତ ମଣିଛନ୍ତି। ଆନ୍ତର୍ଜାତିକ ଓ ଆଞ୍ଚଳିକ ପରି ଆକାଶପାତାଳସ୍ତରୀୟ ଏହି ଦୁଇଘଟଣାରେ ଅନେକ ସଂଗତି ଓ ବିରୋଧାଭାସ ରହିଛି, ଯାହା ବିଶ୍ୱ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସୁଦୂରବିସ୍ତାରୀ ଓ ପ୍ରଭାବଶାଳୀ ସଂକେତ ଦେଉଛି।

ଏହା ଅସ୍ୱୀକାର କରିବାର ନାହିଁ ଯେ 'ଗଣଙ୍କ ଦ୍ୱାରା' ପ୍ରତିଷ୍ଠିତ ଗଣତନ୍ତ୍ର ଆଉ ଗୋଟାପଣେ 'ଗଣଙ୍କର' ନ ହୋଇ ଶାସକ-ସ୍ୱାର୍ଥକୈନ୍ଦ୍ରିକ ହେବାରେ ଲାଗିଛି। ପ୍ରଚ୍ଛନ୍ନ ଅର୍ଥବଳ, ବାହୁବଳ ଓ ଗୋଷ୍ଠୀତନ୍ତ୍ର ପ୍ରଭାବରେ ଗଣତନ୍ତ୍ରର ମୂଳାଧାର ନିର୍ବାଚନ ପ୍ରକ୍ରିୟା ମଧ୍ୟ ଅବାଧ ଓ ସ୍ୱଚ୍ଛ ବୋଲି ଜୋର ଦେଇ କହି ହେଉନାହିଁ। ଆଜିର ଶାସନ ବ୍ୟବସ୍ଥାରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ପ୍ରିୟାପ୍ରୀତିତୋଷଣ କାୟାବିସ୍ତାର କରିଚାଲିଥିବାରୁ ସ୍ୱାଭାବିକ ଭାବେ ସ୍ୱଚ୍ଛ, ନିରପେକ୍ଷ, ସାଧୁ, ସଚ୍ଚୋଟ ଜନପ୍ରତିନିଧିଟିଏ ବ୍ୟବସ୍ଥା ଉପରୁ ଆସ୍ଥା ତୁଟାଇ ଦେଉଛି, ଯାହା ବରଗଡ଼ ଜିଲ୍ଲା ବରହାଗୋଡ଼ାରେ ଦେଖିବାକୁ ମିଳିଛି। ଏଭଳି ଘଟଣାର ପୌନଃପୁନିକତା ଯୋଗୁଁ ଗଣତନ୍ତ୍ର ଉପରୁ ଜନତାଙ୍କ ଆସ୍ଥା ଓ ଭରସା ତୁଟି ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ, ନେପାଳ ଆଦି ଗଣତନ୍ତ୍ରବିରୋଧୀ ମାନସିକତାକୁ ଜନ୍ମ ଦେଉଛି। ତେବେ ସାମ୍ପ୍ରତିକ ବିଶ୍ୱରେ ଶାସନ ବ୍ୟବସ୍ଥାର ଶ୍ରେଷ୍ଠ ବିକଳ୍ପ କ'ଣ? ଏହି ଦ୍ୱନ୍ଦ୍ୱରୁ ମୁକୁଳିବାର ପ୍ରୟାସରେ ମାରିନାଙ୍କ କାହାଣୀ ଏବଂ ତାଙ୍କ ସଂଗ୍ରାମକୁ ନୋବେଲ୍ କମିଟିର ସ୍ୱୀକୃତି ଆଲୋକବର୍ତ୍ତିକାଟିଏ ହୋଇଛି।

ଗଣତନ୍ତ୍ରରୁ ମୁହଁ ଫେରାଇନେବା ବା ପଦପଦବୀରୁ ଓହରିଯିବାର ସମସ୍ୟାର ସମାଧାନ ନୁହେଁ, ବରଂ ବ୍ୟବସ୍ଥା ଭିତରେ ରହି ଆହ୍ୱାନକୁ ସମ୍ମୁଖୀନ ହେବା ହିଁ ସର୍ବୋତ୍କୃଷ୍ଟ ପନ୍ଥା। ଏହି ଅବସରରେ ନୋବେଲ୍ କମିଟି ଉଲ୍ଲେଖ କରିଥିବା ଉକ୍ତି ପ୍ରଣିଧାନଯୋଗ୍ୟ ଏବଂ ସାମ୍ପ୍ରତିକ ବିଶ୍ୱରେ ଅତୀବ ଗୁରୁତ୍ୱପୂର୍ଣ୍ଣ - 'ନିରବ ରହିବାର ବିକଳ୍ପକୁ ପ୍ରତ୍ୟାଖ୍ୟାନ କରିବା, ବିପଦ ଆଶଙ୍କା ସତ୍ତ୍ୱେ ଲଢ଼ିବା ଏବଂ ସ୍ୱାଧୀନତାକୁ କାହାର ଅନୁମୋଦନ ରୂପେ ଗ୍ରହଣ ନ କରିବା ବ୍ୟକ୍ତିଗତ ଚିନ୍ତାଧାରା ଉପରେ ନିର୍ଭରଶୀଳ'। ମେରିଆଙ୍କ ଜୀବନ ମଧ୍ୟ କମ୍ ସଂଘର୍ଷପୂର୍ଣ୍ଣ ନୁହେଁ। ବରହାଗୋଡ଼ା ସରପଞ୍ଚ ଶରତ କୁମ୍ଭାରଙ୍କ ଭଳି ମେରିଆଙ୍କ ଜୀବନ ପ୍ରତି ମଧ୍ୟ ପାଦେ ପାଦେ ବିପଦ ରହିଆସିଛି। ତାଙ୍କ ଉପରେ ଆକ୍ରମଣ ହୋଇଛି, ମାସ ମାସ ଧରି ସେ ଅଜ୍ଞାତବାସରେ ରହିଛନ୍ତି। ତଥାପି ଡରି ନ ଯାଇ ସଂଘର୍ଷ ଜାରି ରଖିଛନ୍ତି। ବୁଲେଟ୍(ଗୁଳି) ନୁହେଁ, ବାଲୋଟ୍(ଭୋଟଦାନ) ହିଁ ଶ୍ରେଷ୍ଠ ଓ ଶକ୍ତିଶାଳୀ - ଏହା ଘୋଷଣଶ ସେ ଦୃପ୍ତ କଣ୍ଠରେ ଏକଚ୍ଛତ୍ରବାଦୀ ଶାସକ ଆଗରେ ବାରମ୍ବାର ଉପସ୍ଥାପନ କରିଛନ୍ତି। ମହିଳା ହୋଇ ମଧ୍ୟ ମେରିଆ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ ଯେଉଁ ଅସୀମ ଧୈର୍ଯ୍ୟ ଓ ସାହସ ଜୁଟାଇ ପାରିଛନ୍ତି, ତାହାକୁ ନୋବେଲ୍ କମିଟି ସମ୍ମାନ ଜଣାଇଛନ୍ତି। ସାମ୍ପ୍ରତିକ ବିଶ୍ୱରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ହିଁ ସର୍ବଶ୍ରେଷ୍ଠ ବିକଳ୍ପ ଓ ସଦାଜୀବନ୍ତ - ଏହା ପରୋକ୍ଷରେ ନୋବେଲ୍ କମିଟି ୨୦୨୫ ନୋବେଲ୍ ପୁରସ୍କାର ମାଧ୍ୟମରେ ସଙ୍କେତ ଦେଇଛନ୍ତି।

## ଯୁଦ୍ଧବିରତି ଓ ଅର୍ଥନୀତି

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଚାଲିଥିବା ଦୁଇବର୍ଷର ଯୁଦ୍ଧରେ ଆପାତତଃ ବିରାମ ଲାଗିଛି। ବାହୁବଳ, ସାମ୍ପ୍ରଦାୟିକତା ଓ ଅହଂକାରର ଏହି ଲଢ଼େଇରେ ପ୍ରାୟ ୭୦ ହଜାର ନିରୀହ ଜୀବନ ଯିବା ଏବଂ ଯୁଦ୍ଧପୀଡ଼ିତଙ୍କ ଭବିଷ୍ୟତ ଅନ୍ଧକାର ଭିତରକୁ ଚାଲିଯିବା ହିଁ ସାର ହୋଇଛି। ଯୁଦ୍ଧରେ ଭିତ୍ତିଭୂମି ଓ ମାନବିକତାର ଯେଉଁ କ୍ଷୟକ୍ଷତି ଘଟିଲା, ତାହା କୌଣସି ଯୁଦ୍ଧ ପକ୍ଷର ନୁହେଁ, ବରଂ ସମଗ୍ର ବିଶ୍ୱର, ମାନବସଭ୍ୟତାର। ଏଥିପାଇଁ ଉତ୍ତରଦାୟୀ ହେବ କିଏ? ଏହି ପ୍ରଶ୍ନର ଉତ୍ତର କ୍ରିୟା-ପ୍ରତିକ୍ରିୟା ତତ୍ତ୍ୱ ଭିତରେ ସବୁଦିନ ପାଇଁ ଲୁଚିଯିବ। ଯୁଦ୍ଧବିରତିର ଶ୍ରେୟ ଯିଏ ବା ନିଅନ୍ତୁ ନା କାହିଁକି ଏବଂ ତା'ପଛରେ ଯାହା ବି କାରଣ ଥାଉ ନା କାହିଁକି ସମଗ୍ର ଏସିଆ ଭୂଖଣ୍ଡ ପ୍ରତି ଏହା ଏକ ମଙ୍ଗଳପ୍ରଦ।

ଯୁଦ୍ଧବିରତି ମଧ୍ୟପ୍ରାଚ୍ୟ ସହିତ ଭାରତୀୟ ଅର୍ଥନୀତି ପାଇଁ ମଧ୍ୟ ପ୍ରୀତିପ୍ରଦ। ଇସ୍ରାଏଲ୍-ହମାସ ଯୁଦ୍ଧ ଆରମ୍ଭ ହେବା ପରେ ବିଶ୍ୱ ନୌବାଣିଜ୍ୟ ସବୁଠାରୁ ଅଧିକ ବାଧାପ୍ରାପ୍ତ ହୋଇଥିଲା। ଲୋହିତ ସାଗରରେ ୟେମେନ୍ ସମର୍ଥିତ ହାଉଥି ଜଳଦସ୍ୟୁମାନଙ୍କର ଆକ୍ରମଣ ଭୟରେ ପଣ୍ୟବାହୀ ଜାହାଜମାନେ 'କେପ୍ ଅଫ୍ ଗୁଡ୍ ହୋପ୍' ପଥ ଦେଇ କାରବାର କରିବାକୁ ପଡୁଥିଲା, ଯାହାଫଳରେ ପରିବହନ ଖର୍ଚ୍ଚ ପ୍ରାୟ ତିନିଗୁଣା ବଢ଼ିଥିଲା। ଯୁଦ୍ଧବିରତି ପରେ ଲୋହିତ ସାଗର ଦେଇ ସୁଏଜ୍ କେନାଲ୍ ପଥ ବିପଦମୁକ୍ତ ହେବା ଆଶା କରାଯାଉଥିବାରୁ ସେହି ପଥ ଦେଇ ଜାହାଜ ଚଳାଚଳ ସ୍ୱାଭାବିକ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏହାର ସବୁଠାରୁ ବଡ଼ ଲାଭ ଭାରତର ରପ୍ତାନୀ ବାଣିଜ୍ୟ ପାଇବ। ୟୁରୋପ, ଆମେରିକା, ଆଫ୍ରିକା, ପଶ୍ଚିମ ଏସିଆକୁ ରପ୍ତାନି ହେଉଥିବା ଭାରତୀୟ କୃଷି, ବୟନ, ଜୋତା, ସାମୁଦ୍ରିକ ଉତ୍ପାଦର ପରିବହନ ମୂଲ୍ୟ ହ୍ରାସ ପାଇଲେ ବିଶ୍ୱ ବଜାରରେ ଚାହିଦା ବଢ଼ିବ, ଯାହାର ଲାଭ ଭାରତୀୟ ଅର୍ଥନୀତିକୁ ମିଳିବ। ତେବେ ଏହାର ସ୍ଥାୟିତ୍ୱ ନିର୍ଭର କରୁଛି ଇସ୍ରାଏଲ୍-ହମାସ୍ ପ୍ରତ୍ୟର୍ପଣ ଚୁକ୍ତିର କାର୍ଯ୍ୟକାରିତା ଉପରେ। ତେଣୁ ଏବେ ଭାରତର ରପ୍ତାନି ବାଣିଜ୍ୟ କେବଳ ଏକ ଆଶାରେ ରହିଛି।

ପରିକଳ୍ପିତ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପୀୟ କରିଡର ବାସ୍ତବ ରୂପ ନେବା ପର୍ଯ୍ୟନ୍ତ ଏଭଳି ଅନିଶ୍ଚିତତା ଜାରି ରହିବ। ଭାରତର ଆଉ ଏକ ବାଧ୍ୟବାଧକତା ହେଉଛି ଏ ପର୍ଯ୍ୟନ୍ତ ବହିଃବାଣିଜ୍ୟ ବିଦେଶୀ ଜାହାଜ ଉପରେ ନିର୍ଭରଶୀଳ। ସେ ବାବଦରେ ଭାରତରୁ ସାମଗ୍ରିକ ଭାବେ ବାର୍ଷିକ ୭୫୦୦ ଡଲାର ବିଦେଶୀ ଜାହାଜ ଖାତାକୁ ଯାଉଛି। ତେଣୁ ଏ ଦିଗରେ ମଧ୍ୟ ଭାରତକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଏକ ଐତିହାସିକ ବିଡ଼ମ୍ବନା

ଆଇନର ଭୁଲ୍ ତର୍ଜମା, ରୂପାୟନରେ ପ୍ରଶାସନିକ ତ୍ରୁଟି ଏବଂ ଅଭିଯୋଗ ସମାଧାନରେ ସରକାରୀ ଅବହେଳା କିଭଳି ମହତ୍ ଉଦ୍ଦେଶ୍ୟରେ ପ୍ରଣୀତ ଆଇନ୍ ଉପରେ ଖଳନାୟକର ଅପବାଦ ଲଦି ଦିଏ ତାହାର ପ୍ରକୃଷ୍ଟ ଉଦାହରଣ ହେଉଛି ଜଙ୍ଗଲ ସୁରକ୍ଷା ଆଇନ ୨୦୦୬(ଏଫ୍ଆରଏ)। ଜଙ୍ଗଲ ଜମି ଉପରେ ଆଦିମ ଜନଜାତିଙ୍କର ଅଧିକାରକୁ ବୈଧ କରିବା ପାଇଁ ପ୍ରଣୀତ 'ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ(ମାନ୍ୟତା ଓ ଜଙ୍ଗଲ ଅଧିକାର)-୨୦୦୬' (ସଂକ୍ଷେପରେ 'ଜଙ୍ଗଲ ଅଧିକାର ଆଇନ-୨୦୦୬) ଦ୍ୱାରା ହିଁ ଅଧିକାଂଶ ବନବାସୀଙ୍କୁ ସେମାନଙ୍କ ପ୍ରକୃତି ମାଆ କୋଳରୁ ବିତାଡ଼ିତ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି।

ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ୨୦୧୯ ଫେବୃୟାରୀ ମାସ ୧୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ଆଦେଶ ଦେଲେ ଯେ ଏଫ୍ଆରଏ ଆଧାରରେ ଯେଉଁ ଜନଜାତିମାନେ ଜଙ୍ଗଲ ଜମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାରେ ବିଫଳ ହୋଇଛନ୍ତି ତୁରନ୍ତ ସେମାନଙ୍କୁ ଜଙ୍ଗଲରୁ ବିସ୍ଥାପିତ କରାଯାଉ। କିନ୍ତୁ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହେବା ପରେ ରାୟର ପୁନର୍ବିଚାର ଆବେଦନକୁ ନ୍ୟାୟାଳୟ ଗ୍ରହଣ କଲେ ଏବଂ ପ୍ରତ୍ୟାଖ୍ୟାତ ଦାବିଗୁଡ଼ିକର ପୁନର୍ବିଚାର କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଲେ। ଏଥିସହିତ ଜଙ୍ଗଲ ଜମିରେ ଅଧିକାର ଦାବି ଖାରଜ ହୋଇଥିବା ଜନଜାତିଙ୍କୁ ଉଚ୍ଛେଦ ରାୟ ସ୍ଥଗିତ ରହିଲା। କିନ୍ତୁ ଅଦ୍ୟାବଧି ରାଜ୍ୟ ସରକାରମାନେ ଖାରଜ ଦାବିଗୁଡ଼ିକର ପୁନଃସମୀକ୍ଷା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଆଦିମ ଜନଜାତିଙ୍କ ଜଙ୍ଗଲ ସମ୍ପଦ ଉପରେ ଅଧିକାରର ଭବିଷ୍ୟତ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି।

କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସତ୍ୟତମ ତଥ୍ୟ ଅନୁଯାୟୀ ତେଲଙ୍ଗାନା, ଓଡ଼ିଶା, ଗୁଜରାଟ, ମହାରାଷ୍ଟ୍ର, ଆସାମ୍, କର୍ଣ୍ଣାଟକ, ଝାଡ଼ଖଣ୍ଡରେ ସର୍ବାଧିକ ବିଚାରାଧୀନ ମାମଲା ରହିଛି। ୨୦୨୫ ଜୁନ୍ ୧ ତାରିଖ ସୁଦ୍ଧା ୫୧ ଲକ୍ଷ ୨୩ ହଜାର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଆବେଦନ ଆସିଥିବା ବେଳେ ମାତ୍ର ୨୫ ଲକ୍ଷ ୧୧ ହଜାର ଦାବିକୁ ସ୍ୱୀକୃତି ଦିଆଯାଇଛି। ୭ ଲକ୍ଷ ୪୯ ହଜାର ଦାବି ବିଚାରାଧୀନ ଥିବା ବେଳେ ୧୮ ଲକ୍ଷ ୬୨ ହଜାର ଦାବି ଖାରଜ କରାଯାଇଛି। ତେଲଙ୍ଗାନାରେ ସର୍ବାଧିକ ୩ ଲକ୍ଷ ୨୯ ହଜାର ଦାବି ବିଚାରାଧୀନ ଥିବା ବେଳେ ତା'ପଛକୁ ଓଡ଼ିଶାରେ ୧ ଲକ୍ଷ ୨୦ ହଜାର, ଆସାମ୍‌ରେ ୯୬ ହଜାର, ଗୁଜରାଟରେ ୮୪ ହଜାର, ମହାରାଷ୍ଟ୍ରରେ ୨୮ ହଜାର ଦାବି ବିଚାରାଧୀନ ରହିଛି। ପ୍ରତିଶତ ହିସାବରେ ତର୍ଜମା କଲେ ଗୋଆରେ ସର୍ବାଧିକ ୮୭%, ହିମାଚଳ ପ୍ରଦେଶରେ ୮୪.୫% ଓ ଆସାମରେ ୬୨% ଦାବି ବିଚାରାଧୀନ ରହିଛି।

ଏବେ ଓଡ଼ିଶା ବିଷୟ ଆଲୋଚନା କରିବା। ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାରର ଜନଜାତିଙ୍କ ମଧ୍ୟରୁ ୧୩ଟି ବିଶେଷ ଭାବରେ ଦୁର୍ବଳ ବା ଅବକ୍ଷୟମୁଖୀ(ପିଭିଟିଜି)। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟର ଆଦିବାସୀ ଜନସଂଖ୍ୟା ୯୫ ଲକ୍ଷ ୯୦ ହଜାର ୭୫୬ ରହିଥିବା ବେଳେ ମୋଟ ଜନସଂଖ୍ୟାରେ ଏମାନଙ୍କ ଭାଗ ୨୨.୮୫ ପ୍ରତିଶତ। ଓଡ଼ିଶାରେ ଅଦ୍ୟାବଧି ୪.୫୬ ଲକ୍ଷ ଜନଜାତିଙ୍କୁ ଏଫଆରଏ ବଳରେ ବ୍ୟକ୍ତିଗତ ଜମି ପଟ୍ଟା ପ୍ରଦାନ କରାଯାଇଛି। ୧୮ ହଜାର ପିଭିଟିଜି ବର୍ଗର ଜନଜାତିଙ୍କୁ ୩୧ ହଜାର ୫୪୧ ଏକର ଜଙ୍ଗର ଜମିରେ ଅଧିକାର ମିଳିଥିବା ବେଳେ ୫ ହଜାର ୮୦୭ ଗାଁକୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୪ ହଜାର ୨୭୮ ଗାଁକୁ ଗୋଷ୍ଠୀ ବନ ସମ୍ବଳ ଅଧିକାର ପ୍ରଦାନ କରାଯାଇଛି। ବନବାସୀଙ୍କ ୩ ଲକ୍ଷ ୪୨ ହଜାର ୨୮୮ ଟି ଖତିଆନକୁ ସରକାରୀ ନଥିପତ୍ରରେ ରେକର୍ଡଭୁକ୍ତ କରାଯାଇଥିବା ସୂଚନା ମିଳିଛି। ୧ ଲକ୍ଷ ୪୪ ହଜାର ୧୭୫ ହଜାର ଦାବି ନାକଚ ହୋଇଛି। ଦାବି ଉପସ୍ଥାପନ କରିପାରିନଥିବା ଅନେକ ଜନଜାତିଙ୍କ ସଂଖ୍ୟା ଜଣାପଡ଼ିନାହିଁ। ଏହି ସମସ୍ୟାର ସମାଧାନ ବା ଦାବି ପ୍ରତ୍ୟାଖ୍ୟାତ ହୋଇଥିବା ଜନଜାତିଙ୍କୁ ଜଙ୍ଗଲରୁ ଉଚ୍ଛେଦ ଆଦେଶର ପୁନର୍ବିଚାର ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ଏହା ଉପରେ ନିର୍ଭର କରୁଛି ଆଦିମ ଜନଜାତିଙ୍କ ଜଙ୍ଗଲ ଜମି ଉପରେ ସ୍ୱତ୍ୱାଧିକାରର ନିଶ୍ଚିତତା ଓ ଭବିଷ୍ୟତ। ସୁଖର କଥା ଇତିମଧ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ପତ୍ର ଲେଖି ବିଚାରାଧୀନ ମାମଲାଗୁଡ଼ିକର ତୁରନ୍ତ ଫଏସଲା କରିବା ଏବଂ ଏଫ୍ଆରଏ କାର୍ଯ୍ୟକାରିତାର ଅଗ୍ରଗତି ସମୀକ୍ଷା କରିବା ପାଇଁ କହିଛନ୍ତି।

ଜଙ୍ଗଲ ଜମିରେ ଅଧିକାର ସାବ୍ୟସ୍ତରେ ବିଫଳତା ଓ ସେମାନଙ୍କୁ ଉଚ୍ଛେଦ ଘଟଣା ପଛର ବହୁବିଧ କାରଣମାନଙ୍କ ମଧ୍ୟରୁ ଆଦିବାସୀମାନଙ୍କ ମଧ୍ୟରେ ଆଇନକାନୁନ୍ ସମ୍ପର୍କରେ ଅଜ୍ଞାନତା, ଡିଜିଟାଲ୍ ସାକ୍ଷରତା ଓ ସଚେତନତାର ଅଭାବ, ସୂଚନା ପ୍ରଯୁକ୍ତି ବିଦ୍ୟାର ଜଟିଳତା, ଦଲାଲ୍‌ରାଜ, ପ୍ରଶାନିକ ତ୍ରୁଟି, ଆଇନକାନୁନ୍ ତର୍ଜମାରେ ଦୁର୍ବଳତା, ରାଜନୈତିକ ପ୍ରଭାବ ଓ ଭୂମିକା ଆଦି ଅନ୍ୟତମ। ଏଫ୍ଆରଏ କାର୍ଯ୍ୟକାରିତାରେ ତ୍ରୁଟି କେବଳ ଆଦିମ ଜନଜାତି ବର୍ଗର ଜଙ୍ଗଲ ଜମି ଅଧିକାରକୁ କ୍ଷୁଣ୍ଣ କରୁନାହିଁ, ସେମାନଙ୍କ ଭାଷା, ସଂସ୍କୃତି, ଜୀବନଚର୍ଯ୍ୟାକୁ ପ୍ରଭାବିତ କରୁଛି। ଉଦାହରଣ ସ୍ୱରୂପ ଓଡ଼ିଶାରେ ବସବାସ କରୁଥିବା ୬୨ପ୍ରକାର ଜନଜାତି ବର୍ଗର ଲୋକ ୭୪ ପ୍ରକାର ଭାଷା କୁହନ୍ତି। ବିଶେଷଜ୍ଞମାନଙ୍କ ମତରେ ଏହି ଭାଷା ମଧ୍ୟରୁ ୧୩ଟି ବିଲୁପ୍ତପ୍ରାୟ। ସେଥିମଧ୍ୟରୁ ବାଲ୍ମିକୀ, ମହ୍ଲାର, ଜୁଆଙ୍ଗ, କିସାନ, କୋୟା, ଓରାମ, ମୁଣ୍ଡାରୀ, ସଉରା, ଗଡ଼ବା, ବଡ଼ଗଡ଼ବା, ଭୂମିଜ, ହୋ ଓ ଗୋଣ୍ଡି ଆଦି ଅନ୍ୟତମ। କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସୂଚନା ଅନୁସାରେ ସମଗ୍ର ଦେଶରେ ୮୨ଟି ଆଦିବାସୀ ଭାଷା ବିପନ୍ନ। ଓଡ଼ିଶାରୁ ସେଥିରେ ପାଞ୍ଚଟି ଯଥା ଜୁଆଙ୍ଗ, କିସାନ, କୋୟା, ଓରାମ ଓ ସଉରା ଅନ୍ତର୍ଭୁକ୍ତ। ସରକାରୀ ତଥ୍ୟ ଅନୁସାରେ ଆଦିବାସୀ ଭାଷାଗୁଡ଼ିକ ମଧ୍ୟରୁ କେତେକ ବିଲୁପ୍ତ ହୋଇ ସାରିଥିବା ବେଳେ ଆଉ କେତେକ ଅତିଶୟ ବିପନ୍ନ ବର୍ଗରେ ରହିଛି। ସଂପୃକ୍ତ ଭାଷାଭାଷୀଙ୍କ ଜନସଂଖ୍ୟା ବିପଜ୍ଜନକ ଭାବେ କମିଗଲେ କିମ୍ବା ବିସ୍ଥାପନ ଯୋଗୁଁ ବାହ୍ୟ ସଂସ୍କୃତି ଓ ଭାଷାର ପ୍ରଭାବ ଅଧିକ ହେଲେ ଭାଷା ମରିଯାଏ। ଏ କ୍ଷେତ୍ରରେ ମଧ୍ୟ ସମାନ କାରଣ ରହିଛି। ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାକ୍ କୌଶଳ ଓ ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ଉପର ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି। ତେବେ ଆଦିବାସୀ ମୂଳଭାଷାର ସୁରକ୍ଷା ଓ ବିକାଶ ନ ହେଲେ ଜାତୀୟ ଶିକ୍ଷା ନୀତିର ଲକ୍ଷ୍ୟ ପୂରଣ ଅସମ୍ଭବ ମନେହୁଏ।

ଏଫ୍ଆରଏ ଆଧାରରେ ଦାବିଗୁଡ଼ିକର ବିଚାର କଲା ବେଳେ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଇଛି, ଆଦିବାସୀମାନଙ୍କ ସ୍ୱରକୁ ଗୁରୁତ୍ୱ ଦିଆଯାଇଛି କି ନାହିଁ ବା ପକ୍ଷ ରଖିବାକୁ ସୁଯୋଗ ଦିଆଯାଇଛି କି ନାହିଁ, ପ୍ରମାଣପତ୍ର ଯୋଗାଡ଼ ପାଇଁ ଆବଶ୍ୟକ ସମୟ ଦିଆଯାଇଛି କି ନାହିଁ, ସେମାନଙ୍କୁ ଆଇନ ବିଷୟରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି କି ନାହିଁ ଆଦି କେତେକ ଗୁରୁତ୍ୱପୂର୍ଣ୍ଣ ବୈଷୟିକ ଓ ବୈଧ ପ୍ରଶାସନିକ ପ୍ରକ୍ରିୟା ଉପରେ ସର୍ବୋଚ୍ଚ ଅଦାଲତ ସରକାରଙ୍କଠାରୁ ଜାଣିବାକୁ ଚାହିଁଥିଲେ। କିନ୍ତୁ ଏଥିପାଇଁ ସମ୍ପୃକ୍ତ ମନ୍ତ୍ରଣାଳୟ ଜାତୀୟସ୍ତରରେ କୌଣସି ଏକକ ନିର୍ଦ୍ଦିଷ୍ଟ ନିୟମ ବା ଏକକ ଆଧାର ପ୍ରଣୟନ କରି ନଥିବା ଏବଂ ରାଜ୍ୟମାନେ ଏଫଆରଏ ଉଦ୍ଦିଷ୍ଟ ନିୟମ ଓ ସର୍ତ୍ତାବଳୀ ଅନୁପାଳନ ନ କରି ନିଜସ୍ୱ ଢଙ୍ଗରେ ନିଜ ନିଜ ସୁବିଧା ଅନୁଯାୟୀ ଦାଖଲ ଖାରଜ କରିଥିବା ଜଣାପଡ଼ିଥିଲା। ଜଙ୍ଗଲ ଜମି ଅଧିକାର ଦାବିର ବିଚାର କଲା ବେଳେ ସର୍ବେକ୍ଷଣରେ ତ୍ରୁଟି ରହିଥିବା, ସାଟେଲାଇଟ୍ ଚିତ୍ରର ଉପଯୁକ୍ତ ଅନୁଶୀଳନ କରା ଯାଇନଥିବା ମଧ୍ୟ ସାମ୍ନାକୁ ଆସିଥିଲା। ଏପରିକି ଏହି ପ୍ରକ୍ରିୟାରେ ମୁଖ୍ୟ ଭୂମିକା ଥିବା ଗ୍ରାମସଭାକୁ ମଧ୍ୟ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଇଥିବା ଗୁରୁତର ଅଭିଯୋଗ ଆସିଥିଲା। କେତେକ ସ୍ଥାନରେ ଭିତ୍ତିଭୂମି ବିକାଶ ଆଳରେ ବନବାସୀମାନଙ୍କୁ ଜୋରଜବରଦସ୍ତ ବିସ୍ଥାପିତ କରିଦିଆଇଥିବା ଅଭିଯୋଗ ହୋଇଛି।

ଏଫ୍ଆରଏର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗଣତାନ୍ତ୍ରିକ ପଦ୍ଧତିରେ ଜଙ୍ଗଲ ସମ୍ପଦ ପରିଚାଳନାର ବିକେନ୍ଦ୍ରୀକରଣ କରି ତୃଣମୂଳସ୍ତରର ଅଧିକାରକୁ ସ୍ୱୀକୃତି ଦେବାରେ ସ୍ୱଚ୍ଛତା ଅବଲମ୍ବନ କରିବା। ଏଫଆରଏ ଏ କଥା ମଧ୍ୟ ସ୍ୱୀକାର କରିଛି ଯେ ଜଙ୍ଗଲ ଜୈବବିବିଧତାର ସୁରକ୍ଷାରେ ଜନଜାତିମାନଙ୍କର ଅବିଚ୍ଛେଦ୍ୟ ଭୂମିକା ଥିବାରୁ ସେମାନଙ୍କ ସ୍ୱାର୍ଥ ଓ ଅଧିକାରର ସୁରକ୍ଷା ଏବଂ ଜଙ୍ଗଲ ସମ୍ପଦ ଉପରେ କର୍ତ୍ତୃତ୍ୱ ପ୍ରଦାନ ଦିଗରେ ଅଗ୍ରାଧିକାର ଦେବା ବିଧେୟ। ଏହାକୁ ନୀତି ନିର୍ଦ୍ଧାରକମାନେ ସ୍ମରଣକୁ ଆଣିବା ଉଚିତ ହେବ। ଜାତିସଂଘର ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରଥମେ ଏହି ଐତିହାସିକ ବିଡ଼ମ୍ବନାକୁ ସୁଧାରିବା ଦିଗରେ ପଦକ୍ଷେପ ନେବା ବିଧେୟ।

(ସକାଳ ମିଡିଆ ସର୍ଭିସ୍)

## ପଦାର୍ଥ ବିଜ୍ଞାନରେ ନୋବେଲ୍ ୨୦୨୫

# ଆମେରିକାର ଆଧିପତ୍ୟ

ଡ. ଗୌରୀ ଶଙ୍କର ତ୍ରିପାଠୀ

୨୦୨୫ ଅକ୍ଟୋବର ୭ ତାରିଖରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଘୋଷଣା କରିଛି ଯେ ଏହିବର୍ଷ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ଦିଆଯିବ ଯୁକ୍ତରାଷ୍ଟ୍ର ଆମେରିକାର ଜନ୍ କ୍ଲାର୍କ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ବର୍କଲି), ମିଚେଲ ଡେଭୋରେଟ୍ (ୟେଲ ବିଶ୍ୱବିଦ୍ୟାଳୟ) ଓ ଜନ୍ ମାର୍ଟିନିସ୍ (କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସାଂଟା ବାରବାରା)ଙ୍କୁ। ସେମାନେ ଏକ ବୈଦ୍ୟୁତିକ ସର୍କିଟରେ ମାକ୍ରୋସ୍କୋପିକ୍ କ୍ୱାଣ୍ଟମ୍ ଟନେଲିଂ ଓ ଏନର୍ଜି କ୍ୱାଣ୍ଟଇଜେସନ୍ ଦେଖାଇ ପାରିଛନ୍ତି।

**କ୍ୱାଣ୍ଟମ୍ ଟନେଲିଂ କ'ଣ?** ସାଧାରଣ ଭାବେ ଯଦି ଆମେ ଏକ ବଲ୍ ଉଚ୍ଚ ପାହାଡ଼ ଉପରକୁ ଫିଙ୍ଗିବା, ତେବେ ଏହା ପାହାଡ଼ ଚଢ଼ିପାରିବ ନାହିଁ, ପଛକୁ ଫେରି ଆସିବ। କିନ୍ତୁ କ୍ୱାଣ୍ଟମ୍ ଦୁନିଆରେ ଏକ କଣିକା ତରଙ୍ଗ ସ୍ୱରୂପର ବ୍ୟବହାର କରି ଏହି ପ୍ରତିବନ୍ଧକ ମାଧ୍ୟମରେ ଅନ୍ୟ ପାର୍ଶ୍ୱକୁ ପହଞ୍ଚିପାରେ। ଏହି ଅଦ୍ଭୁତ ଘଟଣାକୁ କ୍ୱାଣ୍ଟମ୍ ଟନେଲିଂ କୁହାଯାଏ। କ୍ୱାଣ୍ଟମ୍ ବିଜ୍ଞାନର ଅନ୍ୟ ମୌଳିକ ଧାରଣା ହେଉଛି ଏନର୍ଜି କ୍ୱାଣ୍ଟଇଜେସନ୍, ଯେଉଁଥିରେ ଶକ୍ତି ନିର୍ଦ୍ଦିଷ୍ଟ ସ୍ତରରେ ଥାଏ, ମଝିରେ ନୁହେଁ। ଏହା ଏକ ସିଡ଼ି ଚଢ଼ିବା ପରି ଆପଣ ଏକ ଧାପରେ ଠିଆ ହୋଇପାରିବେ, କିନ୍ତୁ ଧାପ ମଧ୍ୟରେ ନୁହେଁ। ନୋବେଲ୍ ବିଜେତାମାନେ ଏହି ଧାରଣାଗୁଡ଼ିକୁ ଏକ ସୁପରକଣ୍ଡକ୍ଟିଂ ଚିପ୍ ମାଧ୍ୟମରେ ପ୍ରୟୋଗ କରିଛନ୍ତି, ଯେଉଁଥିରେ ଜୋସେଫସନ୍ ଜଙ୍କସନ୍ ବ୍ୟବହାର ହୋଇଛି ଦୁଇଟି ସୁପରକଣ୍ଡକ୍ଟର ମଧ୍ୟରେ ଏକ ପତଳା ଇନସୁଲେଟିଂ ପ୍ରତିବନ୍ଧକ। ଏହି ସର୍କିଟ୍ ମାଧ୍ୟମରେ ଏକ ଅନ୍ତହୀନ ବିଦ୍ୟୁତ ପ୍ରବାହ ଦେଖାଯାଏ, ଯେଉଁଥିରେ କୂପର ଯୋଡ଼ି ଇଲେକ୍ଟ୍ରୋନଗୁଡ଼ିକ ଏକାଠି ଚଳାଚଳ କରନ୍ତି।

୧୯୮୪-୮୫ ମସିହାରେ ବର୍କଲିରେ ଏହି ପରୀକ୍ଷଣ ହୋଇଥିଲା, ଯେଉଁଥିରେ ମାକ୍ରୋସ୍କୋପିକ୍ ଧାରଣାରେ କ୍ୱାଣ୍ଟମ୍ ଟନେଲିଂ ଓ ଶକ୍ତି ପରିମାଣୀକରଣ ଦେଖାଯାଇଥିଲା। ଏହି ଅନୁସନ୍ଧାନ କ୍ୱାଣ୍ଟମ୍ ୨.୦ ବିପ୍ଳବର ମୂଳ ଅଂଶ ଭାବେ ଗଣ୍ୟ, ଯେଉଁଥିରେ କ୍ୱାଣ୍ଟମ୍ ଧାରଣାଗୁଡ଼ିକୁ ସୂଚନା ପ୍ରକ୍ରିୟାକରଣ, ସେନ୍ସିଂ ଓ ଯୋଗାଯୋଗରେ ବ୍ୟବହାର କରାଯିବା ସମ୍ଭାବନା ଅଛି। ଏହି ଆବିଷ୍କାର ଦ୍ୱାରା କ୍ୱାଣ୍ଟମ୍ କମ୍ପ୍ୟୁଟିଂ, କ୍ରିପ୍ଟୋଗ୍ରାଫି, ଔଷଧ ଆବିଷ୍କାର ଓ ଜଟିଳ ପ୍ରଣାଳୀ ମଡେଲିଂରେ ଅଭିନବ ଅଗ୍ରଗତି ହେବା ଆଶା ରହିଛି। ଏହା ପ୍ରମାଣ କରିଛି ଯେ ପୁରୁଣା ବିଜ୍ଞାନ ଧାରଣା ମଧ୍ୟ ନୂତନ ଆବିଷ୍କାରରେ ଅଦ୍ଭୁତ ଅବତାର ନେଇପାରେ।

ଉପରୋକ୍ତ ବିଶ୍ଳେଷଣରେ ମୁଁ କିଛି ଧାରଣା ବ୍ୟବହାର କରିଛି, ଯାହା ବୈଜ୍ଞାନିକମାନଙ୍କ ନାମରେ ନାମିତ ହୋଇଛି। ଯେଉଁମାନଙ୍କ ଅବଦାନ ଉପରେ ଦୃଷ୍ଟି ବିନା ଉପର ଲିଖିତ ତଥ୍ୟ ଅବୁଝା ରହିବ। ଯେଉଁମାନଙ୍କ ଅବଦାନ ଉପରେ ଚଢ଼ି ଆଜିର ଏହି ପୁରସ୍କାର ବିଷୟ ସ୍ୱୀକୃତି ପାଇଛି ସେମାନଙ୍କୁ ମନ ପକାଇବା ଏହିକ୍ଷଣରେ ଉଚିତ ହେବ। ଜୋସେଫସନ୍ ଜଙ୍କସନ୍ ବିଲାତର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ବ୍ରାଏନ୍ ଜୋସେଫସନ୍‌ଙ୍କ ନାମରେ ନାମିତ ହୋଇଛି। ଏହା ୧୯୬୦ ମସିହାରେ ଆବିଷ୍କୃତ ହୋଇଥିଲା। ଏହାକୁ ନୋବେଲ୍ ପୁରସ୍କାର ଦ୍ୱାରା ସ୍ୱୀକୃତି ଦିଆଯାଇଥିଲା। କିନ୍ତୁ ଅନ୍ୟ ଜଣେ ନୋବେଲ୍ ପୁରସ୍କାର ବିଜେତା ଜନ୍ ବାର୍ଡିନ୍ ଏହାର ଦୃଢ଼ ବିରୋଧ କରିଥିଲେ। ବାର୍ଡିନ୍ ପଦାର୍ଥ ବିଜ୍ଞାନରେ ଦୁଇଥର ନୋବେଲ ପୁରସ୍କାର ପାଇଛନ୍ତି। ପ୍ରଥମ ଥର ଉଇଲିଅମ ଶକଲି ଏବଂ ୱାଲଟେର ୱାଲଟର ବ୍ରାଟାନ ସହ ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ନିମନ୍ତେ ଏବଂ ଦ୍ୱିତୀୟ ଥର ଅତିସୁପରିବାହୀ ପଦାର୍ଥରେ ତାତ୍ତ୍ୱିକ ଗବେଷଣା ନିମନ୍ତେ ତାଙ୍କର ପୋଷ୍ଟଡକ ଏଲ, ଏନ. କୂପର ଏବଂ ଡକ୍ଟୋରେଟ ଛାତ୍ର ଜେ. ଆର. ସ୍ରିଫରଙ୍କ ସହ।

ଆମେ ଅର୍ଦ୍ଧପରିବାହୀ ଚିପ୍ସ ବିଷୟରେ ଜାଣୁ। କିନ୍ତୁ ବର୍ତ୍ତମାନର ପୁରସ୍କାର ସୁପରକଣ୍ଡକ୍ଟିଂ ଚିପ୍ସକୁ ସ୍ୱୀକୃତି ଦେଇଛି। ସୁପରକଣ୍ଡକ୍ଟିଭିଟିର କାର୍ଯ୍ୟକାରିତା ଆମେରିକୀୟ ବୈଜ୍ଞାନିକ ଏବଂ ନୋବେଲ ପୁରସ୍କାର ବିଜେତା ଏଲ.ଏନ. କୁପରଙ୍କ ନାମରେ ନାମିତ ଇଲେକ୍ଟ୍ରୋନ ଯୋଡ଼ି ଉପରେ ନିର୍ଭର କରେ। ଏହାକୁ କୁପର ଯୋଡ଼ି କୁହାଯାଏ। ଏହି ଯୋଡ଼ିମାନଙ୍କ ଦୁଇଟି ଅତିସୁପରିବାହୀ ପଦାର୍ଥ ମଧ୍ୟରେ ଥିବା ପତଳା ଇନ୍‌ସୁଲେଟିଙ୍ଗ ପ୍ରତିବନ୍ଧକ ଦେଇ ଟାନେଲିଙ୍ଗକୁ ଜୋସେଫସନ୍ ଟନେଲିଂ କୁହାଯାଏ। ସୁପରକଣ୍ଡକ୍ଟିଂ ଜଙ୍କସନରେ ଟନେଲ ପ୍ରଣାଳୀ ଋଷିଆନ୍ ବୈଜ୍ଞାନିକ ଲେଭ୍ ଗୋର୍କୋଭଙ୍କ କାର୍ଯ୍ୟ ଦ୍ୱାରା ବୁଝାଯାଇଥିଲା, ଯାହା ବାର୍ଡ଼ିନ ଅବଗତ ନ ଥିବାରୁ ସେ ଜୋସେଫସନ୍ ଟନେଲିଂକୁ ପ୍ରାଥମିକ ଅବସ୍ଥାରେ ବିରୋଧ କରିଥିଲେ।

ବିଜ୍ଞାନ ଏକ ଏକପାଖିଆ ପ୍ରବାହ ନୁହେଁ। ଏହା କୌତୁହଳରୁ ଆସେ। ଏହା ବିବାଦ ଏବଂ ସହଯୋଗରୁ ଦୃଢ଼ୀଭୁତ ହୁଏ। ଏହା କନିଷ୍ଠମାନଙ୍କୁ ବରିଷ୍ଠଙ୍କଠାରୁ ପୃଥକ କରେ ନାହିଁ। ପ୍ରତ୍ୟେକ ସହଯୋଗୀଙ୍କ ଅର୍ଥପୂର୍ଣ୍ଣ ଅବଦାନକୁ ଗମ୍ଭୀରତାର ସହିତ ନିଏ। ଏହି ବର୍ଷର ନୋବେଲ ପୁରସ୍କାର ଏହି ଭାବନାକୁ ଦୃଢ଼ୀଭୂତ କରିଛି। ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବିଜ୍ଞାନରେ ଆମେରିକୀୟ ବିଶ୍ୱବିଦ୍ୟାଳୟମାନଙ୍କ ଶ୍ରେଷ୍ଠତା। ଏହି ଶ୍ରେଷ୍ଠତା ପାଇଁ ଅନ୍ୟ ଦେଶରୁ ଯାଇ ଆମେରିକାରେ ଗବେଷଣା କରୁଥିବା ବୈଜ୍ଞାନିକମାନଙ୍କ ଅବଦାନ କିଛି କମ ନୁହେଁ। ଲୌହ ପରଦା ଭିତରେ ବିଜ୍ଞାନ ସମ୍ଭବ ନୁହେଁ। ପୁନଶ୍ଚ ଅତିମାତ୍ରାର ଧାର୍ମିକ ହୋଇ ଅନ୍ଧଭାବନାକୁ ପ୍ରଶ୍ରୟ ଦେବା ବିଜ୍ଞାନକୁ ଗତିରୋଧ କରେ। ଟେକ୍ନୋଲୋଜି ବିଜ୍ଞାନରୁ ଆସିଛି। ତେଣୁ ମୌଳିକ ଗବେଷଣା ପ୍ରୟୋଗାତ୍ମକ ଉପଲବ୍ଧିର ଚାପରେ ହଜି ଯିବା ଉଚିତ ନୁହେଁ। କେବଳ ଢେଣ୍ଡୁରା ପିଟିଲେ କେହି ବିଶ୍ୱଗୁରୁ ହୋଇପାରିବ ନାହିଁ। ପୁରାତନ ଜ୍ଞାନକୁ ଅତିମାତ୍ରାରେ ଖୋଦନ କରି ଆମେ ଶ୍ରେଷ୍ଠତା ଦେଖାଇ ପାରିବା ନାହିଁ। ନୂତନ ଜ୍ଞାନର ଆହ୍ୱାନର ସମ୍ମୁଖୀନ ହୋଇ ଆମେ ବିଜ୍ଞାନ ଓ ଟେକ୍ନୋଲୋଜି କ୍ଷେତ୍ରରେ ସଫଳତା ହାସଲ କରିପାରିବା।

(ପ୍ରାକ୍ତନ ପ୍ରାଧ୍ୟାପକ, ପଦାର୍ଥ ବିଜ୍ଞାନ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

## ଆମ ବୃକ୍ଷଲତା ଆମ ଜୀବନ

### ଅଗରା

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ମେକ୍ସିକୋ ଓ ଉଷ୍ମମଣ୍ଡଳୀୟ ଆମେରିକାର କେତେକ ଅଞ୍ଚଳର ଅଗରା ଏକ ମୂଳ ଉଦ୍ଭିଦ। ଏହା ବର୍ତ୍ତମାନ ବିଶ୍ୱର ଅନେକ ସ୍ଥାନରେ ବ୍ୟାପକ ଭାବରେ ପ୍ରାକୃତିକୀକରଣ ହୋଇଛି। ଏହି ଉଦ୍ଭିଦ ପ୍ରାରମ୍ଭରେ ଏକ ଆଳଙ୍କାରିକ ଓ ଔଷଧି ଉଦ୍ଭିଦ ଭାବରେ ପ୍ରଚଳିତ ହୋଇଥିଲା। ଭାରତରେ ରଙ୍ଗର ପର୍ବ ହୋଲିକା ଦହନ ସମୟରେ, ଅଗରା ଫୁଲ ପୂଜା ପାଇଁ ଅର୍ପଣ କରାଯାଏ। ଅଗରା ବିଭିନ୍ନ ପ୍ରାକୃତିକ ଆବାସସ୍ଥାନରେ ଅନୁକୂଳିତ ହୁଏ ଏବଂ ଚାଷ ଯୋଗ୍ୟ ଜମି, ଚରା ଭୂମି ଓ ଅପଚୟ ସ୍ଥାନ, ରାସ୍ତା କଡ଼, ରେଳପଥ ଓ ବାଡ଼ ଧାଡିରେ ଏକ ଅନାବନା ତୃଣ ବା କ୍ଷୁପ ଭାବରେ ଦେଖାଯାଏ। ଏହି କଣ୍ଟାଯୁକ୍ତ ତୃଣ ସମୁଦ୍ର ସ୍ତରରୁ ୩, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ସ୍ଥାନରେ ବଢ଼ିଥାଏ।

ସର୍ବାଧିକ ୧୫୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢୁଥିବା ଏହି ତୃଣର କାଣ୍ଡ ସିଧା, ଶାଖାଯୁକ୍ତ, ଫିକା ନୀଳ-ସବୁଜ ବର୍ଣ୍ଣ। ପତ୍ରଗୁଡ଼ିକ ଡେମ୍ଫ ବିହୀନ, ୧୫ ସେମି ପର୍ଯ୍ୟନ୍ତ ଲମ୍ବା, କଣ୍ଟାଯୁକ୍ତ ଧାର ସହିତ ଗଭୀର ଭାବରେ ବିଭାଜିତ ହୋଇଥାଏ। ଫୁଲଗୁଡ଼ିକ ଉଭୟ ଲିଙ୍ଗୀ, ପୀତ କିମ୍ବା ଧଳା ବର୍ଣ୍ଣ, ୬ ପାଖୁଡ଼ାବିଶିଷ୍ଟ। ଫଳ କଣ୍ଟାଯୁକ୍ତ, ଅଣ୍ଡାକାର ଓ ଅନେକ ବୀଜ ଧାରଣ କରେ। ବିହନ ମୁକ୍ତ କରିବା ପାଇଁ ଅଗ୍ରଭାଗରେ ଖୋଲା ରହେ। ବିହନଗୁଡ଼ିକ ମାଟିଆ-କଳା, ପ୍ରାୟ ଗୋଲାକାର, ତେଲିଆ।

ଭାରତରେ ପାରମ୍ପରିକ ଭାବରେ ଜଣ୍ଡିସ୍ ଚିକିତ୍ସା ପାଇଁ ଅଗରା ବ୍ୟବହାର କରାଯାଏ। ଏହି ଉଦ୍ଭିଦର ବୈଜ୍ଞାନିକ ନାମ ଆର୍ଜେମୋନ୍ ମେକ୍ସିକାନା। 'ଆର୍ଜେମୋନ୍' ଶବ୍ଦଟି ଗ୍ରୀକ୍ ଶବ୍ଦ 'ଆର୍ଜେନା' ରୁ ଆସିଛି, ଯାହାର ଅର୍ଥ 'ଚକ୍ଷୁର ମୋତିଆବିନ୍ଦୁ'; ମେକ୍ସିକାନା ଶବ୍ଦଟି ମେକ୍ସିକୋରୁ ଏହାର ଉତ୍ପତ୍ତିକୁ ସୂଚିତ କରେ। ବିହନରୁ ବାହାରିଥିବା ତରଳ ରସ ଏବଂ ତେଲକୁ ଔଷଧୀୟ ଗୁଣ ବିଶିଷ୍ଟ ବୋଲି କୁହାଯାଏ। ପ୍ରସବ ପରେ ବୃକକ୍ ଯନ୍ତ୍ରଣା ଦୂର କରିବା ପାଇଁ ଏଥିରୁ ଏକ ପାନୀୟ ପ୍ରସ୍ତୁତ କରାଯାଏ। ପରିସ୍ରା କରିବାରେ ଅସୁବିଧା ହେଉଥିବା ପିଲାମାନଙ୍କୁ ପତ୍ରର ରସ ସହିତ ପାନୀୟ ଦିଆଯାଏ। ଏଥିସହିତ ଆଜ୍ମା, ମ୍ୟାଲେରିଆ, ପେଟଯନ୍ତ୍ରଣା, ଦାନ୍ତବିନ୍ଧା, କୋଷ୍ଠକାଠିନ୍ୟ, ବାତ ଆଦି ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ।

ଏହି କ୍ଷୁପଟି ଷ୍ଟାଫିଲୋକୋକସ୍ ଅରିଅସ୍, ଏସ. ଆଗାଲେକ୍ଟିଆଏଇ ଓ ଏସଚେରିଚିଆ କୋଲି ବିରୁଦ୍ଧରେ ଆଣ୍ଟିବାୟୋଟିକ୍ ଭାବରେ କାର୍ଯ୍ୟ କରେ। ଅଗରାରେ ପ୍ରୋଟୋପିନ୍, ସାଙ୍ଗୁଇନାରିନ୍, ଡାଇହାଇଡ୍ରୋସାଙ୍ଗୁଇନାରିନ୍, ଆଇସୋକ୍ୱିନୋଲାଇନ୍ ଯଥା ଡିହାଇଡ୍ରୋକୋରିଡାଲମାଇନ୍, ଜାଟ୍ରୋରାଇଜିନ୍, କଲମ୍ବାମାଇନ୍ ଓ ଅକ୍ସିବରବେରିନ୍, ଇତ୍ୟାଦି ଆଲକାଲଏଡ୍ ଥାଏ। ଏହି ଗଛରେ ଆର୍ଜେମେକ୍ସିକାଏନ୍ସ ଇ ଓ ଈ, ଆର୍ଜେମୋନିନ୍ (ଘ ମେଥ୍ ପାଭାଇନ୍), ଆର୍ଜେପାଭାଇନ୍, ଙ ଉଏ ୩ ଆର୍ଜେପାଭାଇନ୍, ଆର୍ଜେମେକ୍ସିରିନ୍, ଆର୍ଜେନାକ୍ସିନ୍, ଆର୍ଜେମେକ୍ସିକାଏନ୍ସ ଇ ଓ ଈ (ପ୍ରୋଟୋପିନ୍ ପ୍ରକାର), କୋପ୍ଟିସାଇନ୍, କ୍ରିପ୍ଟୋପିନ୍, ଆଲୋକ୍ରିପ୍ଟୋପିନ୍ ଓ ଚେଲେରିଥ୍ରାଇନ୍ ଭଳି ଅନେକ ଆଲକାଲଏଡ୍ ମଧ୍ୟ ମିଳିଛି।

ଉଦ୍ଭିଦର ସମସ୍ତ ଅଂଶ ବିଷାକ୍ତ। ଏହାକୁ ଖାଇବା ଦ୍ୱାରା କୁଣ୍ଡାଇ, ନିମୋନିଆ ମାୟୋକାର୍ଡାଇଟିସ୍, କଞ୍ଜେଷ୍ଟିଭ୍ ହୃଦ୍ ବିଫଳତା, ଆସାଇଟ୍ସ, ସାର୍କଏଡ୍ ପରି ଚର୍ମ ପରିବର୍ତ୍ତନ, ଆଲୋପେସିଆ, ହେପାଟୋମେଗାଲି ହୋଇପାରେ। ଅଗରା ବିହନ ଦେଖିବାକୁ ସୋରିଷ ବିହନ ଭଳି। ଫଳସ୍ୱରୂପ, ଅଗରା ବିହନକୁ ସୋରିଷରେ ମିଶାଇ ଅପମିଶ୍ରଣ କରାଯାଏ, ଯାହା ଏହାକୁ ବିଷାକ୍ତ କରିଦିଏ। ଭାରତରେ ଅଗରା ତେଲକୁ ସୂର୍ଯ୍ୟମୁଖୀ ତେଲ ଏବଂ ତିଳ ତେଲ ସହିତ ମିଶ୍ରିତ କରାଯାଏ। ବିଶେଷକରି ଭାରତରେ ଅଗରା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଏବଂ ଏହାର କଣ୍ଟାଯୁକ୍ତତା ଯୋଗୁଁ ଜୀବିକା ନିର୍ବାହ କରୁଥିବା ଚାଷୀଙ୍କ ପାଇଁ ଏକ ସମସ୍ୟା। ଏସିଆ, ଆଫ୍ରିକା, କାରିବିଆନ ଏବଂ ଆମେରିକା ଏବଂ ଓସେନିଆର ଅନେକ ଦେଶରେ ଏହାକୁ ଆକ୍ରମଣାତ୍ମକ କ୍ଷୁପ ଭାବରେ ଉଲ୍ଲେଖ କରିଛନ୍ତି। ଦକ୍ଷିଣ ଆଫ୍ରିକାରେ, ଅଗରାକୁ ଜାତୀୟ ପରିବେଶ ପରିଚାଳନା: ଜୈବ ବିବିଧତା ଆଇନରେ ଆକ୍ରମଣକାରୀ ଭାବରେ ବର୍ଗୀକୃତ କରାଯାଇଛି। ଅପରପକ୍ଷରେ ପଶ୍ଚିମ ଆଫ୍ରିକାରେ ଏହା ଏକ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହୃତ ହୁଏ। ଏହାକୁ ଏହାର ବିହନ ତେଲ ପାଇଁ ଚାଷ କରାଯାଏ, ଯାହା ସାବୁନ ଉତ୍ପାଦନ ଏବଂ ଇନ୍ଧନ ପାଇଁ ବ୍ୟବହୃତ ହୁଏ।କରାଯାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୂର୍ଣ୍ଣ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସରଣ୍ଡାରେ ପୁଣି ମାଓ ହିଂସା

## ଆଇଇଡି ବିସ୍ଫୋରଣରେ ଉଡ଼ାଇଲେ ମୋବାଇଲ ଟାୱାର

ରାଉରକେଲା,୧୨।୧୦(ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ପଶ୍ଚିମସିଂହଭୂମି ଜିଲ୍ଲାର ସରଣ୍ଡା ଜଙ୍ଗଲରେ ପୁଣି ମାଓ ହିଂସା ଦେଖିବାକୁ ମିଳିଛି। ଗତକାଲି ମାଓବାଦୀମାନେ ପୁଣିଥରେ ଭୟଙ୍କର ଆଇଇଡି ବିସ୍ଫୋରଣ କରି ଏକ ମୋବାଇଲ୍



ଟାୱାର୍ ଉଡ଼ାଇ ଦେଇଛନ୍ତି। ଦୁଇ ଦିନ ତଳେ ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଆଇଇଡି ବିସ୍ଫୋରଣରେ କମ୍ପିରତ ୬୦ ବାଟାଲିୟନ୍ ସିଆର୍‌ପିଏଫ୍‌ର ଜଣେ ହେଡ୍ କନେଷ୍ଟବଳ ସହିଦ ହେବା ସହ ଦୁଇଜଣ ସିଆର୍‌ପିଏଫ୍ ଅଧିକାରୀ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନେ ନୂଆଦିଲ୍ଲୀର ଏମ୍ସ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ଗତରାତିରେ ପୁଣି ଲାଲବାହିନୀଙ୍କ ବର୍ବରତା ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୁଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ଗତକାଲି ବିଳମ୍ବିତ ରାତିରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଝାଡ଼ଖଣ୍ଡର ଝରାଇକେଲା ଥାନା ଅଞ୍ଚଳ ସରଣ୍ଡା ଜଙ୍ଗଲର କୋଲବୋଙ୍ଗା ଗାଁରେ ପହଞ୍ଚିଥିଲେ। ପରେ ସେଠାରେ ଥିବା ଏୟାରଟେଲ ମୋବାଇଲ୍ ଟାୱାର ନିକଟରେ ଏକ ଭୟଙ୍କର ଆଇଇଡି ବିସ୍ଫୋରଣ କରିଥିଲେ। ଫଳରେ ମୋବାଇଲ ଟାୱାରଟି ସମ୍ପୂର୍ଣ୍ଣ ଧରାଶାୟୀ ହେବା ସହ ଧ୍ୱଂସ ହୋଇ ଯାଇଥିଲା। ଏତଦ୍‌ବ୍ୟତୀତ ନକ୍ସଲମାନେ ଟାୱାର ତଳେ ଥିବା ଜେନେରେଟର ସେଟ୍ ଏବଂ ଅନ୍ୟାନ୍ୟ ଉପକରଣକୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ହିଂସା ଘଟାଇ ମାଓବାଦୀ ସେମାନଙ୍କର ଦୃଢ଼ ଉପସ୍ଥିତିକୁ ଜାହିର କରିଛନ୍ତି। ମାଓବାଦୀଙ୍କ ଦ୍ୱାରା ହୋଇଥିବା ଏହି ଆତଙ୍କରାଜ ଘଟଣା ସମଗ୍ର ଅଞ୍ଚଳରେ ଭୟର ବାତାବରଣ ଖେଳାଇ ଦେଇଛି।

ଟାୱାର୍ ପୋଡ଼ିବା ପରେ ମାଓବାଦୀମାନେ ସରକାର ବିରୋଧୀ ସ୍ଲୋଗାନ୍ ଦେଇ ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଯାଇଥିଲେ। ସେପଟେ, ଘଟଣା ସମ୍ପର୍କରେ ସୂଚନା ପାଇ ଝାଡ଼ଖଣ୍ଡ ପୁଲିସ ଏବଂ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଏହି ଅଞ୍ଚଳରେ ଏବେ କମ୍ବିଂ ଅଭିଯାନକୁ ଆହୁରି ଜୋରଦାର୍ କରାଯାଇଛି।

### ବିସ୍ଫୋରଣରେ ଆହତ ହାତୀର ଚିକିତ୍ସାଧୀନ ମୃତ୍ୟୁ

ରାଉରକେଲା,୧୨।୧୦(ସମିସ): ସରଣ୍ଡା ଜଙ୍ଗଲରେ ୪ ଦିନ ତଳେ ଆଇଇଡି ବିସ୍ଫୋରଣରେ ଏକ ମାଈହାତୀ ଗୁରୁତର ହୋଇଥିଲା। ହାତୀର ବାମ ଗୋଡ଼ରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ମନୋହରପୁର ବନ ବିଭାଗ ଓ ପ୍ରାଣୀଧନ ଚିକିତ୍ସକ ହାତୀର ଚିକିତ୍ସା ଜାରି ରଖିଥିଲେ। ବନ କର୍ମଚାରୀ ହାତୀ ଉପରେ ନଜର ରଖିଥିଲେ। ମାତ୍ର ଶନିବାର ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସକାଳେ ହାତୀର ଶବ ବ୍ୟବଚ୍ଛେଦ କରାଯାଇ ସେହି ସ୍ଥାନରେ ପୋତି ଦିଆଯାଇଛି।

### ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ

# ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୦(ସମିସ): ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ; ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ, ଯିଏ ଅନ୍ଧବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାର ଆହ୍ୱାନର ସାମ୍ନା କରିବାକୁ ସାହସ କରିଥିଲେ। ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର ଜରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ସ୍ୱାମୀ



ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଆର୍ଯ୍ୟ ସମାଜ ଏକ ନୂଆ ବାର୍ତ୍ତା ଦେଇଥିଲା। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ଓ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଜଗଦୀଶ ପ୍ରସାଦ ଖାଡ଼ଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣା

## ଅପରାଧୀ ଦିଲ୍ଲୀପ ଓ ସିମ୍ପୁଙ୍କୁ ଜେରା

ବ୍ରହ୍ମପୁର,୧୨।୧୦(ସମିସ): ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାର ମୂଳରେ ପହଞ୍ଚିବା ପାଇଁ ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ, ଆଇନଜୀବୀ, କର୍ପୋରେଟର୍, ଯବାନଙ୍କ ସମେତ ପ୍ରତ୍ୟକ୍ଷଦର୍ଶୀଙ୍କୁ ପଚରାଉଚରା କରୁଛି। ଏହାସହ ପୀତବାସଙ୍କ ମୋବାଇଲରୁ ପୁଲିସ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେହି ତଥ୍ୟ ଆଧାରରେ ପୁଲିସ ତଦନ୍ତ ଜାରି ରଖିଛି। ଆଜି ପୁଲିସ କିଛି ପୁରୁଣା ହତ୍ୟା ମାମଲାରେ ଜଡ଼ିତ ଅପରାଧୀଙ୍କୁ ଡାକି ପଚରାଉଚରା କରିଛି।

**କଟକ ଓ ଆଖପାଖ ଅଞ୍ଚଳରେ ପୁଲିସର ତନାଘନା**

ପୀତବାସ ନିଜ ଗାଁରେ କିଛି ଲୋକଙ୍କ ସହ ଶତ୍ରୁତା ରହିଥିଲା କି, ପୀତବାସଙ୍କ ସହ କାହାର ମାରପିଟ କେବେ ହୋଇଥିଲା କି, ପୀତବାସ କାହାକୁ ବେଶି ବିଶ୍ୱାସ କରି ସବୁକଥା ସେୟାର କରୁଥିଲେ, ସେନେଇ ମଧ୍ୟ ପୁଲିସ ପରିବାର ଲୋକେ ଓ କିଛି ପୀତବାସଙ୍କ ବନ୍ଧୁଙ୍କୁ ପଚରାଉଚରା କରିଛି। ପୁଲିସ ହାତରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିବା ପରେ ପୁଲିସ ଟିମ୍ କଟକ ଓ ଏହାର ଆଖପାଖ ଅଞ୍ଚଳରେ ଆଜି ଛାନଭିନ କରୁଥିବା ଜଣାପଡ଼ିଛି। ଯଦି ପୁଲିସ ସେଠାରେ ସଫଳତା ପାଏ ତେବେ ପୀତବାସ ହତ୍ୟା ମାମଲାର କାରଣ ସ୍ପଷ୍ଟ ହେବ। ବ୍ରହ୍ମପୁର ଏସପି ନିଜେ ୬ଟି ଟିମକୁ ତଦାରଖ କରୁଛନ୍ତି। ଅନ୍ୟପକ୍ଷରେ ଆମ୍ବପୁଆ ପୁଲିସ ରିଜର୍ଭ ବାରାକ୍‌ରେ ଅପରାଧୀ ଦିଲ୍ଲୀପ ଓ ସିମ୍ପୁଙ୍କୁ ପୁଲିସ ଅଧିକାରୀମାନେ ଜେରା କରୁଥିବା ଜଣାପଡ଼ିଛି।

### ■ ପାଣି ଭିତରେ ବଲ୍ ଖେଳ ହେଲା କାଳ

## ପାଣିରେ ବୁଡି ଜଣେ ମୃତ; ଜଣେ ନିଖୋଜ

ଫୁଲନଖରା,୧୨।୧୦(ସମିସ): ୪୨ମୌଜା ବସନ୍ତ କୁଣ୍ଡଳ ନିକଟସ୍ଥ କାଠଯୋଡି ସିଡୁଆ ନଦୀରେ ଦୁଇ ଜଣ ନାବାଳକ ବୁଡି ଯାଉଥିବାର ଦେଖି ସ୍ଥାନୀୟ କିଛି ଲୋକ ଜଣକୁ ଉଦ୍ଧାର କରିଥିବା ବେଳେ ଅନ୍ୟ ଜଣେ



ନିଖୋଜ ଥିବା ଜଣାପଡିଛି। ଘଟଣାରୁ ପ୍ରକାଶ ରବିବାର ଛୁଟି ଦିନ ଥିବାରୁ ଦିନ ପ୍ରାୟ ୧୧ଟା ସୁଦ୍ଧା କୁଳସରିତୁଆଁ ନିକଟସ୍ଥ ଦେବୀ ନଦୀକୁ ଦୁଇ ସାଙ୍ଗ ଗୁରୁ ପ୍ରସାଦ ନାୟକ (୧୪) ଓ ସାଇଶୁଭମ୍ ବାରିକ(୧୪) କ୍ରିକେଟ୍ ବଲ୍ ନେଇ ଗାଧୋଇବାକୁ ଆସିଥିଲେ। ପାଣି ଭିତରେ ହସଖୁସିରେ ବଲ୍ ଫୋପଡା ଫୋପଡି ଖେଳୁଥିଲେ। ବଲ ଫୋପଡା ଫୋପଡି ଖେଳୁଥିବା ସମୟରେ ବଲ୍‌ଟି ଗଭୀର ଜଳ ଭିତରକୁ ଚାଲି ଯାଇଥିଲା। ଉଭୟେ ବଲ୍‌ଟି ଆଣିବାକୁ ଯାଇ ଗଭୀର ପାଣି ଭିତରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକମାନେ ପିଲା ଦୁଇଟି ବୁଡି ଯାଉଥିବାର ଦେଖି ଗୁରୁ ପ୍ରସାଦକୁ ପାଣିରୁ ଉଦ୍ଧାର କରିଥିବା ବେଳେ ସାଇଶୁଭମ୍ ପ୍ରଖର ସ୍ରୋତରେ ନିଖୋଜ ହୋଇଯାଇଥିଲା। ଉଦ୍ଧାର କରାଯାଇଥିବା ଗୁରୁପ୍ରସାଦକୁ ତୁରନ୍ତ ବଡ ମେଡିକାଲ୍‌କୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ବେଳେ କଟକ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଜଣକୁ ଖୋଜାଖୋଜି କରିଥିଲେ। ମେଡିକାଲ୍‌ରେ ପହଞ୍ଚିବା ପରେ ସେଠାରେ ଡାକ୍ତର ଗୁରୁପ୍ରସାଦଙ୍କୁ ମୃତ ଘୋଷଣା କରିଥିଲେ। ସଧ୍ୟା ୫ଟା ସୁଦ୍ଧା ସାଇ ଶୁଭମଙ୍କର କୌଣସି ସନ୍ଧାନ ମିଳି ନ ଥିବା ବେଳେ ବସନ୍ତକୁଣ୍ଡଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ନୂଆପଡ଼ାରେ ବିଜେପି ହିଁ ବିଜେପିକୁ ହରାଇବ

# ବସନ୍ତ ପଣ୍ଡା କଂଗ୍ରେସକୁ ସହଯୋଗ କରିବେ: ସୁର

ଭୁବନେଶ୍ୱର,୧୨।୧୦(ସମିସ): ଜୟଢୋଲକିଆଙ୍କୁ ଦଳରେ ସାମିଲ କରିଥିବା ଯୋଗୁଁ ବିଜେପିର କ୍ଷତି ହେବ। ନୂଆପଡ଼ାରେ ବିଜେପିକୁ ବିଜେପି ହିଁ ହରାଇବ। ବିଜେଡିରୁ ବିଧାୟକ ହୋଇଥିବା ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗ ପରେ ଜୟ ଢୋଲକିଆଙ୍କ ପାଇଁ ଲୋକଙ୍କ ମନରେ

**■ ବିଜେଡି ଛାଡ଼ିଥିବାରୁ ଜୟଙ୍କୁ ମିଳିବନି ଅନୁକମ୍ପା ଭୋଟ୍: ଭକ୍ତ**
**■ ଆସନ୍ତା ୧୯ରେ ପ୍ରାର୍ଥୀପତ୍ର ଦାଖଲ କରିବେ ଘାସିରାମ**

ସହାନୁଭୂତି ସୃଷ୍ଟି ହୋଇଥିଲା। ମାତ୍ର ସେ ବିଜେପିରେ ମିଶିବା ପରେ ନିନ୍ଦିତ ହୋଇଛନ୍ତି। ତେଣୁ ଆଉ ତାଙ୍କୁ ସହାନଭୂତି ମିଳିବ ନାହିଁ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ବିଜେପିରେ ଜୟ ଢୋଲକିଆ ସାମିଲ ହେବା ପରେ ଭକ୍ତ ଭବିଷ୍ୟବାଣୀ କରି କହିଛନ୍ତି ଯେ ସେଠାରେ ବିଜେପିର ନିଶ୍ଚୟ ପରାଜୟ ହେବ। ଜୟ ଢୋଲକିଆ ନିଜ ବାପାଙ୍କର ଗୁଣ ଚରିତ୍ରକୁ ହତ୍ୟା କରି ସେ ବିଜେପିରେ ସାମିଲ ହୋଇଛନ୍ତି। ସେ ବିଜେଡିରେ ରହିଥିଲେ ହୁଏତ କିଛି ଅନୁକମ୍ପା ଭୋଟ୍ ପାଇଥା'ନ୍ତେ। ମାତ୍ର ଆଉ ତାଙ୍କୁ ସେହି ଭୋଟ୍ ମିଳିବ ନାହିଁ। ଏହାବ୍ୟତୀତ ବିଜେପି ଲୋକମାନେ ମଧ୍ୟ ସେଠାରେ ଦଳ ଛାଡୁଛନ୍ତି। ତେଣୁ ବିଜେପି ଓ ବିଜେଡି ମିଶି ବିଜେପିକୁ ସେଠାରେ ପରାସ୍ତ କରିବେ ବୋଲି ଭକ୍ତ କହିଛନ୍ତି।

ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ମଧ୍ୟ ନୂଆପଡ଼ାରେ ବିଜେପିରି ପରାଜୟକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଛନ୍ତି। ଶ୍ରୀ ରାଉତରାୟ କହିଛନ୍ତି, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଓ ତାଙ୍କ ପୁଅ ସେଠାରେ ବିଜେପିକୁ ହରାଇବେ। ତାଙ୍କ ପୁଅକୁ ଟିକଟ ଦିଆନଯିବା ଯୋଗୁଁ ବସନ୍ତଙ୍କ ପୁଅଙ୍କ ରାଜନୈତିକ ଭବିଷ୍ୟତ ନଷ୍ଟ ହୋଇଯିବ। ତେଣୁ ସେ ସେ କଂଗ୍ରେସକୁ ସହଯୋଗ କରିବେ ଓ ଘାସିରାମଙ୍କର ବିଜୟ ହେବ ବୋଲି ଶ୍ରୀ ରାଉତରାୟ କହିଛନ୍ତି। ଜୟ ଢୋଲକିଆଙ୍କର ଗୁଜରାଟରେ ବ୍ୟବସାୟ ରହିଛି। ତାଙ୍କ ବ୍ୟବସାୟକୁ ରକ୍ଷା କରିବାକୁ ସେ ବିଜେପିକୁ ଯାଇଛନ୍ତି। ତେଣୁ ନୂଆପଡ଼ାରେ ବିଜେପି ହାରିବ ଓ କଂଗ୍ରେସ ବିପୁଳ ଭୋଟ୍‌ରେ ଜିତିବ ବୋଲି ସୁର କହିଛନ୍ତି।

ଅନ୍ୟପଟେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ଆସନ୍ତା ୧୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ ଘାସିରାମ ଜଣେ ସାଲିସ୍‌ବୀହନ ରାଜନେତା। ସେ ଲୋକଙ୍କ ସୁଖଦୁଃଖର ସାଥୀ। ତେଣୁ ତାଙ୍କର ଏଠାରେ ବିଜୟ ସୁନିଶ୍ଚିତ। ଆସନ୍ତା ୧୯ ତାରିଖରେ ଏକ ବିରାଟ ଶୋଭାଯାତ୍ରାରେ ଘାସିରାମ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଭକ୍ତ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଙ୍ଗଲରୁ ଧରାହେଲେ...

କିଛି ଶୁଣୁ ନ ଥିବା ଅଭିଯୋଗ ଆଣିଛନ୍ତି ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି। ସେ କହିଛନ୍ତି ଯେ ପଶ୍ଚିମବଙ୍ଗ ମହିଳା କମିଶନ ତାଙ୍କ ଫୋନ୍ କଲ୍ କିମ୍ବା ଇ-ମେଲ୍‌ର କୌଣସି ଉତ୍ତର ଦେଉନାହାନ୍ତି। ଶ୍ରୀମତୀ ମହାନ୍ତି ରବିବାର ପୀଡିତାଙ୍କ ବାପାଙ୍କ ସହିତ କଥା ହେବା ସହ ରାଜ୍ୟ ପୁଲିସ ଡିଜିଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ଅବହେଳା ଯୋଗୁଁ ଏଭଳି ଘଟଣା ଘଟିଲା। ରାଜ୍ୟ ମହିଳା କମିସନ୍‌ର ଏକ ସ୍ୱତନ୍ତ୍ର ଟିମ୍ ଦୁର୍ଗାପୁର ଯିବ ବୋଲି ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୦ ତାରିଖ ରାତି ସାଢ଼େ ୮ ସମୟରେ ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ପୁରୁଷବନ୍ଧୁ ତାଙ୍କୁ କଲେଜ ଫାଟକ ନିକଟରେ ଥିବା ଷ୍ଟଲ୍‌ରୁ ଗୁପ୍‌ଚୁପ୍ ଖାଇବାକୁ ଡାକିଥିଲେ। ଏହାପରେ, ପୁରୁଷବନ୍ଧୁ ଜଣକ ତାଙ୍କୁ ଆଗକୁ ଆଉ କିଛି ବାଟ ଯିବା ପାଇଁ କହିଥିଲେ। ଉଭୟ କଲେଜକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ୩ଶହ ମିଟର ଚାଲିଚାଲି ଯାଉଥିବା ସମୟରେ କିଛି ଯୁବକ ସେମାନଙ୍କ ପିଛା କରୁଥିଲେ। ହଠାତ୍ ପୁରୁଷବନ୍ଧୁ ଜଣକ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ। ଏହି ସମୟରେ ପିଛା କରୁଥିବା ଯୁବକମାନେ ଛାତ୍ରୀଙ୍କୁ ଘଞ୍ଚ ଜଙ୍ଗଲ ଭିତରକୁ ଟେକିନେଇ ଦୁଷ୍କର୍ମ କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପୀଡ଼ିତାଙ୍କୁ ମେଡିକାଲ କଲେଜ ଆଇସିୟୁରେ ଭର୍ତ୍ତି କରାଯାଇଛି।

ଦୁର୍ଗାପୁର ପୁଲିସ ଘଟଣାସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ସେହି ଅଞ୍ଚଳର ଭିଡିଓଗ୍ରାଫି କରିଛି। ପୁଲିସ ମେଡିକାଲ କଲେଜର କର୍ମଚାରୀ ଏବଂ ପୀଡ଼ିତାଙ୍କ ପୁରୁଷବନ୍ଧୁ ସମେତ ଅନ୍ୟ ବ୍ୟକ୍ତିଙ୍କୁ ପଚରାଉଚରା କରିଛି। ପୀଡ଼ିତା ସାମାନ୍ୟ ସୁସ୍ଥ ଅନୁଭବ କଲାପରେ ବୟାନ ରେକର୍ଡ କରାଯିବ ବୋଲି ପଶ୍ଚିମବଙ୍ଗ ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପଶ୍ଚିମବଙ୍ଗ ସରକାର ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏକ ୯ ଜଣିଆ ସ୍ପେଶାଲ ଇନଭେଷ୍ଟିଗେସନ୍ ଟିମ୍ ଗଠନ କରିଛନ୍ତି।

### ମମତାଙ୍କ ମନ୍ତବ୍ୟ...

ଏହି ଘଟଣା ଘଟିଛି, ତାହା ଜଙ୍ଗଲ ଅଞ୍ଚଳ ହୋଇଥିବାରୁ କାାଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ଯତ୍ନବାନ ହେବା ଉଚିତ। ତେବେ ଏହି ଜଘନ୍ୟ କାଣ୍ଡକୁ ଉଦବେଗଜନକ ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛେ ଦୁର୍ଗାପୁର ଗଣଦୁଷ୍କର୍ମ ଘଟଣାରୁ ନଜର ହଟାଇବାକୁ ଯାଇ ମମତା ଓଡ଼ିଶା ସରକାରଙ୍କୁ ସମାଲୋଚନା କରିଛନ୍ତି। ପଡ଼ୋଶୀ ରାଜ୍ୟରେ ସମୁଦ୍ରକୂଳରେ ଯୁବତୀମାନଙ୍କୁ ଦୁଷ୍କର୍ମ କରାଯାଉଛି ଏବଂ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ ପଶ୍ନ କରିଛନ୍ତି। ଓଡ଼ିଶା ସମେତ ମଣିପୁର, ବିହାର ଏବଂ ଉତ୍ତର ପ୍ରଦେଶରେ ମଧ୍ୟ ଏଭଳି ଜଘନ୍ୟ କାଣ୍ଡ ଘଟୁଛି ଏବଂ ସମସ୍ତ ରାଜ୍ୟ ଏଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସେ କହିଛନ୍ତି।

ତେବେ ମମତାଙ୍କ ଏଭଳି ମନ୍ତବ୍ୟ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ପଦରେ ଥାଇ ଏଭଳି ମନ୍ତବ୍ୟ ଦେବା ତାଙ୍କୁ ଶୋଭାପାଉନି। ନାରୀ ସୁରକ୍ଷାରେ ବିଫଳତା ପାଇଁ ଦୋଷ ସ୍ୱୀକାର କରିବା ବଦଳରେ ଅନ୍ୟ ଉପରେ ଦୋଷ ଲଦିବା ଅତି ଦୁର୍ଭାଗ୍ୟଜନକ ବୋଲି ସେମାନେ କହିଛନ୍ତି। ବିଜେପି ପକ୍ଷରୁ କୁହାଯାଇଛି ଯେ ପୀଡ଼ିତା ଉପରେ ଦୋଷ ଲଦିବା ଘଟଣା ଅତ୍ୟନ୍ତ ଲଜ୍ଜାଜନକ। ଏହା ନାରୀ ଜାତି ପ୍ରତି ଅପମାନ। ମମତାଙ୍କ କଥାରୁ ଜଣାପଡୁଛି ଯେ ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି ଏବଂ ସେ ଅସହାୟ ହୋଇପଡ଼ିଛନ୍ତି। ତେଣୁ ସେ ତାଙ୍କ ପଦରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେପି ଦାବି କରିଛି। ସିପିଏମ୍ ନେତାମାନେ ମଧ୍ୟ ମମତାଙ୍କୁ ତାଙ୍କର ଦାୟିତ୍ୱହୀନ ମନ୍ତବ୍ୟ ପାଇଁ ତୀବ୍ର ସମାଲୋଚନା କରିଛନ୍ତି।

### ଏନ୍‌ଡିଏ ଆସନ...

ତେବେ ବିଜେପି ୭୪ଟି ଆସନରେ ବିଜୟୀ ହୋଇଥିବା ବେଳେ ଜେଡିୟୁ ୪୩ଟି ଆସନ ଜିତିଥିଲା। ସେହିପରି ଏଲ୍‌ଜେପି ୧୩୫ଟି ସିଟ୍‌ରେ ଲଢ଼ିଥିଲା ଓ ମାତ୍ର ଗୋଟିଏ ସିଟ୍‌ରେ ବିଜୟୀ ହୋଇଥିଲା।ଜିତେନ ରାମ ମାଞ୍ଜିଙ୍କ ହିନ୍ଦୁସ୍ଥାନ ଅୱାମ ମୋର୍ଚ୍ଚା (ଏଚ୍‌ଏଏମ୍)କୁ ୬ ଓ ଉପେନ୍ଦ୍ର କୁଶୱାହଙ୍କ ପାର୍ଟି ଆରଏଲ୍‌ଏମକୁ ୬ଟି ଆସନରେ ଲଢ଼ିବାକୁ ସୁଯୋଗ ଦିଆଯାଇଛି। ୪୦ଟି ଦାବି କରୁଥିବା ମାଞ୍ଜିଙ୍କୁ ଶେଷରେ ୬ଟି ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡିଛି। ଏହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଏଥର ବିହାର ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ହେବ। ନଭେମ୍ବର ୬ରେ ପ୍ରଥମ ପର୍ଯ୍ୟାୟ ୧୨୧ଟିରେ ନଭେମ୍ବର ୧୧ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ୧୨୨ଟି ଆସନରେ ମତଦାନ ହେବ। ୧୪ ତାରିଖରେ ଭୋଟ ଗଣିତ ଓ ଫଳାଫଳ ଘୋଷଣା ହେବ।

### ନିରପେକ୍ଷତାକୁ ନେଇ...

ମୁକ୍ତ ହୋଇ ନ ହୋଇଥିବା ଯୋଗୁଁ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠିଛି। ତେଣୁ ନୂଆପଡ଼ା ନିର୍ବାଚନମଣ୍ଡଳୀରେ ପିଡବ୍ଲୁଡି ଭୋଟର ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଭାବିତ କରିବା ପାଇଁ ସେ କ୍ଷମତାର ଅପବ୍ୟବହାର କରିବାର ଆଶଙ୍କା ଥିବା ଅଭିଯୋଗ ହୋଇଛି।

ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ଜଣେ ଆଇଏଏସ୍ ଅଧିକାରୀ ସିଇଓ ଏବଂ ଅନ୍ୟ ଏକ ସରକାରୀ ପଦବୀରେ ଦ୍ୱୈତ ଦାୟିତ୍ୱରେ ରହିଥିଲେ, ତାଙ୍କୁ ନିର୍ବାଚନ ସମୟରେ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରାଯିବ। ମାର୍ଗଦର୍ଶିକାରେ କୁହାଯାଇଛି ଯେ, ଦ୍ୱୈତ ପଦବୀ ଧାରଣ ଦ୍ୱାରା କଲ୍ୟାଣକାରୀ ଯୋଜନା ଓ ଆଇନଶୃଙ୍ଖଳା ଇତ୍ୟାଦି ବିଷୟ ପ୍ରଭାବିତ ହୋଇପାରେ। ତେଣୁ ଅଧିକାରୀଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ ରଖିବାକୁ ନିର୍ଦ୍ଦେଶନାମା ରହିଛି। ୨୦୨୪ ସାଧାରଣ ନିର୍ବାଚନ ସମୟରେ ନିର୍ବାଚନ ଆୟୋଗ ୬ଟି ରାଜ୍ୟରେ ଗୃହ ସଚିବମାନଙ୍କୁ ହଟାଇବା ଏବଂ ଓଡ଼ିଶାର ସିଇଓଙ୍କୁ ଅନ୍ୟ ସରକାରୀ ପଦବୀରୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଓଡ଼ିଶା ପରିପ୍ରେକ୍ଷୀରେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ଏଥର ସେଭଳି କୌଣସି ନିର୍ଦ୍ଦେଶନାମା ମଧ୍ୟ ଜାରି ହୋଇ ନାହିଁ।

ଯଦି ଜଣେ ସିଇଓ ରାଜ୍ୟ ସରକାରଙ୍କ ସହିତ ଅନ୍ୟ କୌଣସି ବିଭାଗ ଦାୟିତ୍ୱରେ ରହିଥାନ୍ତି, ତେବେ ନିର୍ବାଚନ ଆୟୋଗ ସେହି ଅଧିକାରୀଙ୍କୁ ନିର୍ବାଚନ ଅବଧି ପାଇଁ ଅଣ-ସିଇଓ କର୍ତ୍ତବ୍ୟରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ପୂର୍ବରୁ ରାଜ୍ୟ ସରକାରମାନେ ନିଜ ଆଡୁ ସେମାନଙ୍କୁ ଅନ୍ୟ ଦାୟିତ୍ୱରୁ ମୁକ୍ତ କରିଥାନ୍ତି। ହେଲେ ରାଜ୍ୟ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ ଏହି କାର୍ଯ୍ୟ କରି ନାହାନ୍ତି। ନୂଆପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଥିବା ବେଳେ ଏହି ନିର୍ବାଚନମଣ୍ଡଳୀରେ ୧,୭୮୬ ଜଣ ବରିଷ୍ଠ ଭୋଟର ଏବଂ ୩,୯୮୮ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଅନ୍ୟପଟେ ରାଜ୍ୟରେ 'ଏସ୍‌ଆଇଆର୍' ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଏକ ଜଟିଳ ଏବଂ ସମୟସାପେକ୍ଷ ହୋଇଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱ ବହନ କରୁଛି। ଏ ଦୃଷ୍ଟିରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଓ ସିଇଓ କାର୍ଯ୍ୟାଳୟର ଅନ୍ୟ ଅଧିକାରୀଙ୍କୁ ଅନ୍ୟ ବିଭାଗର କାର୍ଯ୍ୟଚାପରୁ ଦୂରେଇ ରଖିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ବିଜେପିରେ 'ପୋଷା ପୁଅ'...

ବସନ୍ତ ଦେଇଥିବା ପ୍ରତିକ୍ରିୟାରେ ସେ ଜୟଙ୍କୁ ଗ୍ରହଣ କରିପାରିନାହାନ୍ତି, ତାହା ତାଙ୍କ ବୟାନରୁ ସ୍ପଷ୍ଟ ବାରି ହୋଇ ପଡୁଛି। ସେହିପରି କେଇଦିନ ପୂର୍ବରୁ ଅତିମାତ୍ରାରେ ସକ୍ରିୟ ଥିବା ବସନ୍ତଙ୍କ ପୁଅ ତଥା ୨୦୨୪ ସାଧାରଣ ନିର୍ବାଚନରେ ନୂଆପଡାରୁ ପ୍ରାର୍ଥୀ ହୋଇଥିବା ଅଭିନନ୍ଦନ ପଣ୍ଡା ମଧ୍ୟ ଏକପ୍ରକାର ନିରବ । ଅପରପକ୍ଷେ ଜିଲ୍ଲାସ୍ତରୀୟ ନେତା ପ୍ରସନ୍ନ ପାଢ଼ୀ ଏବଂ ଯଦୁମଣି ପାଣିଗ୍ରାହୀ ପରି ଆଶାୟୀଙ୍କୁ ଦଳ ଏଯାବତ୍ ବିଶ୍ୱାସକୁ ନେଇ ପାରିନାହିଁ। ଜୟଙ୍କୁ ଦଳରେ ସାମିଲ କରାଯିବା ପୂର୍ବରୁ ସେମାନଙ୍କ ସହ ଥରୁଟିଏ ମଧ୍ୟ ଆଲୋଚନା କରାଯାଇ ନ ଥିବା ସେମାନଙ୍କ ସମର୍ଥକ ଅଭିମାନ କରୁଛନ୍ତି। ଏପରି ନେତାଙ୍କ ହାତରେ ନୂଆପଡ଼ାରେ କିଛି ଭୋଟ ଥିବା ସମୟରେ ସେମାନଙ୍କୁ ଉପେକ୍ଷା କରାଯିବା ବିଜେପି ପାଇଁ ଆତ୍ମଘାତୀ ହୋଇଥିବା ମଧ୍ୟ କୁହାଯାଉଛି । କିଛିଦିନ ପୂର୍ବରୁ ଉପନିର୍ବାଚନକୁ ନେଇ ଉତ୍ସାହିତ ନୂଆପଡ଼ା ବିଜେପି ଏବେ ରହସ୍ୟମୟ ଭାବରେ ନିରବ। ଏହା ଝଡ଼ ପୂର୍ବର ନିରବତା ହୋଇପାରିଥାଏ ବୋଲି ଆଶଙ୍କା କରୁଛନ୍ତି ରାଜନୈତିକ ସମୀକ୍ଷକ। ଏହି ସମୟରେ ଦଳରେ ଜୟ ଢୋଲକିଆଙ୍କ ଯୋଗଦାନ ପରେ ଅନେକ କର୍ମୀ ଦଳରୁ ବାହାରି ଯିବାକୁ ଖୋଲା ଧମକ ଦେଇଛନ୍ତି। ଜୟ ବିଧିବଦ୍ଧ ଭାବେ ପ୍ରାର୍ଥୀ ଭାବେ ଘୋଷଣା ହେବା ପରେ ଏମାନଙ୍କ ପଦକ୍ଷେପ କଣ ରହିବ, ତାହାକୁ ନେଇ ସାଧାରଣରେ କଳ୍ପନା ଜଳ୍ପନା ଲାଗି ରହିଛି। ବିଶେଷକରି ବସନ୍ତ ଏବଂ ତାଙ୍କ ପୁଅ ଜୟଙ୍କୁ ଖୋଲାମନରେ ସମର୍ଥନ କରିବେ ତ ବୋଲି ଏବେ ଦଳୀୟ କର୍ମୀମାନେ ମଧ୍ୟ ପ୍ରଶ୍ନ କଲେଣି। ଯଦି ଉଭୟେ ସକ୍ରିୟତାର ସହ ପ୍ରଚାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରୁ ଦୂରେଇ ରୁହନ୍ତି, ତାହେଲେ ଏହା ବିଜେପି ପାଇଁ ନିଶ୍ଚୟ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି।

### ଆଜି ଉତ୍ତର ଓଡ଼ିଶାରୁ...

ଡିଗ୍ରୀ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଏହା ୧୮-୧୯ ଡିଗ୍ରୀ ମଧ୍ୟରେ ରହୁଛି। ଧୀରେ ଧୀରେ ଏହା ହ୍ରାସ ପାଇବ। ସମ୍ଭବତଃ ମାସ ଶେଷ ବେଳକୁ ରାଜ୍ୟରେ କଅଁଳ ଶୀତ ଅନୁଭବ ହେବ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜିର ରହିଛି ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି।

### ଜାଲରେ ପଡ଼ିଲେ...

ତିଆରି କରିବାରେ ବ୍ୟବହୃତ ହେଉଥିବାରୁ ଏହା ବିଦେଶକୁ ମଧ୍ୟ ରପ୍ତାନି କରାଯାଏ। ଏହାର କିଲୋ ପ୍ରତି ମୂଲ୍ୟ ୫୦,୦୦୦/ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଏ। ଇଂରାଜୀରେ ଏହାକୁ ଗୋଲଡ୍ ଫିସ୍ କୁହାଯାଉଥିବା ବେଳେ ଏହାର ବୈଜ୍ଞାନିକ ନାମ (ପ୍ରୋଟୋନିବେଆ ଡିଆକାନଥୁସ)। ଏହି ପ୍ରଜାତିର ମାଛ ଇଣ୍ଡୋ-ପ୍ୟାସିଫିକ ସମୁଦ୍ରରେ ମିଳେ। ଓଡ଼ିଶାର ପାରାଦୀପ, ମହାରାଷ୍ଟ୍ର ଓ ଗୁଜରାଟ ସମୁଦ୍ର କୂଳରୁ ବେଳେ ବେଳେ ଧରାଯାଇଥାଏ। ଏହାର ମାଂସରେ ଓମେଗା-୩, ଆଇଓଡିନ୍, ଆଇରନ୍ ଆଦି ପୋଷକ ତତ୍ତ୍ୱ ରହିଛି। କିନ୍ତୁ ଏହାର ସ୍ୱିମ୍ ବ୍ଲାଡର (ପେଟରେ ଥିବା ପୋଷ୍ଟା) ସବୁଠାରୁ ମୂଲ୍ୟବାନ। ଚୀନ୍, ଜାପାନ୍ ଆଦିରେ ଔଷଧ ଓ ସୁପ୍‌ରେ ଏହାକୁ ବ୍ୟବହାର କରାଯାଏ।


AFFIDAVIT
I, **Saheba Tripathy** , S/O- Late Umashankar Tripathy , resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2277, Dated:- 09/10/2025 that now onwards I shall be known as **SAHEB TRIPATHY** for all future purposes.

AFFIDAVIT
I, **Jaya Praksh Tripathy** , S/O- Saheb Tripathy , resident of Plot No. 1429 / 2238, 2239, Jagannath Nagar, Road No- 4, Jharpada, Near Curry Carnival, Rasulgarh, Bhubaneswar, Dist:- Khorda, State:- Odisha, PIN Code- 751025, Declare by this Affidavit No- 2276, Dated:- 09/10/2025 that now onwards I shall be known as **JAYA PRAKASH TRIPATHY** for all future purposes.

AFFIDAVIT
By virtue of an affidavit before the Executive Magistrate, Nilgiri vide No 975, 25/09/2025, I Anita Nayak, W/o- Himanshu Sekhar Nayak, At- K.Panposi, PO- Rugudi, Dist- Mayurbhanja, Odisha That I have changed my name from Anita to Anita Nayak. Henceforth I shall be known as **Anita Nayak** for all purpose.

AFFIDAVIT
I, **Jyotshnamayee Tripathy** , D/O- Dhrubaraj Mishra , resident of Khadal Para, Po/Ps/Dist:Balangir, State:- Odisha, PIN Code- 767001, Declare by this Affidavit No- 2278, Dated:- 09/10/2025 that now onwards I shall be known as **JYOTSNAMAYEE MISHRA** for all future purposes.

AFFIDAVIT
By virtue of an affidavit sworn before Notary Public, Cuttack, dated 10.10.2025, I, KAHAKASA BANOO, Address: Vill- Matanagar, P.O.-Mirzapur, P.S.- Salipur, Dist.- Cuttack, PIN-754221, declare that I have changed my name from KYAKANSHA BANO to KAHAKASA BANOO. Henceforth, I shall be known as KAHAKASA BANOO for all purposes.
SD/-KAHAKASA BANOO

PUJA OFFER SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

AFFIDAVIT
By virtue of an affidavit Sl. No. 1694, dt.10.10.2025 in the court of the Executive Magistrate, Dhenkanal, I, Mamata Manjari Rout, have changed my name from Mamata Manjari Jena to Mamata Manjari Rout. Henceforth I shall be known as **Mamata Manjari Rout** for all purpose.
Sd/- Mamata Manjari Rout

LOST
I Dr. Ramakanta Nayak, S/o- Kanduri Charan Nayak, At/Po- Badapari, Ps-Tangi, Dist- Khordha states that on Dt- 09/10/25 morning I was coming from Banpur college Road to Medical I lost my bag containing my Original ROR of Khata no-1015 of mouza Kandhanayagarh & RSD no.- 1580, Dated-25/7/1983 documents are lost. If anyone finds it kindly contact to my no-9438310934 or Banpur police station.if anyone will misutilize it, we will not be responsible for it.

AFFIDAVIT
By virtue of an affidavit swom before Executive Magistrate , Puri, dated 23/05/2025, I Susanta Routaray, At- Gaindol, Po- Chhaitana, Ps- Puri sadar, Dist- puri, Pin- 752002 declare that, I have changed the name of my Daughter from Lovely Routaray to SHREEYA SALIN ROUTARAY. Henceforth, she shall be known as SHREEYA SALIN ROUTARAY for all purposes.
Sd/- Susanta Routaray

# ପାକ୍ସରେ ଠକେଇ; ଚାଷୀଙ୍କ ଅଜାଣତରେ ଋଣ

ବଲାଙ୍ଗିର, ୧୨।୧୦(ସମିସ)

- ଲୋଇସିଂହା ବ୍ଲକ ବୁର୍ଡା ପେକ୍ସ ନାଁରେ ସାଂଘାତିକ ଅଭିଯୋଗ
- ଭିନ୍ନକ୍ଷମ ଚାଷୀଙ୍କୁ ଠକେଇ
- ସମ୍ପାଦକଙ୍କ ପାଖରେ ଖବର ନାହିଁ

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ ସେବା ସମବାୟ ସମିତି ବା ପେକ୍ସରେ ଚାଷୀଙ୍କୁ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ପେକ୍ସରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ଓ ପିଅନ ମିଶି ଚାଷୀଙ୍କ ଅଜାଣତରେ ତାଙ୍କ ନାମରେ ଋଣ କରି ଟଙ୍କା ଉଠାଇ ନେଇଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ବୁର୍ଡା ଗାଁର ଚାଷୀ ମୁକୁନ୍ଦ ସାହୁ ରୋଗାଗ୍ରସ୍ତ ହୋଇ ଅକ୍ଷମ ହୋଇଥିବା ବେଳେ ତାଙ୍କ ନାମରେ ଏହିଭଳି ତଞ୍ଚତା କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ଡାକି ଚାଷୀ ପଞ୍ଜିକରଣ କରିବା ନାମରେ ତାଙ୍କ ପାଖରୁ ଟିପଚିହ୍ନ ନେଇ ଏହି କାରବାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ କଥା ହେଲେ ଏତେ ବଡ ତଞ୍ଚକତା ବିଷୟରେ ଏହି ପେକ୍ସ ଦାୟିତ୍ୱରେ ଥିବା ସମ୍ପାଦକ କିଛି ଜାଣି ନ ଥିବା କହିଛନ୍ତି। ଏହାର ଆପୋଷ ସମାଧାନ କରିବା ପାଇଁ ତାଙ୍କୁ ଚାପ ପକାଯାଉଥିବା ବେଳେ ସେ ଏହାକୁ ମନା କରିଦେଇ ତାଙ୍କ ନାମରେ ଏହିଭଳି କାରବାର କରିଥିବା କର୍ମଚାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ ବୁର୍ଡା ପେକ୍ସର ଜଣେ ପଞ୍ଜିକୃତ ଚାଷୀ ହେଉଛନ୍ତି ମୁକୁନ୍ଦ ସାହୁ। ତାଙ୍କ ନାମରେ ସବୁ କିସମର ଜମି ମିଶି ୫ ଏକର ରହିଛି। ତେବେ ସେ କେବେ କୌଣସି ଋଣ କରି ନ ଥିବା ବେଳେ ତାଙ୍କ ଅଜାଣତରେ ତାଙ୍କ ନାମରେ ୬୫ ହଜାର ଟଙ୍କା ଋଣ କରାଯାଇଥିବା ଓ ତାକୁ ଉଠାଣ କରି ହଡପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। କଥା ଏତିକିରେ ସରିନାହିଁ। ତାଙ୍କ ସମସ୍ତ କାଗଜପତ୍ର ମଧ୍ୟ କର୍ମଚାରୀ ଓ ଜଣେ ଧାନ ଦଲାଲ ପାଖରେ ରହିଥିବା ବେଳେ ତାଙ୍କୁ ତାହା ମଧ୍ୟ ଦିଆଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ଶ୍ରୀ ସାହୁ ଗତ ପ୍ରାୟ ବର୍ଷକ ତଳେ ସ୍ଥାନୀୟ ଡାକଘରକୁ ଟଙ୍କା ଉଠାଇବା ପାଇଁ ବହୁ କଷ୍ଟରେ ଯାଇଥିଲେ। ସେହି ନିକଟରେ ହିଁ ପେକ୍ସ କାର୍ଯ୍ୟାଳୟ ରହିଛି। ସେଠାରେ ତାଙ୍କୁ ପେକ୍ସର ଦୁଇ ଜଣ କର୍ମଚାରୀ ଡାକି ଚାଷୀ ପଞ୍ଜିକରଣ ନାମରେ କିଛି ଦସ୍ତାବିଜରେ ଟିପଚିହ୍ନ ନେଇଥିଲେ। କିନ୍ତୁ ତାଙ୍କୁ ଋଣ ବାବାଦକୁ କିଛି ସୂଚନା ଦେଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ପେକ୍ସରେ ଧାନ ଦଲାଲି କରୁଥିବା ଜଣେ ବ୍ୟବସାୟୀ ଆସି ତାଙ୍କୁ ଋଣ ନବୀକରଣ କରିବାକୁ କହିଥିଲେ। ସେହି ସମୟରେ ସେ ଆଶ୍ଚର୍ଯ୍ୟ ହୋଇ ଋଣ ବିଷୟରେ ଜାଣିଥିଲେ। ଚାଷୀଙ୍କ କହିବା ଅନୁସାରେ ତାଙ୍କରେ ନାମରେ ପ୍ରାୟ ୬୫ ହଜାର ଟଙ୍କା ଋଣ କରାଯାଇ ତାହା ଆଉ ଏକ ଜମାଖାତାକୁ ଟ୍ରାନ୍ସଫର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ନାମରେ ସମ୍ପୃକ୍ତ ଦୁଇ କର୍ମଚାରୀ ଓ ଧାନ ବେପାରୀ ମିଶି ବ୍ୟାଙ୍କ ଜମାଖାତା ଖୋଲିବା ସହ ଅନ୍ୟ କାଗଜପତ୍ର କରି ରଖିଥିବା ସେ ଅଭିଯୋଗ କରିଛନ୍ତି। ସେ ରୋଗାଗ୍ରସ୍ତ ହୋଇ ଠିକ୍ ଭାବେ ଚଲାବୁଲା କରିପାରୁ ନ ଥିବା ବେଳେ ତାଙ୍କ ନାମରେ ଏହିଭଳି ଠକେଇ କରିବାକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିଜ ଅକ୍ଷମତା ଯୋଗୁଁ ସେ ଏନେଇ ଉପରିସ୍ଥ ଅଧିକାରୀଙ୍କ ପାଖରେ ଅଭିଯୋଗ କରିପାରୁ ନ ଥିବା ବେଳେ ତାହାର ସୁଯୋଗ ନେଇ ଏହିଭଳି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ଜଣାପଡ଼ିବା ପରେ ଏହାକୁ ଚାପିଦେବା ପାଇଁ ସମ୍ପୃକ୍ତ ଦୁଇ କର୍ମଚାରୀ ଓ ଧାନ ବେପାରୀ ଉଦ୍ୟମ ଆରମ୍ଭ କରିଥିବା ଜଣାପଡ଼ିଛି। ସେହିପରି ସାଧାରଣ ଚାଷୀଙ୍କୁ ଅଧିକ ଟଙ୍କାର ଋଣ ପ୍ରଦାନ କରାଯାଉ ନ ଥିବା ବେଳେ ମୁକୁନ୍ଦ ସାହୁଙ୍କ ନାମରେ ଏତେ ପରିମାଣର ଋଣ କେମିତି କରାଗଲା ତାକୁ ନେଇ ମଧ୍ୟ ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଟଙ୍କା ହଡପ କରିବା ଉଦ୍ଦେଶ୍ୟରେ ଏହି କାରବାର କରାଯାଇଥିବା ବେଳେ ଏ ବିଷୟରେ ଡାଟା ଏଣ୍ଟ୍ରି ଅପରେଟର ରଞ୍ଜନ କୁମ୍ଭାର କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ସେହିପରି ଏ ନେଇ ପେକ୍ସ ସମ୍ପାଦକ ଦାୟିତ୍ୱରେ ଥିବା ଘନଶ୍ୟାମ ପୁଟାଙ୍କୁ ପଚାରିବାରୁ ସେ ଏନେଇ କିଛି ଜାଣିନାହାନ୍ତି। ଚାଷୀଙ୍କ ଅଜାଣତରେ ଏହା ହେବା ମଧ୍ୟ ବେଆଇନ। ତେବେ ସେ ପେକ୍ସକୁ ଯାଇ ଏହାର ଛାନଭିନ କରିବା ପରେ ଯାହା କିଛି ସୂଚନା ଦେଇପାରିବେ ବୋଲି କହିଛନ୍ତି। ତେବେ ପୂର୍ବରୁ ମଧ୍ୟ ଏହି ପେକ୍ସରେ ଅନିୟମିତତା କରାଯାଉଥିବା ନେଇ ଅଭିଯୋଗ ରହିଛି।

## ଧର୍ମାନ୍ତରିତ ବ୍ୟକ୍ତିଙ୍କ ଅନୁସୂଚିତ ପ୍ରମାଣପାତ୍ର ରଦ୍ଦ ଦାବି

**କର୍ଲାମୁଣ୍ଡା, ୧୨।୧୦(ସମିସ):** କର୍ଲାମୁଣ୍ଡା ଅନୁସୂଚିତ ଜାତି ସଂସ୍କୃତି ସୁରକ୍ଷା ମଞ୍ଚ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ରିଷିଡା ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କର୍ଲାମୁଣ୍ଡା ବ୍ଲକ ଅନୁସୂଚିତ ଜାତି ପ୍ରଭାରୀ ତ୍ରିନାଥ ନାଏକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ରିଷିଡା ପଞ୍ଚାୟତ ସରପଞ୍ଚ ସେବତୀ ରଣା ଓ ସମ୍ମାନିତ ଅତିଥି ଭାବରେ ସମାଜସେବୀ ବାବା ଭଗବାନ ସାହୁ ଯୋଗ ଦେଥିଲେ।ଏଥିରେ ଧର୍ମାନ୍ତରିତ ବ୍ୟକ୍ତିମାନଙ୍କ ବିରୋଧରେ ୮ ଦଫା ଦାବି ନେଇ ସରକାରଙ୍କୁ ଜଣାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଯେଉଁମାନେ ବିଭିନ୍ନ ପ୍ରଲୋଭନରେ ପଡ଼ି ହିନ୍ଦୁ ଧର୍ମ ଛାଡି ଖ୍ରୀଷ୍ଟିଆନ ଧର୍ମ ଅବଲମ୍ବନ କରୁଛନ୍ତି ସେମାଙ୍କୁ ଅନୁସୂଚିତ ଜାତିର ବ୍ୟକ୍ତି ପାଉଥିବା ସରକାରୀ ସୁବିଧାରୁ ବଞ୍ଚିତ କରାଯାଉ। ପ୍ରତ୍ୟେକ ତହସିଲ କାର୍ଯ୍ୟାଳୟକୁ ଏନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଉ ବୋଲି ସେମାନେ ଦାବି କରିଥିଲେ। ଅନୁସୂଚିତ ଜାତିର ଲୋକଙ୍କ ଜମି ଯଦି ଧର୍ମାନ୍ତରିତ ବ୍ୟକ୍ତି କିଣନ୍ତି ତାହେଲେ ଉପଜିଲ୍ଲାପାଳଙ୍କ ଠାରୁ ଅନୁମତି ଆଣିବାକୁ ନିୟମ କରାଯାଉ। ଅନୁସୂଚିତ ଜାତିର ଲୋକ ଧର୍ମାନ୍ତରିତ ହେଲେ ତତ୍କାଳ ତାର ଅନୁସୂଚିତ ପ୍ରମାଣପାତ୍ର ରଦ୍ଦ କରାଯାଉ ବୋଲି ଦାବି ରଖିଛନ୍ତି। ବୈଠକରେ ବିଜେପି ନେତା ସଞ୍ଜୟ ଜୈନ ବୈଜୁ ମହାନନ୍ଦ, ଗୋବିନ୍ଦ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ବଲାଙ୍ଗିର ଦିନ୍ ପାଳନ ପାଇଁ ପ୍ରସ୍ତୁତି

**ବଲାଙ୍ଗିର, ୧୨।୧୦(ସମିସ):** ବଲାଙ୍ଗିର ପିପିଏକାଡେମୀରେ ବଲାଙ୍ଗିର ଦିନ ଆୟୋଜନ କମିଟିର ଅଧ୍ୟକ୍ଷ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୪୯ ମସିହା ନଭେମ୍ବର ୧ ତାରିଖରେ ବଲାଙ୍ଗିର ଜିଲ୍ଲା ନାମରେ ନାମିତ ହୋଇଥିଲା। ଏହି ଦିନକୁ ବଲାଙ୍ଗିର ଜିଲ୍ଲାର ସମସ୍ତ ସାମାଜିକ, ସାଂସ୍କୃତିକ, ରାଜନୈତିକ ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀ ସଂଗଠକ ସମସ୍ତେ ମିଶି ଏହି ଦିନ ଧୁମଧାମରେ ପାଳନ କରିଆସୁଛନ୍ତି। ସେହିପରି ଏହି ବର୍ଷ ମଧ୍ୟ ଧୁମ୍‌ଧାମରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ପ୍ରସ୍ତୁତି ବୈଠକରେ ଦିନେଶ ଶର୍ମା, ସରିତା ଦାସ, ଅଶୋକ ରାଉତ, ବିକି ପଟେଲ, ଶ୍ରୀକାନ୍ତ ବେହେରା, ରୁତୁରାଜ ପ୍ରଧାନ, ଚନ୍ଦ୍ର ମିଶ୍ର, ସୁନିଲ୍ ମିଶ୍ର, ସ୍ପନ୍ଦନ ପ୍ରଧାନ, ସତୁଆ ପଟେଲ, ବିବେକ କୁମ୍ଭାର, ପ୍ରଭୁଦତ୍ତ ସେଠି, ରେସବ କଳତା, ସୁବ୍ରତ ସାହୁ, ଦେବାଶିଷ ସାହୁ, ଅପ୍ରମିତ ପରିଛା, ମାନସ ଖୁଆସ, ସଖିଲା ବାନୋ, କୁମୁଦିନୀ ପୃଷ୍ଟି, ମମତା ଜେନା, ନୂତନ ସେନ୍ଦ୍ରିଆ, ସଞ୍ଜଲି ଶତପଥୀ, ସନ୍ତୋଷିନୀ ମେହେର, ଅଭିଷେକ ଦାସ, ରାମଶଙ୍କର ଶତପଥୀ, ସୁମିତ ଭୋଇ, ମନିଷ ସାଏ, ସୁମନ ନନ୍ଦ, ଆଦର୍ଶ ପୁରୋହିତ, ଆରୟନ ପଟେଲ, ଦୀପକ ପଣ୍ଡା, ରାକେଶ ବେହେରା, ଲିକନ ସେଟ୍, ରବୀନ୍ଦ୍ର ପ୍ରଧାନ, ଗୋବିନ୍ଦ ଶତପଥୀ, ପ୍ରତାପ ତ୍ରିପାଠୀ, କଳାକୃଷ୍ଣ ସାହୁ, ରବି ଖମାରୀ, ପ୍ରତାପ ରଥ, ସାଗରିକା ଗୁରୁ, କିଶୋର ରଥ, ବିନୋଦ କାଲସାଏ, ଜିତେନ୍ଦ୍ର ସ୍ୱାଇଁ, ଲୋଟସ ଷଡ଼ଙ୍ଗୀ, ସୋମନାଥ ମିଶ୍ର, ବିକାଶ ସା, ହରିଓମ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ପ୍ରସ୍ତୁତି

**ଡୁଙ୍ଗୁରିପାଲି, ୧୨।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଏକ ସାଧାରଣ ବୈଠକ ସ୍ଥାନୀୟ ଆରଏମ୍‌ସି ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସ୍ଥାୟୀ ସଭାପତି ପଦ୍ମବାଗ ଯାଦବଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ସଂଘ ସମ୍ପାଦକ ମୁକେଶ ଭୋଇ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁଦାମ ସାହୁ, ବରିଷ୍ଠ ସାମ୍ବାଦିକ ଦୀନବନ୍ଧୁ ସୁନା, ପ୍ରକାଶ ହାତୀ, ଉପ ସଭାପତି ଚଉବର୍ଗ ଭୋଇ, ଉପଦେଷ୍ଟା ସରୋଜ ପ୍ରଧାନ ଏବଂ ଯଦୁମଣି କୁଦେଇ ପ୍ରମୁଖ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ପାଳନ ନେଇ ପ୍ରସ୍ତାବ ଆଗତ କରିଥିଲେ। ସମ୍ପାଦକ ଗୋପାଳ ମାଝୀ, ରବୀନ୍ଦ୍ର ତ୍ରିପାଠୀ, କିଶୋର ସାହୁ, ସୁରେନ୍ଦ୍ର ମଟାରି, କୃଷ୍ଣଚନ୍ଦ୍ର ବାଗ, ସୁଦାମ ଦୀପ, ବିନୟ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ଥିଲେ। ସାମ୍ବାଦିକ ଉମାକାନ୍ତ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଖପ୍ରାଖୋଲରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି

**ଖପ୍ରାଖୋଲ, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କ୍ଷିରୋଦିନୀ ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୁପେ ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇସପାଳ ସୁନା, ମୁଖ୍ୟ ବକ୍ତା ରୂପେ ଖପ୍ରାଖୋଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀପତି କୁମ୍ଭାର, ସମ୍ମାନୀତ ଅତିଥି ରୂପେ ସୁଧୀର ନାଗ, ଶ୍ୟାମସୁନ୍ଦର ଦଳାଇ, ବାସୁଦେବ ଆଚାର୍ଯ୍ୟ, ଘନଶ୍ୟାମ ପଶାୟତ, ବିଜୁ ସୁନା, ଗଜେନ୍ଦ୍ର ବରିହା ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଶିକ୍ଷକ ଧରମ ସିଂ ଧରୁଆ ସଂଯୋଜନା କରିଥିବା ବେଳେ ଜଗନ୍ନାଥ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ କମିଟିର ବୈଠକ

**କଣ୍ଟାବାଞ୍ଜି, ୧୨।୧୦(ସମିସ):** କଣ୍ଟାବାଞ୍ଜି ମାଟିର ମହୋତ୍ସବର ଏକ ସାଧାରଣ ବୈଠକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ପୁଷ୍ପକେତୁ ବେହେରାଙ୍କ ଆବହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଭାପତି ବ୍ରାଜଶ୍ୟାମ ଗୁରୁ ସଭାପତିତ୍ୱ କରିଥିଲେ। ଦ୍ୱିତୀୟ ବର୍ଷ ମାଟିର ମହୋତ୍ସବ କରିବା ପାଇଁ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଛି। ବୈଠକରେ ପ୍ରଥମେ ମାଟିର ସନ୍ତାନ ପୁରୀ ଭିଜିଲାନ୍ସ ଏସପି ସତ୍ୟବାନ ମହାନନ୍ଦଙ୍କ ଅକାଳ ବିୟୋଗ ହୋଇଥିବାରୁ ତାଙ୍କର ଆମର ଆତ୍ମା ପାଇଁ ଶାନ୍ତି ପ୍ରାର୍ଥନା କରାଯାଇଥିଲା। ଦିନେଶ୍ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ବେଦବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ରାଜୁ ବାରିକ, ପପୁ ଜୁଏଡ଼, ଗୁରୁଦାୟଲ ହଂସ, ପ୍ରକାଶ ପଧାନ, ତୁଳସୀ ଜଗତ, ରୋହନ ମହତ, ସଞ୍ଜୟ ଅଗ୍ରୱାଲ, ସଞ୍ଜୟ ନାଥ, ଅରୁଣ ଆର୍ୟ୍ୟ, ବିବେକ ଶର୍ମା, ସତ୍ୟନାରାୟଣ ଅଗ୍ରୱାଲ, ପରମାନନ୍ଦ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ପୁରସ୍କାର ନିମନ୍ତେ ପ୍ରସ୍ତୁତି

**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ଜିଲ୍ଲାର ବିଭିନ୍ନ ବିଭାଗର ଭଲ ସ୍କିମ, ସଫଳ କାହାଣୀକୁ ଆଧାର କରି ପ୍ରଧାନମନ୍ତ୍ରୀ ପୁରସ୍କାର ଚୟନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର

**ଦେଓଗାଁ, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଦେଓଗାଁ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ବିଦ୍ୱତ୍ ପରିଷଦ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଚୂଡାପାଲି ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶମ୍ଭୁ ମାହାକୁରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂକୁଳ ପ୍ରମୁଖ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସଂଯୋଜକ ସନାତନ ମିଶ୍ର, ସ୍ଥାନୀୟ ଶିଶୁମନ୍ଦିରର ପରିଚାଳନା କମିଟି ସଭାପତି ଡା. ଶିବବ୍ରତ ଦାସ, ଉପସଭାପତି ହେମନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସଂକୁଳର ୮ଟି ଶିଶୁମନ୍ଦିରରୁ ୩୫ଜଣ ସଦସ୍ୟ ଯୋଗ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସା ଧନ୍ୟବାଦ ଅର୍ପଣ କରିଥିଲେ।

## କୁତୁର୍ଲା ଧୃବାନନ୍ଦ କଲେଜରେ ଅଭିଭାବକ ସମ୍ମିଳନୀ



**ଦେଓଗାଁ, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ଧୃବଆନନ୍ଦ ଯୁକ୍ତଦୁଇ କଲେଜରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରମୋଦ ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ବିଜୟ ଜାଲ, ବଳରାମ ପଧାନ, ହେମନ୍ତ ସାହୁ, ଶ୍ରୀ ମଙ୍ଗଳ ସାହୁ, ଖେଳ ଶିକ୍ଷକ ସରୋଜ ନାୟକ ଓ ଗୌରାଙ୍ଗ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ବିଜୟ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିକ ସଂଘର ଶୋକସଭା



**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧସ୍ଥିତ ଦାନି ସାହି କମ୍ୟୁନିଟି ହଲ୍‌ରେ ବଲାଙ୍ଗୀର ଜିଲ୍ଲା ବାରିକ ସଂଘର ସଭାପତି ତଥା ପଶ୍ଚିମ ଓଡ଼ିଶା ବାରିକ ସଂଘର ସଭାପତି କଙ୍ଗାଲୁ ଚରଣ ବାରିକଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଯାଇଛି। ଶ୍ରୀ ଶ୍ରୀ ଚନ୍ଦ୍ରଚୁଡ ବୌଦ୍ଧ ଜିଲ୍ଲା ବାରିକ ସଂଘର ସଭାପତି ବେଣୁଧର ସାମଲଙ୍କ ଅଧକ୍ଷତାରେ ନିରବ ପ୍ରାର୍ଥନା କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ସନ୍ତୋଷ ବାରିକ, ସମ୍ପାଦକ ତନୁଜ ବାରିକ, ଉପଦେଷ୍ଟା ତପନ ବାରିକ, କୋଷାଧକ୍ଷ ଶ୍ରବଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପଞ୍ଚାୟତରେ ବିଜେଡିର ପଦଯାତ୍ରା



**ଦେଓଗାଁ, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୩ଟି ପଞ୍ଚାୟତରେ ବିଜେଡି ପଦଯାତ୍ରା କରିଛି। ବ୍ଲକ ବିଜେଡି ସଭାପତି ସୁଶୀଲ ଚାନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତୀ ସେଠ, ବ୍ଲକ ବିଜୁ ଯୁବ ସଭାପତି ଶୈଳେନ୍ଦ୍ର ସାହୁ, ସରପଞ୍ଚ ସଂଘ ସଭାପତି ଗୋପାଳ ଚନ୍ଦ୍ର ମିଶ୍ର, ଛାତ୍ରନେତା ଦୀପକ ବେହେରା, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଦେଓଗାଁ ବ୍ଲକ ୧୨ନଂ ଜୋନର ବନ୍ଧପଡ଼ା, ସିଂହାମୁଣ୍ଡା ଓ ଦେଷଣ୍ଡ ପଞ୍ଚାୟତ ମୁଖ୍ୟାଳୟରେ ପଦଯାତ୍ରା ହୋଇଥିଲା। ବିଜେଡି ସରକାରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରାଯାଇଥିବା ବେଳେ ବିଜେପି ସରକାରର ବିଭିନ୍ନ ବିଫଳତାକୁ ସମାଲୋଚନା କରାଯାଇଥିଲା। ବିନୋଦ ପଧାନ, ଶଙ୍କର୍ଷଣ ବିଶି, ମନୋଜ ପଟେଲ, ଆଲୋକ ସିଂ ନିନା, ମାରୁତି ଜେନା, ହରିହର ବଗର୍ତ୍ତି, ପିଙ୍କୁ ଷଡଙ୍ଗୀ, ଭମର ହାତୀ ପ୍ରମୁଖ ସହଯୋଗ କରିଥିଲେ।

## ଲାୟନ୍ସ, ଲିଓ କ୍ଲବ୍‌ର ପ୍ରଶିକ୍ଷଣ ଶିବିର

**ଟିଟିଲାଗଡ଼, ୧୨।୧୦(ସମିସ):** ଆଜିର ଦିନରେ ମଣିଷ ନିଜର ବ୍ୟସ୍ତ ବହୁଳ ଜୀବନରେ ସେ ବେପାର ହେଉ କି ଚାକିରି ହେଉ, କାର୍ଯ୍ୟକ୍ଷେତ୍ର ହେଉ କି ଘରେ ହେଉ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହ କିଛି କାରଣରୁ ରାଗ ବାହାରି ସମ୍ପର୍କ ଖରାପ ହୋଇ ଯାଇଥାଏ। ସେ ଜାଣତରେ ହେଉ କି ଅଜାଣତରେ। ତେଣୁ ସବୁ ପରିସ୍ଥିତିରେ ନିଜକୁ କିପରି ଶାନ୍ତ ରଖିହେବ ସେ ବିଷୟରେ ଏକ ପ୍ରଶିକ୍ଷଣ ଶିବିର ଲାୟନ୍ସ କ୍ଲବ ସଭାପତି ସଞ୍ଜୟ ସୋନିଙ୍କ ସଭାପତିତ୍ୱରେ ସ୍ଥାନୀୟ ଡି ଏନ୍ ରିସର୍ଟ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଈର୍ଷା, ଦ୍ୱେଷ, ରାଗ ମଣିଷର ବଡ ଶତ୍ରୁ। ଏହାର ବୃଦ୍ଧି ଯୋଗୁଁ ମଣିଷ ନିଜର ନିୟନ୍ତ୍ରଣ ହରାଇ ବସି ଭୁଲ କାର୍ଯ୍ୟ କରି ପକାଇଥାଏ। ଯଦି କୌଣସି କାରଣରୁ ବା କୌଣସି ସ୍ଥିତିରେ ନିଜକୁ କ୍ରୋଧ ଆସୁଛି ତାହାହେଲେ ସଙ୍ଗେ ସଙ୍ଗେ କୌଣସି ପଦକ୍ଷେପ ଗ୍ରହଣ ନ କରିବା ଆବଶ୍ୟକ। ନାହିଁ ତ ଏହା ବଡ ଅସୁବିଧାରେ ପକାଇ ପାରେ। ତିନୋଟି ଜିନିଷ କଲେ କ୍ରୋଧ ଉପରେ ନିୟନ୍ତ୍ରଣ କରି ହେବ। ତାହା ହେଲା ଥ୍ରି ଆର। ସେ ଗୁଡିକ ମଧ୍ୟରୁ ପ୍ରଥମେ ଯେତେ ବେଶୀ ଚିନ୍ତା କରିବ ସେତେ କ୍ରୋଧ ବଢ଼ିବ। କ୍ରୋଧ ବଢ଼ିଲେ ହିଁ ମଣିଷ ନିଜର ଧୈର୍ଯ୍ୟ ହରାଇ କିଛି ନା କିଛି ଭୁଲ କରି ପକାଏ। ତେଣୁ କ୍ରୋଧ ଉପରେ ନିଜର ନିୟନ୍ତ୍ରଣ ରଖିବାକୁ ପଡ଼ିବ। କିଭଳି ନିୟନ୍ତ୍ରଣ ରଖି ହେବ ସେ ବିଷୟରେ ପ୍ରାଇମ ଅନ୍ତର୍ଜାତୀୟ ଟ୍ରେନର ଶେଖ ଜାକିର ହୁସେନ ବିଭିନ୍ନ ଉଦାହରଣ ଦେଇ ଉପସ୍ଥିତ ଲୋକଙ୍କୁ ବୁଝାଇଲେ। କେଉଁ କେଉଁ ପଦ୍ଧତିରେ ନିଜର ମସ୍ତିଷ୍କକୁ



ଶାନ୍ତ ରଖି ହେବ ତାହା ବୁଝାଇବା ସହ ସବୁ ସ୍ଥିତିକୁ ନିୟନ୍ତ୍ରଣ କିପରି କରି ହେବ ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ କ୍ଲବ ସମ୍ପାଦକ ପଙ୍କଜ ନାମଦେବ, କୋଷାଧ୍ୟକ୍ଷ ବିନୟ ଜୈନ, ମାର୍କେଟିଂ ଚେୟାର ପର୍ସନ ସଞ୍ଜୟ ନାୟକ, କ୍ଲବର ବରିଷ୍ଠ ସଦସ୍ୟ ଈଶ୍ୱର ଜୈନ, ଲିଙ୍ଗରାଜ ସାହୁ, ଶ୍ରୀକାନ୍ତ ଅଗ୍ରୱାଲ, ଶମ୍ଭୁ ପ୍ରସାଦ ଗୋଏଲ, ଦୀପକ ପୃଷ୍ଟି, ପ୍ରୋଜେକ୍ଟ ଡାଇରେକ୍ଟର ଲାୟନ ଉମେଶ କନୋଡିଆ, ସହାୟକ ପ୍ରୋଜେକ୍ଟ ଡାଇରେକ୍ଟର ଶୁଭ ଦୀପ ସାମନ୍ତ, ଅସୀମ କୁଣ୍ଡୁ, ଲିଓ କ୍ଲବର ସମସ୍ତ ସଦସ୍ୟ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ଡାଲି ସ୍ୱାବଲମ୍ବୀ ମିଶନର ଶୁଭାରମ୍ଭ

**ବୌଦ୍ଧ, ୧୨।୧୦(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ବଘିଆପଡ଼ା ପଞ୍ଚାୟତ ପାଳଝାରସ୍ଥିତ କୃଷିବିଜ୍ଞାନ କେନ୍ଦ୍ର ଆୟୋଜନ କ୍ରମେ ବୌଦ୍ଧ ଏନଏଚଆରଡିଏଫ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରରେନ୍ସ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲି ସ୍ୱାବଲମ୍ବୀ ମିଶନର ଶୁଭାରମ୍ଭ କରିଥିଲେ। ଏହି କାଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ତପନ ଦାସ ସଂଯୋଜନା କରିଥିଲେ। ଅନ୍ୟତମ କୃଷି ବୈଜ୍ଞାନିକ ଡ. ମୟୂରୀ ସିଂ ସର୍ଦାର, ଡ. ସମାପିକା ଦଲାଇ, ଡ. କବିତା ମିଶ୍ର, ପିଆଜ ଗବେଷଣା କେନ୍ଦ୍ରର ରଞ୍ଜିତ ଦାଶ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ଏହି ଅବସରରେ କୃଷକ -ବୈଜ୍ଞାନିକମାନଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଗ୍ରଣୀ ଚାଷୀ ସଂଗଠକ ତଥା ଗନ୍ଧରାଡି କୃଷକ ଉତ୍ପାଦକ କଂପାନୀ ଅଧକ୍ଷ ବିଶିକେସନ ପ୍ରଧାନ ଜୈବିକ କୃଷି ଉପରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ଅନ୍ୟତମ ଚାଷୀ ସଂଗଠକ କଷ୍ଟେଶ୍ୱର ଖଟୁଆ ଡାଲି ଜାତୀୟ ଫସଲକୁ ଧାଡିଚାଷ ଓ ଜୈବିକ ପଦ୍ଧତିରେ ଚାଷ କଲେ ଭଲ ହେଉଥିବାର ଉଦାହରଣ ଦେଇଥିଲେ। ଗନ୍ଧରାଡି କୃଷକ ଉତ୍ପାଦକ କଂପାନୀ ସମ୍ପାଦକ ଆସମାନ ମହାକୁଡ଼ଙ୍କ ପ୍ରସ୍ତାବ ପ୍ରକାରେ କଂପାନୀ ମାଧ୍ୟମରେ ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ। ଶେଷରେ କୃଷି ବୈଜ୍ଞାନିକ ସସ୍ମିତା ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିୟନ୍ତ୍ରଣ ବଜାରଠାରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା ଏବଂ ଡାଲିରେ ଆତ୍ମନିର୍ଭରଶୀଳ ମିଶନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରି ଚାଷୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ପ୍ରତିନିଧି ପୁରୁନ୍ଦର ବାଗ, କଣ୍ଟାବାଞ୍ଜି ନିୟନ୍ତ୍ରଣ ବଜାର ସମ୍ପାଦକ ନିଳମାଧବ ଆଚାର୍ଯ୍ୟ, ବଲାଙ୍ଗୀର ସାଂସଦ ପ୍ରତିନିଧି ରାଜେଶ ଅଗ୍ରୱାଲ, କଣ୍ଟାବାଞ୍ଜି ନିୟନ୍ତ୍ରଣ ବଜାର କମିଟି ଉପ ସଭାପତି ଅନନ୍ତ ବନଛୋର ପ୍ରମୁଖ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ନିୟନ୍ତ୍ରଣ ବଜାର କର୍ମଚାରୀ ଅନିଲ ବିଭାର, ହରିଶ ମେହେର, ରଞ୍ଜିତ କୁମାର, ଭୁବନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୌଡ଼କୁଦ ଚୟନ ଶିବିର ଉଦ୍‌ଯାପିତ

**ମୁରିବାହାଲ, ୧୨।୧୦(ସମିସ):** ମୁରିବାହାଲ ବ୍ଲକ ବିଦ୍ୟାଳୟ ସମୂହ ୧୪ ଓ ୧୭ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବିଭାଗର ଦୌଡ଼କୁଦ ପ୍ରତିଯୋଗିତା ମୁରିବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ ପଢ଼ିଆରୀ, ସମ୍ମାନିତ ଅତିଥି ଭାବେ ଓଏଭି ଅଧ୍ୟକ୍ଷ ତ୍ରିବିକ୍ରମ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିଲତା ପାତ୍ର, ଓଷ୍ଟା ଜିଲ୍ଲା ସଭାପତି ପ୍ରଦୀପ ପୁଟେଲ, ବ୍ଲକ କ୍ରୀଡ଼ା ସମ୍ପାଦକ କୁବେରଲାଲ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ରାଧେକ୍ରିଷ୍ଣା ବାଗ ଧନ୍ୟବାଦ ଦେଇଥିଲେ।



ଏହି ଚୟନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୨୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଦୌଡ଼, ସଟପୁଟ, ଡିସକସ, ହାଇ ଜମ୍ପ, ଲଙ୍ଗ ଜମ୍ପ ଖେଳ ପାଇଁ ଖେଳାଳି ଚୟନ କରାଯାଇଥିଲା। ଏହି ବ୍ଲକସ୍ତରୀୟ ଖେଳରୁ ଚୟନ ହୋଇଥିବା ଖେଳାଳି ସଇଁତଳା ବ୍ଲକ ବେଲଗାଁଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି କ୍ରୀଡ଼ା ସମ୍ପାଦକ ଶ୍ରୀ ବେହେରା ସୂଚନା ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସନ୍ତୋଷ ମେହେର, ରମେଶ ବିଶି, ନୀତେଶ ତାଣ୍ଡି, ମୋହନ ପ୍ରଧାନୀ, ନବୀନ ସରାଫ, ଧର୍ମୁ ବାଗ, ପ୍ରକାଶ ମହାନ୍ତି, ସୁରେଶ ବେହେରା, ଅଞ୍ଜନ ବେହେରା, ନୀତେଶ ଭୋଇ, ମୋକ୍ଷ ନାଗ, ସୁନନ୍ଦା ପଧାନ, ଭୋଜରାଜ ଗହୀର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୨୦ରୁ ବେସରକାରୀ ଅଧାପକ, କର୍ମଚାରୀଙ୍କ ଆନ୍ଦୋଳନ

ବଲାଙ୍ଗିର, ୧୨।୧୦(ସମିସ)

ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘର ବଲାଙ୍ଗୀର ଶାଖା ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନଙ୍କ ଦାବି ପୂରଣ ହେଉନି। ଏଣୁ ସେମାନେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବଲାଙ୍ଗୀର ସହରର କନ୍ଦପାଲିପଡ଼ାସ୍ଥିତ ଅଘରିଆ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛି।




୨୦୦୮ର ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବି ନେଇ ଦୀର୍ଘ ଦିନରୁ ଆନ୍ଦୋଳନ କରାଯାଉଛି। ଗତ ଅଗଷ୍ଟ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କରି ରାଜ୍ୟର ଅଣ ଅନୁଦାନପ୍ରାପ୍ତ ଓ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ତଥାପି ମଧ୍ୟ ସରକାର ଦାବି ପୂରଣ କଲେନି। ଆଲୋଚନା ମଧ୍ୟ କଲେ ନାହିଁ। ତେଣୁ ଓଡ଼ିଶା ରାଜ୍ୟ ବେସରକାରୀ ଅଧାପକ ଓ କର୍ମଚାରୀ ସଂଘ ଭୁବନେଶ୍ୱରର ମହାତ୍ମା ଗାନ୍ଧୀ ମାର୍ଗରେ ସେପ୍ଟେମ୍ବର ୧୮ରୁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲା। ସଂଘର ସଭାପତି ବିଶ୍ୱରଞ୍ଜନ ଦାଶ ସେପ୍ଟେମ୍ବର ୧୯ ତାରିଖରୁ ଆମରଣ ଅନଶନ ଆରମ୍ଭ ହୋଇଥିଲା। ସେପ୍ଟେମ୍ବର ୨୦ ତାରିଖ ସରକାରଙ୍କ ପ୍ରତିନିଧି ସଂଘ ସହ ଆଲୋଚନା କରି ପ୍ରତିଶ୍ରୁତି ଦେଇଥିଲେ। ଅକ୍ଟୋବର ୧୦ରୁ ୨୦ ତାରିଖ ମଧ୍ୟରେ ଦାବି ସମ୍ପର୍କରେ ସରକାର ଆଲୋଚନା କରିବେ ବୋଲି କୁହାଯାଇଥିଲା; ହେଲେ ଏ ପର୍ଯ୍ୟନ୍ତ ଆଲୋଚନା ହୋଇନି। ଏଣୁ ୨୦ରୁ ସଂଘ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି କହିଛି। ବଲାଙ୍ଗିର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଖଣ୍ଡ ସଂଯୋଜକ ବିଜୟ ମିଶ୍ର, ପାଟଣାଗଡ଼ ଖଣ୍ଡ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାହୁ, ଲୋଇସିଂହା ଖଣ୍ଡର ଶ୍ରୀକାନ୍ତ ମହାନନ୍ଦ, ଓମ୍‌ପ୍ରକାଶ ସାହୁଙ୍କ ସମେତ ଅନେକ ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ମନମୁଣ୍ଡା/ଶଗଡ଼ା, ୧୨ ।୧୦ (ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସାମୂହିକ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବୌଦ୍ଧ ଜିଲ୍ଲାର ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଜୟ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥଲେ । ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ନୀଳାମ୍ବର ଖମାରୀ, ସମ୍ପାଦକ ସତ୍ୟନାରାୟଣ ବଘାର, ଯୁଗ୍ମ ସମ୍ପାଦକ ବିଜୟ ମେହେର, ସଦସ୍ୟା ମାନସୀ ସାହୁ ମଞ୍ଚାସୀନ ଥିଲେ । ୭୪ ଜଣ ମା' ଉପସ୍ଥିତ ଥିଲେ । ମା ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ଗୋଳା ଫିଙ୍ଗା ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମାମାନଙ୍କୁ ନେଇ ଏକ ମାତୃଭାରତୀ ଗଠନ କରାଯାଇଲା । ଶିଶୁ ଭାଇଭଉଣୀମାନେ ସାମୂହିକ କଣ୍ଠ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଗୁରୁମା ଦମୟନ୍ତୀ ଗଡ଼ୁଆ ମଞ୍ଚ ପରିଚାଳନା କରିଥିଲେ । କଲ୍ୟାଣ ନାଏକ, ସନତ କଲତା, ଭାଗ୍ୟଶ୍ରୀ ହାତୀ, ବିମଳା ବଘାର, ଅନୁରାଧା ଖମାରୀ, ରଶ୍ମିବାଳା ରଣା, ଜ୍ୟୋସ୍ନା ପଧାନ, ଅଭିମନ୍ୟୁ ପ୍ରଧାନ, ସେବିକା ପୁଷ୍ପାଞ୍ଜଳି ଖମାରୀ, ସରସ୍ୱତୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।




# ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ







**ବୌଦ୍ଧ, ୧୨ ।୧୦(ସମିସ)**

ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଟିକାକରଣ କେନ୍ଦ୍ରରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ପୋଲିଓ ଟିକାକରଣ କାର୍ଯ୍ୟକ୍ରମର ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଂଘମିତ୍ରା ପଣ୍ଡା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ ତ୍ରିପାଠୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଅମିତାଭ ଦାସ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ସାନ୍ତା ନିବେଦିତା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ସମଗ୍ର ଜିଲ୍ଲାରେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ଦୁଇ ବୁନ୍ଦା ଦିଆଯିବ ।

**ମନମୁଣ୍ଡା:** ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ମହେନ୍ଦ୍ର କୁମାର ସଏଙ୍କ ନେତୃତ୍ୱରେ ପଲ୍ସ ପୋଲିଓ ଅଭିଯାନ ଶୁଭାରମ୍ଭ କରାଯାଇଛି । କଣ୍ଟାମାଳ ବ୍ଲକରେ ୧୫୬୩୫ ଶିଶୁଙ୍କୁ ପାଲ୍ସ ପୋଲିଓ ରୋଗ ପ୍ରତିରୋଧକ ଟୀକା ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ବ୍ଲକ ଅଧୀନରେ ଥିବା ୨୪ଟି ପଞ୍ଚାୟତରେ ବୁଲିବାକୁ ଥିବା ସଚେତନତା ରଥକୁ ଡାକ୍ତର ସଏ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିପିଏମ ରାକେଶ ମହାପାତ୍ର,



ପିଏଚଇଓ ସୁଦର୍ଶନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ପ୍ରାୟ ପ୍ରତ୍ୟେକ ଆରୋଗ୍ୟ କେନ୍ଦ୍ର, ଗ୍ରାମରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଶିଶୁଙ୍କୁ ପଲ୍ସ ପୋଲିଓ ଖୁଆଇ ଥିଲେ । ଡିପିଏଚଓ ଡାକ୍ତର ସନ୍ତୋଷ ତ୍ରିପାଠୀ, ଜ୍ୟୋତିପ୍ରକାଶ ଦାସ, ଡିଡିଏମ ଦିନେଶ ଗଡ଼ନାୟକ କଣ୍ଟାମାଳ ବ୍ଲକ ସାରା ପରିଦର୍ଶନ କରି କାର୍ଯ୍ୟକ୍ରମ ତଦାରଖ କରିଥିଲେ ।

**କଣ୍ଟାମାଳ:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଲିଆପାଲି ପଞ୍ଚାୟତର ଝାଗୁଡୁପାଲି ପ୍ରାଥମିକ ବିଦ୍ୟାଳୟରେ ପୋଲିଓ ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ରେଣୁକା ନାୟକ ଏହାକୁ ଶୁଭାରମ୍ଭ କରିଥିଲେ । ମୋଟ ୩୮ ଜଣ ଶିଶୁଙ୍କୁ ପୋଲିଓର ୨ବୁନ୍ଦା ଟିକା ପ୍ରଦାନ କରାଯାଇଥିଲା । ଆଶାକର୍ମୀ ମମତା ରାଉତଙ୍କ ତତ୍ତ୍ୱାବଧାନରେ ଏହି ପୋଲିଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଠାକୁର ଚରଣ ନାୟକ ସହଯୋଗ କରିଥିଲେ ।

## ଦର୍ଶକଙ୍କ ମନ ମୋହୁଛି ମୁରାସୁର ଦରବାର

**ପଲଶାଗୋରା, ୧୨ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ସ୍ୱସ୍ତିକ କ୍ଲବ ଦ୍ୱାରା ଆୟୋଜିତ ଗଜଲକ୍ଷ୍ମୀ ପୂଜା ଅବସରରେ ମୁରାସୁର ଦରବାର କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହୁଛି । ଏହି ଅବସରରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ସୁମିତ୍ରା ସାହୁ, ବିଜେପି ଯୁବ ନେତା ଓମ୍‌ପ୍ରକାଶ ମିଶ୍ର, ବନପାଳ ପୁରନ୍ଦର କର୍ମୀ, ସରପଞ୍ଚ ପଞ୍ଚାନନ ସାହୁ, ଶିକ୍ଷକ ନେତା ନୀଳାଞ୍ଚଳ ଭୋଇ, କଂଗ୍ରେସ ନେତା କେଶବ ଖେତୀ, ସତ୍ୟନାରାୟଣ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅଚ୍ୟୁତ ଖମାରୀ ସଂଯୋଜନା କରିଥିଲେ । ହୃଷିକେଶ ଭୋଇ, ନନ୍ଦିଘୋଷ ମହାପାତ୍ର, ସୁଦାମ ବିଶି, ସୂର୍ଯ୍ୟପ୍ରକାଶ କର୍ଣ୍ଣ, ନରସିଂହ ସାହୁ, ନେତ୍ରାନନ୍ଦ ଅମାତ, ହିମାଂଶୁ ଭୁଏ, ଅବଧୂତ ଭୋଇ, ଅରୁଣ କରସେଲ, ସୁରେନ୍ଦ୍ର ସାହୁ, ଭାଗ୍ୟ ମଲ୍ଲିକ, ମୋହିନୀ ବେହେରା, ଅନିରୁଦ୍ଧ ଭୁଏ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି । ବାଦ୍ୟରେ ଦିବାକର ଦୀପ, ଦୟାମୟ ମଲ୍ଲିକ ସହଯୋଗ କରିଥିଲେ ।



### ଜହ୍ନାପଙ୍କ ହାଇସ୍କୁଲ ୧୯ ୯୧ ମାଟ୍ରିକ ବ୍ୟାଚ୍‌ର ଗୁରୁପୂଜା

## ବାପା, ମା' ପ୍ରଥମ ଗୁରୁ



**ବୌଦ୍ଧ, ୧୨ ।୧୦(ସମିସ):** ଜଗତି ନିକଟସ୍ଥ ହନୁମାନ ମନ୍ଦିରରେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ ୧୯୯୧ ମାଟ୍ରିକ ବ୍ୟାଚର ଗୁରୁପୂଜା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସ୍ୱାଧୀନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱର୍ଗତ ଶିକ୍ଷକ ଘାସିରାମ ଗୁରୁ, ସିଦ୍ଧେଶ୍ୱର ପୁରୋହିତ, ବେଣୁଧର ପ୍ରଧାନ, ଗଣ୍ଡାରାମ ସାହୁ, ସୁରେନ୍ଦ୍ର ସାହୁ ଓ ସହପାଠୀଙ୍କ ଅମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ଗୁରୁ ପୂଜା କରାଯାଇଥିଲା । ଏହି ଉପଲକ୍ଷେ ଅତିଥି ଭାବେ ଶିକ୍ଷକ ସହଦେବ ବାରିକ, ସୁରେନ୍ଦ୍ର ମଲ୍ଲିକ, ଜ୍ଞାନେଶ ସାହୁ, ରାଜେନ୍ଦ୍ର ଗାଇଗୌରିଆ, ରଞ୍ଜିତ ରାଉତ, ଆଦିତ୍ୟ ପ୍ରଧାନ ଯୋଗ ଦେଇଥିଲେ । ପ୍ରଥମ ଗୁରୁ ହେଉଛନ୍ତି ମା' ବାପା । ତାଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ । ଶେଷରେ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ ଓ ପୂର୍ବତନ ବୌଦ୍ଧ ବ୍ଲକ ଉପାଧକ୍ଷ ମନରଞ୍ଜନ ପୁରୋହିତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ଆଦିତ୍ୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କିସାନଲାଲ ଅଗ୍ରୱାଲ, ପ୍ରଫୁଲ୍ଲ ଜେନା, ବିଜୟ ସାହୁ, ଅରୁଣ ରଣା, ମଧୁସୂଦନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ତୁରେକେଲା ବ୍ଲକ୍ କୃଷକ ଉତ୍ପାଦକ ସଂସ୍ଥାର ତୃତୀୟ ଉତ୍ସବ ବାର୍ଷିକ

**କଣ୍ଟାବାଞ୍ଜି, ୧୨ ।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ କୃଷକ ଉତ୍ପାଦକ କମ୍ପାନୀର ତୃତୀୟ ବାର୍ଷିକ ଉତ୍ସବ ସୀମାନିବାହାଲ ଗାଁରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନିରୂପମା ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଛାୟାବତୀ ମେହେର, କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ସ୍ନିଗ୍ଧା ମେହେର, ନିର୍ଦ୍ଦେଶକ ମଞ୍ଜୁଲତା ସାହୁ, ଚନ୍ଦ୍ରକାନ୍ତି ପୁଟେଲ ମଞ୍ଚାସୀନ ଥିଲେ ।




## ଆର୍‌ଏସ୍‌ଏସ୍‌ର ଶତାବ୍ଦୀ ସମାରୋହ ଉତ୍ସବ

**ବୌଦ୍ଧ, ୧୨ ।୧୦(ସମିସ):** ବୌଦ୍ଧ ବ୍ଲକ ଟିକରପଡ଼ା ପଞ୍ଚାୟତ ଜାମୁଖୋଲ ପୂଜା ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ସମାରୋହ ଉତ୍ସବ ପାଳିତ ହୋଇଛି । ଆରଏସଏସର ବଲାଙ୍ଗୀର ବିଭାଗ ସମ୍ପର୍କ ପ୍ରମୁଖ ଗଜେନ୍ଦ୍ର ବାରିକ, ପୂର୍ବତନ ସରପଞ୍ଚ ଗୌର ମଲ୍ଲିକ, ବିଶିକେଶନ ପ୍ରଧାନ ପ୍ରମୁଖ ଅତିଥିବ ଭାବେ ଯୋଗ ଦେଇଥିଲେ । ଦେଶର ନାଗରିକମାନଙ୍କ ମଧ୍ୟରେ ସାଂସ୍କୃତିକ ସଚେତନତା, ଅନୁଶାସନ, ସେବା ଓ ସାଂସ୍କୃତିକ ଦାୟିତ୍ୱକୁ ପ୍ରୋତ୍ସାହନ ଦେବା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଲକ୍ଷ୍ୟ ବୋଲି ଅତିଥିଗଣ କହିଥିଲେ । ଅଲେଖ ବେଜୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସରପଞ୍ଚ କଷ୍ଟେଶ୍ୱର ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ । ଲିଙ୍ଗରାଜ ପ୍ରଧାନ, କେଶବ ପ୍ରଧାନ, ଅଗସ୍ତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

## ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜର ଲୋକାର୍ପଣ ଉତ୍ସବ

**ବୀରମହାରାଜପୁର, ୧୨।୧୦ (ସମିସ):** ମହାନଦୀ ଯୋଗବିହାରସ୍ଥିତ ଶ୍ରୀଗୋପାଳଜୀ ଯୋଗାଶ୍ରମରେ ଡକ୍ଟର ସନ୍ତୋଷ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ରବିବାର ଏକ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ



ମୁଖ୍ୟବକ୍ତା ଡକ୍ଟର ଜ୍ୟୋତିରଞ୍ଜନ ବହିଦାର, ସ୍ୱତନ୍ତ୍ର ଅତିଥି ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ମୁଖ୍ୟଅତିଥି ଡକ୍ଟର ପ୍ରଫୁଲ୍ଲ କୁମାର ରଥ ଏବଂ ଆଇନଜ୍ଞ ବ୍ୟୋମୋକେଶ ଦାଶ, ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା, ଡକ୍ଟର ଦେବାଶିଷ ପାଣ୍ଡିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥାକାର ଡକ୍ଟର ଆର୍ତ୍ତତ୍ରାଣ ବାବୁଙ୍କ ବହୁ ଚର୍ଚ୍ଚିତ ସାରସ୍ୱତ ସୃଜନ 'ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜ' କାବ୍ୟ ଗ୍ରନ୍ଥକୁ ଉନ୍ମୋଚିତ କରିଥିଲେ । ଏହି ଅବସରରେ ଡକ୍ଟର ଶ୍ରୀବାବୁ, ପଦ୍ମଶ୍ରୀ ଚତୁର୍ଭୁଜ ମେହେରଙ୍କ ସମ୍ପୂର୍ଣ୍ଣ ଜୀବନୀକୁ ନେଇ ଲେଖିଥିବା ପୁସ୍ତକ ସ୍ୱର୍ଣ୍ଣପଦ୍ମ ଚତୁର୍ଭୁଜ ରଚନାର ପୃଷ୍ଠଭୂମି, ଉଦ୍ଦେଶ୍ୟ, ଅଭିଜ୍ଞତା ଓ ଆଭିମୁଖ୍ୟ ପ୍ରକାଶ କରିଥିଲେ । ଅଧ୍ୟାପକ ଡକ୍ଟର ସୌରଭ ରଞ୍ଜନ ଖମାରୀ ଅତ୍ୟନ୍ତ ନିଖୁଣ ତଥା ପ୍ରାଞ୍ଜଳ ଭାବରେ ପୁସ୍ତକଟିକୁ ସମୀକ୍ଷା କରି କହିଥିଲେ ଯେ ଏହା ଏକ ବିରଳ ସାରସ୍ୱତ ମଞ୍ଚ । ସ୍ୱାଗତ ସଙ୍ଗୀତ ମଞ୍ଜୁଶ୍ରୀ ବାବୁ ଓ ଭଜନ ପରିବେଷଣ କରିଥିଲେ ଯଜ୍ଞେଶ୍ୱର ପୂଜାହାରୀ, କରୁଣାକର ଘଣ୍ଟୁଆଳ, ବେଟିଖିଆ ସେଠୀ । ସଭାକୁ ସ୍ୱାଗତ କରିଥିଲେ ଶିକ୍ଷାବିତ୍ ପ୍ରଦୀପ ପୁରୋହିତ, ସଂଯୋଜନା କରିଥିଲେ ଡକ୍ଟର ଅନିରୁଦ୍ଧ କୁରୁକୁରିଆ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ରାଧେଶ୍ୟାମ ମିଶ୍ର । ଦ୍ୱିତୀୟ ପର୍ଯ୍ୟାୟରେ ସପ୍ତଦୀପା ସାହିତ୍ୟ ସଂସଦର ୧୨୫ ତମ ଭ୍ରାମ୍ୟମାଣ ସାରସ୍ୱତ ସମାରୋହ ହୋଇଥିଲା । ଡକ୍ଟର ଇତିଶ୍ରୀ ଦାସ୍, ସନ୍ତୋଷ ପାଣିଗ୍ରାହୀ, ନିରଞ୍ଜନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଅତିଥି ଥିବାବେଳେ କବି ଲକ୍ଷ୍ମୀ ନାରାୟଣ ସାହୁ, ହିମାଂଶୁ ଭୁଷଣ ପଣ୍ଡାଙ୍କ ସଂଯୋଜନାରେ ରାଧେଶ୍ୟାମ ମିଶ୍ର, ସନ୍ତୋଷିନୀ ନାୟକ, ତନ୍ମୟବାଳା ମିଶ୍ର, ଶୁଭେନ୍ଦୁ ମେହେର, ସୁଦାମ ନାଏକ, ବାବୁଲାଲ ମନ୍ତ୍ରା, ପ୍ରଫୁଲ୍ଲ ପ୍ରଧାନ, ଭାବଗ୍ରାହୀ ମେହେର, ଆନନ୍ଦ ପ୍ରଧାନ, ରଞ୍ଜନ ସା, ଧର୍ମ କୁମାର ଶତପଥୀ, ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ସୁବ୍ରତ ପଣ୍ଡା, ସବିତା ହୋତା, ଅକ୍ଷୟ ରାଜ, ଗଜାନନ ସାଥୁଆ, ପଦ୍ମନାଭ ବାରିକ, ଭିକାରୀ ସେଠୀ, ଯୁଧିଷ୍ଠିର ଖମାରୀ ପ୍ରମୁଖ ବହୁ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ସଚ୍ଚିଦାନନ୍ଦ ନାୟକ, ବାସୁଦେବ ମିଶ୍ର, ଅମର ଭୂତ, ନରେଶ ଅଗ୍ରୱାଲ, ଦୟାନିଧି ସେଠୀ, ଡ. ଆଭାସ ବାବୁ, ଆଶିଷବାବୁ, ଶକ୍ତି ସ୍ୱରାଜ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଆଦିମ ଆଦିବାସୀ କନ୍ଧ ସମାଜର ବାର୍ଷିକ ଉତ୍ସବ

**ବୌଦ୍ଧ, ୧୨ ।୧୦(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା କଲ୍ୟାଣ ମଣ୍ଡପରେ ଆଦିମ ଆଦିବାସୀ କନ୍ଧ ସମାଜର ବାର୍ଷିକ ଉତ୍ସବ ଓ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି । ଏହି ନୂଆଁଖାଇ ଭେଟଘାଟ ମୁଣ୍ଡାପଡ଼ା ସଭାପତି ଜାତକ ନାଏକଙ୍କ ନେତୃତ୍ୱରେ ହୋଇଥିଲା । ଏହି ନୂଆଁଖାଇ ଭେଟଘାଟରେ ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ଆଦି କନ୍ଧ ସଭାପତି ଚିନ୍ତାମଣି ଭୋଇ, ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ଆଦିବାସୀ ସଭାପତି ଡମ୍ବରୁଧର କହଁର, ଦେବରଞ୍ଜନ କହଁର, ପଞ୍ଚାନନ କହଁର, ନରୋତ୍ତମ ମଲିକ, ବୀରମିତ୍ର ମଲିକ, କେନ୍ଦ୍ର ସମ୍ପାଦକ ଯୋଗିନ୍ଦ୍ର କହଁର, ପ୍ରଦୀପ ମାଝୀ, ଶିବସ୍ତ୍ର ସାହୁ, ଅଭିମନ୍ୟୁ ନାଏକ ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲାର ଅନେକ ପ୍ରଗଣା ସଭାପତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ନୂଆଖାଇ ଭେଟଘାଟ ପୂର୍ବରୁ ସମାଜର ପୁରୁଷ ଓ ମହିଳାମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଶୋଭାଯାତ୍ରାରେ ଯାଇ ଇଷ୍ଟ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ ।

## ବିଜୟା ଦଶମୀ ଉତ୍ସବ ପାଳିତ

**ହରଭଙ୍ଗା, ୧୨ ।୧୦(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଖଣ୍ଡର ବୀରନରସିଂପୁର ମଣ୍ଡଳୀ ମଥୁରା ପଞ୍ଚାୟତ କେଳାକଟାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜକିଶୋର ଅଗ୍ରୱାଲ, ଅବସରପ୍ରାପ୍ତ ଶିକ୍ଷକ ପ୍ରଭୁଲାଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆ, ରଘୁନାଥ ଷଡ଼ଙ୍ଗୀ, ଶେଷଦେବ ଛନ୍ଦ, ଶିବରାମ ସାହୁ, ବିଜୟ ସାହୁ, ଜଗନ୍ନାଥ ମେହେର, ନିର୍ଗୁଣ ମହାକୁଡ଼, ଗୋବର୍ଦ୍ଧନ କର୍ଣ୍ଣ, ତ୍ରିନାଥ ପାଢ଼ୀ, ଆନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଗୋ ଦାନ



**ବୌଦ୍ଧ, ୧୨ ।୧୦(ସମିସ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତ କନ୍ଧଧୂମାଲସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଡକୁ ଜଣେ ବ୍ୟକ୍ତି ୨୩ଟି ଗୋରୁ ଦାନ କରିଛନ୍ତି । ସୁବର୍ଣ୍ଣପୁର ଜିଲ୍ଲା ପିତାମହୁଲ ପଞ୍ଚାୟତ ତୁଲେସର ଗ୍ରାମର ବରିଷ୍ଠ ନାଗରିକ ଦଶରଥ ବାଘ ପାଳିଥିବା ୨୩ଟି ଗୋରୁଙ୍କୁ ଲାଳନପାଳନ ଲାଗି ଅସମର୍ଥ ହେବାରୁ କାର୍ଡର ସମ୍ପାଦକ ଧର୍ମୁଧର ପୋଢ଼ଙ୍କୁ ଯୋଗାଯୋଗ କରିଥିଲେ । ଗୋଶାଳାର ସେବକ ବିବେକାନନ୍ଦ ସାହୁ, ତପନ ପ୍ରଧାନ, କୋଷାଧକ୍ଷ ବିଘ୍ନରାଜ ପ୍ରଧାନ, ସମ୍ପାଦକ ଧର୍ମୁଧର ପୋଢ଼ଙ୍କ ଉପସ୍ଥିତିରେ ସେ ଗୋରୁଗୁଡ଼ିକୁ ଅନୁଷ୍ଠାନକୁ ହସ୍ତାନ୍ତର କରିଥିଲେ ।

## ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ନିମନ୍ତେ ପ୍ରସ୍ତୁତି



**ବୌଦ୍ଧ, ୧୨ ।୧୦(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ ତାଳସରଡ଼ା ପଞ୍ଚାୟତ ଡମ୍ବରୁଗଡ଼ କଂକଳା ଶ୍ରୀ ସିଦ୍ଧଗୁରୁ ବାବା ମଠରେ ବିଶ୍ୱ ସମୃଦ୍ଧି ଯଜୁର୍ବେଦ ମହାଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମଠର ମହନ୍ତ ସର୍ବେଶ୍ୱର ଦାସ ଅଧକ୍ଷତା କରିଥିଲେ । ଯଜ୍ଞର ମୁଖ୍ୟ ମାର୍ଗଦର୍ଶକ ଭାବେ ଚେନାଇ ସତ୍ୟ ଚେତନା ଆଶ୍ରମର ସଦଗୁରୁ ସ୍ୱାମୀ ଆୱନନ୍ଦଜୀ ମହାରାଜ ଯୋଗ ଦେଇଥିଲେ । ଯଜୁର୍ବେଦ ଯଜ୍ଞ ଆୟୋଜନ କଲେ କେଉଁ ଉତ୍ତମ ଫଳ ପ୍ରାପ୍ତ ହୁଏ ସେ ଉପରେ ମାର୍ଗଦର୍ଶନ କରିଥିଲେ । ଉଦ୍ୟକ୍ତା ମାନସ ସୁନ୍ଦର ଶତପଥୀ ଯଜ୍ଞ ଆୟୋଜନର ଲକ୍ଷ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ । ନଭେମ୍ବର ୨ ତାରିଖଠାରୁ ୫ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଯଜ୍ଞ ଅନୁଷ୍ଠିତ ହେବ । ଏହି ଅବସରରେ ଯଜ୍ଞ ପରିଚାଳନା ପାଇଁ ବିଭିନ୍ନ ସବ୍ କମିଟି ଗଠନ କରାଯାଇଛି । ବିଭିନ୍ନ ଆଲୋଚନାରେ ରଘୁବୀର ଦାସ, ଯଜ୍ଞ ପରିଚାଳନା କମିଟି ସଭାପତି ପୟୋଧର ମହାକୁଳ, ଉପ ସଭାପତି ପ୍ରଶାନ୍ତ ସେଠି, ଧନମାଳୀ ଦେହୁରୀ, ସମ୍ପାଦକ ମୟସେନ ରଣା, ସହ ସମ୍ପାଦକ ଶ୍ରୀପତି ମହାକୁଡ଼, କୋଷାଧକ୍ଷ ମନୋଜ ମହାକୁଡ଼, ସହ କୋଷାଧକ୍ଷ ଶିବ କର୍ମୀ, ସଦସ୍ୟ ଶ୍ରୀକ୍ଷେତ୍ର ମହାକୁଡ଼, ଦୁଷ୍ମନ୍ତ ପୃଷ୍ଟି, ରବି ବେହେରା, ପାଣ୍ଡବ ମହାକୁଡ଼, ଗଙ୍ଗାଧର ମହାକୁଡ଼, ସାମ୍ବାଦିକ ମହେଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ମନମୁଣ୍ଡା ବ୍ରାହ୍ମଣ ସମାଜର ପ୍ରସ୍ତୁତି

**ମନମୁଣ୍ଡା, ୧୨ ।୧୦ (ସମିସ):** ଆସନ୍ତା ୨୨ ତାରିଖରେ ଗୋବର୍ଦ୍ଧନ ପୂଜା ଉପଲକ୍ଷେ ମନମୁଣ୍ଡା ବ୍ରାହ୍ମଣ ସମାଜ ତରଫରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ବିଜୟ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବୈଦ୍ୟନାଥ ହୋତା ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ । ଉପଦେଷ୍ଟା ବଳଦେବ ରଥ, ଦାଶରଥି ମିଶ୍ର, ନିରଞ୍ଜନ ହୋତା, ଗଣେଶ ପ୍ରସାଦ ମିଶ୍ର କିପରି ପୂଜା କରାଯିବ, କେତେବେଳ ଆରମ୍ଭ କରାଯିବ ଇତ୍ୟାଦି ଦିଗଦର୍ଶନ ପ୍ରଦାନ କରିଥିଲେ । ସମାଜ ଉପସଭାପତି ରୋହିତ ହୋତା, ସଭ୍ୟ କମଳ ନାୟକ, ଅଶୋକ ନାୟକ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ବୈଦ୍ୟନାଥ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

## ଆମ୍ବେଦକର ସାମାଜିକ ସେବା ସଂଘର ନୂଆଁଖାଇ ଭେଟ୍‌ଘାଟ୍

**ତରଭା, ୧୨।୧୦(ସମିସ)**

ଡ. ଆମ୍ବେଦକର ସାମାଜିକ ସେବା ସଙ୍ଘ ତରଭା ଆନୁକୂଲ୍ୟରେ ବ୍ଲକସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ସଙ୍ଘର ସଭାପତି ବୈକୁଣ୍ଠେଶ୍ୱର ବାରିକଙ୍କ ସଭାପତିତ୍ୱରେ କୃଷ୍ଣାର୍ଜୁନ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି । ଆମ୍ବେଦକର ପ୍ରତିମୂର୍ତ୍ତି ସମ୍ମୁଖରୁ ଶତାଧିକ ମହିଳା ପୁରୁଷଙ୍କୁ ନେଇ ଏକ ଶୋଭାଯାତ୍ରା ଗଣ୍ଡା ବଜାର ପରିକ୍ରମା କରିଥିଲା । ଡ. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ତରଭା ଥାନା ଏଏସ୍‌ଆଇ ଗୀତାଞ୍ଜଳି ସୁନା ମୁଖ୍ୟ ଅତିଥି, ଏସ୍‌ସି/ଏସ୍‌ଟି ସମନ୍ୱୟ ସମିତିର ଜିଲ୍ଲା ସଭାପତି ଅଚ୍ୟୁତ ଛତ୍ର ମୁଖ୍ୟ ବକ୍ତା ଓ ସଂଘର ସମ୍ପାଦକ ଓକିଲ କୁଶଳେଶ୍ୱର ସୁନା, ସୈରେନ୍ଦ୍ରୀ ବାଗ, ବେଣୁଧର ବାଗ ସମ୍ମାନିତ



ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ଶ୍ରୀ ବାରିକ ପାରମ୍ପରିକ ରୀତିରେ ନୂଆଖାଇ ଓ ନୂଆଖାଇ ଭେଟ୍‌ଘାଟ୍‌ର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ସୁନା ଏହାକୁ କୃଷି ଭିତିକ ପର୍ବ, ଭାଇଚାରାର ପର୍ବ ବୋଲି କହିଥିଲେ । ସଂଘର ସଭାପତି ଓ ସମ୍ପାଦକଙ୍କ ତତ୍ତ୍ୱାବଧାନରେ ପ୍ରଦୀପ ନାଏକ, ଜଗବନ୍ଧୁ ନାଗ, ବାବରୁ ସୁନା, ନନ୍ଦକିଶୋର ଭୋଇ, ସୁଦାମ କୁମ୍ଭାର, ମକୁନ୍ଦ ବିଶ୍ୱାଳ, ନକୁଳ ନନ୍ଦ, ବାସୁଦେବ କୁମ୍ଭାର, ଫକୀର ସୁନା, ସୁରୁସିଂ କୁମ୍ଭାର, ଟୁପୁ ତାଣ୍ଡି, ସୁମନ୍ତ ନନ୍ଦ, ଶାସନ ମୁନା, ସମୀର ନାଗ ପ୍ରମୁଖ ଉପସ୍ଥିତ ଥିଲେ । ସୁଶୀଳ ମୁଖି ଓ ସାଥିଙ୍କ ସମେତ ଆଞ୍ଚଳିକ କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସୁରେଶ ବାଗ ମଞ୍ଚ ପରିଚାଳନା କରିବା ସହିତ ଧବଳେଶ୍ୱର ସୁନା ଧନ୍ୟବାଦ ଦେଇଥିଲ ।

**ନୂଆପଡ଼ା ଉପନିର୍ବାଚନ ହାଲ୍ ଚାଲ୍**

# ନେତା ରାଜଧାନୀରେ: ଜିଲ୍ଲା ଶୂନ୍‌ଶାନ

ନୂଆପଡ଼ା, ୧୨।୧୦(ସମିସ)

ସ୍ୱର୍ଗୀୟ ଢୋଲକିଆଙ୍କ ପୁଅ ଜୟ ଢୋଲକିଆଙ୍କ ଆକସ୍ମିକ ବିଜେପିରେ ଯୋଗଦାନ ପରେ ସବୁ ଗଣିତ ଫେଲ ମାରିଛି। ନୂଆପଡ଼ା ଜିଲ୍ଲାରେ ଏକ ପ୍ରକାର ଶୂନଶାନ ସ୍ଥିତି ଦେଖାଦେଇଛି। କିଛି ଦିନ ଆଗରୁ ଟିକଟ ଦୌଡ଼ ପାଇଁ ନେତା, କର୍ମୀମାନେ ଧାଁ ଦୌଡ଼ କରୁଥିଲେ। ବର୍ତ୍ତମାନ ଭଟା ପଡ଼ିଯାଇଛି। ବିଜେପି ଏବଂ ବିଜେଡିର ନେତାମାନଙ୍କ ରାଜଧାନୀ ଭୁବନେଶ୍ୱରରେ ଡେରା ପଡ଼ିଛି। ଏପଟେ ଦୁଇଟି ଦଳର ସମର୍ଥକମାନଙ୍କ ମଧ୍ୟରେ ନାନାଦି କଳ୍ପନା ଜଳ୍ପନା ଚାଲିଛି। ଦଳରେ ଯୋଗ ଦାନ କରିଛନ୍ତି ଜୟ ସିନା ତାଙ୍କର ଟିକଟ ପାଇବା ଏବଂ ବିଜେଡି ମଧ୍ୟ କାହା ଉପରେ ଶିରୋପା ଦେବ ସେ ଉପରେ ସମସ୍ତଙ୍କ ନଜର ରହିଛି। ପ୍ରକାଶ ଯେ ଗତ ଶନିବାର ଅର୍ଥାତ ଅକ୍ଟୋବର ୧୧ତାରିଖ ନୂଆପଡ଼ା ଜିଲ୍ଲା ରାଜନୀତି ଇତିହାସରେ ଏକ କଳା ଅଧ୍ୟାୟ ସୃଷ୍ଟି କରିଛି ବୋଲି ବିଜେଡି ଓ ବିଜେପି କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା। ବିଜେଡି ଦଳର ପୁରୁଖା ନେତା ସ୍ୱର୍ଗୀୟ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗପରେ ତାଙ୍କର ପୋଷ୍ୟପୁତ୍ର ଦଳ ଛାଡ଼ି ବିଜେପିକୁ ଲମ୍ଫ ପ୍ରଦାନ କରିବା ବିଜେଡି ଦଳର ନେତା ଏବଂ କର୍ମୀ ସହଜରେ ଗ୍ରହଣ କରିପାରୁନାହାଁନ୍ତି। ବିଜେପିର ପୂର୍ବତନ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ, ବିଜେଡିର ମନୋଜ କୁମାର ମିଶ୍ର,





କାର୍ତିକ ଦୀପ, ଜିଲ୍ଲାପରିଷଦ ସଭ୍ୟ ଭାନୁପ୍ରତାପ ସିଂ ମାଝୀ ରାଜଧାନୀ ଭୁବନେଶ୍ୱରରେ ଡେରା ପକାଇଥିବାବେଳେ ଏପଟେ ବିଜେଡି, ବିଜେପି ଶିବିର ଶୂନଶାନ ହୋଇପଡ଼ିଛି।

## ଖରିଆରରୋଡରେ ବିଜେପି କର୍ମୀଙ୍କ ମେଳି

ଆମେ ଜ୍ୟ ଢୋଲକିଆଙ୍କ ଦଳରେ ଯୋଗଦାନକୁ ସ୍ୱାଗତ କରୁଛୁ। ହେଲେ ଦଳ ଭିତରେ ଥିବା ପୁରୁଣା ନେତାଙ୍କ ମଧ୍ୟରୁ ଯାହାକୁ ବି ଟିକଟ ଦେଲେ ସମର୍ଥନ କରିବୁ ବୋଲି ବିଜେପିର ପଞ୍ଚାୟତସ୍ତରୀୟ ନେତୃବୃନ୍ଦ ଏକଜୁଟ ହୋଇ ବାର୍ତ୍ତା ଦେଇଛନ୍ତି। ସ୍ଥାନୀୟ ଖରିଆରରୋଡର ଏକ ହୋଟେଲରେ ସନ୍ଦିପ ଶର୍ମାଙ୍କ ନେତୃତ୍ୱରେ କର୍ମକର୍ତାମାନେ ଏକ ସାମ୍ବାଦିକ ସମ୍ମିଳନୀ କରିଆରେ ଏହି ବାର୍ତା ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ବିଜେଡି କର୍ମକର୍ତ୍ତାଙ୍କ ବୈଠକ

ନୂଆପଡ଼ା ଜିଲ୍ଲା ବିଜେଡି ତରଫରୁ ବର୍ତ୍ତମାନ କାହାକୁ ଟିକଟ ଦିଆଯିବ ତାକୁ ନେଇ ଆଶାୟୀଙ୍କ ମଧ୍ୟରେ ମାରାଥନ ଦୌଡ଼ ଚାଲିଥିବାବେଳେ ସ୍ଥାନୀୟ ବିଜେଡିର ପଞ୍ଚାୟତସ୍ତରୀୟ କର୍ମକର୍ତ୍ତାମାନେ ନୂଆପଡ଼ାଠାରେ ଦିଲୀପ ସାହୁଙ୍କ ନେତୃତ୍ୱରେ ବୈଠକ କରିଥିଲେ। ଏଥିରେ ବିଜେଡିର ବିଧାନସଭାସ୍ତରୀୟ ସଭାନେତ୍ରି ବିଦେଶ୍ୱରୀ ସାହୁଙ୍କୁ ଦଳରୁ ଟିକଟ ଦିଆଗଲେ ଠିକ ହେବବୋଲି ନିଷ୍ପତ୍ତି ନେଇଛନ୍ତି। ଏହାକୁ ନେଇ ଏକ ଦାବିପତ୍ର ଦଳର ମୁଖିଆଙ୍କୁ ଦେବେବୋଲି ସିଦ୍ଧାନ୍ତ ନେଇଛନ୍ତି।

## କଂଗ୍ରେସର ଗୋଁଣ୍ଡ ସମାଜ ମେଳି

ସ୍ଥାନୀୟ କୁରୁମପୁରୀ ଘାଟିପଡ଼ାସ୍ଥିତ ଏକ କଲେଜ କ୍ୟାମ୍ପସରେ କଂଗ୍ରେସ ତରଫରୁ ଏକ ଗୋଣ୍ଡ ସମାଜର ବୈଠକ କରାଯାଇଥିବା ଖବର ମିଳିଛି। ଏଥିରେ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଘାସିରାମ ମାଝୀ ନିଜ ସମର୍ଥକମାନଙ୍କ ସହ ଯୋଗ ଦେଇଥିଲେ। ଏଥିରେ କୋମନା ଏବଂ ନୂଆପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ସଦସ୍ୟମାନେ ଯୋଗ ଦେଇଥିଲେ। ଏହି ନିର୍ବାଚନରେ ଖୋଲା ସମର୍ଥନ କରିବେବୋଲି ଘୋଷଣା କରିଥିଲେ। ପ୍ରାର୍ଥୀ ମାଝୀ ମଧ୍ୟ ମୁଣ୍ଡିଆ ମାରି ଭୋଟ ଭିକ୍ଷା କରିଥିଲେ।

## ଗୈରିକ ରଙ୍ଗ ହେଲା ଜୟଙ୍କ କାର୍ଯ୍ୟାଳୟ

ପୂର୍ବତନ ବିଧାୟକ ରାଜେନ୍ଦ୍ରଙ୍କ ଖରିଆରରୋଡସ୍ଥିତ ନିବାସ କାର୍ଯ୍ୟାଳୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଫଟୋ ସହ ସବୁଜ ରଙ୍ଗର ଘର ଥିଲା। ବର୍ତମାନ ତାହା ବଦଳି ଯାଇଛି। କାର୍ଯ୍ୟାଳୟର ରଙ୍ଗ ଗୈରିକ ହୋଇଥିବାବେଳେ ବିଜେପି ରଙ୍ଗରେ ରୂପାନ୍ତରିତ ହୋଇଯାଇଛି।

## ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ

**ବଲାଙ୍ଗିର, ୧୨।୧୦(ସମିସ):** ବଲାଙ୍ଗିର ଉପକଣ୍ଠ ଖର୍ଲିକାନି ନିକଟସ୍ଥ ୨୬ ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଚନ୍ଦନଭାଟି ଗାଁର ଜୟନ୍ତୀ ରହିଦାସ। ତେବେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ରୋକ କରିଥିଲେ। ରବିବାର ସକାଳ ପ୍ରାୟ ୧୦ଟାରେ ଚନ୍ଦନଭାଟି ଗାଁର ଜୟନ୍ତୀ ତାଙ୍କ ସ୍ୱାମୀଙ୍କ ସହ ମଦନପୁର ରାମପୁରରୁ ଫେରୁଥିଲେ। ତାଙ୍କ ଗାଡ଼ି ଖରାପ ହେବାରୁ ଉଭୟ ଚାଲି ଚାଲି ୨୬ ନଂ ରାଜପଥ ରେ ଆସିଥିଲେ। ଉଭୟ ଆସୁଥିବା ସମୟରେ ଜୟନ୍ତୀ ଏକାକୀ ହୋଇ ଯାଇଥିବଲେ। ଖର୍ଲିକାନୀ ଗାଁ ନିକଟରେ ତାଙ୍କୁ କୌଣସି ଏକ ଗାଡ଼ି ଧକ୍କା ଦେଇଥିଲା। ସେ ରାସ୍ତା କଡକୁ ଛିଟିକି ପଡ଼ିଥିଲେ। ସ୍ୱାମୀ ବଲାଙ୍ଗିରରେ ପହଞ୍ଚି ଗାଡ଼ି ମରାମତି କରିଥିଲେ। ଏହାପରେ ସ୍ତ୍ରୀ କୁ ନେବା ପାଇଁ ଫେରିଥିଲେ; ହେଲେ ତାଙ୍କୁ ପାଇ ନ ଥିଲେ। ଏନେଇ ପରିବାର ଲୋକଙ୍କୁ ମଧ୍ୟ ଖବର ଦେଇଥିଲେ। ପରିବାର ଲୋକ ଆସି ଖୋଜାଖୋଜି କରିବା ପରେ ଜୟନ୍ତୀଙ୍କ ମୃତଦେହ ରାସ୍ତା କଡ଼ରୁ ଉଦ୍ଧାର ହୋଇଥିଲା।

## ଗିରି ଗୋବର୍ଦ୍ଧନ ପୂଜା ପାଇଁ ପ୍ରସ୍ତୁତି

**କଣ୍ଟାବାଞ୍ଜି, ୧୨।୧୦(ସମିସ):** ସ୍ଥାନୀୟ ଶ୍ରୀରାମ ମନ୍ଦିର ପରିସରରେ କଣ୍ଟାବାଞ୍ଜି ପୌରାଞ୍ଚଳ ଯାଦବ ମହାସଭା ଦ୍ୱାରା ଗିରି ଗୋବର୍ଦ୍ଧନ ପୂଜା ଲାଗି ରବିବାର ସନ୍ଧ୍ୟାରେଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ବରିଷ୍ଠ ସଭ୍ୟ ଘନଶ୍ୟାମ ଗହିର ଅଧ୍ୟକ୍ଷତା କରିଥିଲେ। ସଞ୍ଜୟ ପୁଞ୍ଜି, ବେଦବ୍ୟାସ ନାଗ, ପପୁ ଯୁଏଡ, ବିମଳ ହାତୀ, ବିଷ୍ଣୁ ଯୁଡ, ହରିହର ବାଗ, ଦେବରାଜ ଯାଦବ, ପ୍ରଦୀପ ବାଗ, ଦୀପକ ସେଲମା, ମନୋଜ ଚିନଗୁନ, ଗୁରୁ ଦୟାଲ ପ୍ରମୁଖ ସଭ୍ୟ ସାମିଲ ଥିଲେ।

**ମୌଳିକ ସୁବିଧା ପାଇଁ ବିଡିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ**

## ବର୍ଷାରେ ଧୋଇଗଲା ରାସ୍ତା; ଲୋକେ ହନ୍ତସନ୍ତ





**ଥୁଆମୂଳ ରାମପୁର, ୧୨।୧୦(ସମିସ):** ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଏବଂ ପାନୀୟଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ଥିବା ଲୋକେ ନିଜର ହକ୍ ତଥା ମୌଳିକ ଅଧିକାର ପାଇବା ପାଇଁ ସଙ୍ଘର୍ଷ କରି ଆସୁଛନ୍ତି। କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକ ତଳାମପଦର ପଞ୍ଚାୟତ ଅନ୍ତର୍ଗତ ତରାପଦର ଗ୍ରାମବାସୀ ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲିଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ୱାଧୀନତାର ସାତ ଦଶନ୍ଧି ବିତିସାରିଥିଲେ ସୁଦ୍ଧା ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ, ରାଜ୍ୟ ରାଜପଥରୁ ମାତ୍ର ୨ କିଲୋମିଟର ଦୂରରେ ଅବସ୍ଥିତ ଏହି ଗାଁ ଆଜିବି ଅବହେଳିତ। ଯେଉଁ ପାଦଚଲା ରାସ୍ତା ଖଣ୍ଡେ ଥିଲା ତାହା ମଧ୍ୟ ଗତ ୨ ତାରିଖରେ ହୋଇଥିବା ଲଘୁଚାପଜନିତ ପ୍ରବଳ ବର୍ଷାରେ ଧୋଇ ଯାଇଥିବା ବେଳେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ରାସ୍ତା ଉପରେ ମାଟି ଅତଡା ଖସିବା ସହିତ ବଡ଼ବଡ଼ ପଥର ପଡ଼ି ରାସ୍ତା ଅବରୋଧ କରିଥିଲା। ଯାହାକୁ ଗ୍ରାମବାସୀ ନିଜ ଉଦ୍ୟମରେ ସଜାଡିଥିଲେ। ଗାଁକୁ ବିଜୁଳି ଆଲୁଅ ସାତସପନ ପାଲଟିଛି। ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଖୁଣ୍ଟ ଗୁଡିକ ରାସ୍ତା କଡରେ ପଡ଼ିରହିଛି। ବିଶୁଦ୍ଧ ପାନୀୟଜଳ ପାଇଁ ବସୁଧା ଯୋଜନା ର ଫଳକ ଲାଗିଛି ଅଥଚ ପ୍ରକଳ୍ପ ଉଭାନ। ସେହିଭଳି ଗାଁକୁ ସଜାଡିବା ସହିତ ଲୋକଙ୍କୁ ରୋଜଗାର ଯୋଗାଇବା ପାଇଁ ଆସୁଥିବା ମନରେଗା ଯୋଜନାରେ ବ୍ୟାପକ ଅନିୟମିତତା ହେଉଥିବା ଭଳି ଏସବୁ ଅଭିଯୋଗ ମଧ୍ୟ ଦାବିପତ୍ର ରେ ଉଲ୍ଲେଖ ରଖି ସମାଧାନ ପାଇଁ ବିଡିଓ ଶ୍ରୀ ମୁଦୁଲିଙ୍କୁ ଗୁହାରି କରିଛନ୍ତି। ଶିକ୍ଷାକ୍ଷେତ୍ରରେ ମଧ୍ୟ ଅବହେଳିତ ଏଇ ଗାଁ।ଗାଁରେ ବିଦ୍ୟାଳୟ ଅଛି ହେଲେ ଶିକ୍ଷାଦାନ ବ୍ୟବସ୍ଥା ଅବହେଳାର ମାର୍ଗ ଦେଇ ଗତିକରୁଛି। ସେହିଭଳି ଗାଁରେ ଅଙ୍ଗନବାଡି କେନ୍ଦ୍ର ପାଇଁ କୋଠା ନିର୍ମାଣ କାର୍ଯ୍ୟ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ତରାପଦରବାସୀଙ୍କ ଏହି ଦାବି କେବେ ସମାଧାନ ହେଉଛି ତାହା ଦେଖିବା ବାକି ରହିଲା।

## କପା ଚାଷ ନଷ୍ଟକଲେ ଦୁର୍ବୃତ୍ତ

**କୋମନା, ୧୨।୧୦(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ ମହୁଲଭଟା ଗ୍ରାମର ଚାଷୀ ଅକ୍ଷୟ କୁମାର ଭୋଇଙ୍କ କପା ଚାଷକୁ ଅଜଣା ଦୁର୍ବୃତ୍ତମାନେ ଭାଙ୍ଗି ନଷ୍ଟ କରିଥିବା ଦେଖିବାକୁ ମିଳିଛି। ଶ୍ରୀ ଭୋଇ ଜଣେ କ୍ଷୁଦ୍ରଚାଷୀ ହୋଇଥିବା ବେଳେ ଏ ବର୍ଷ ବହୁ କଷ୍ଟରେ କପା ଚାଷ ଅନ୍ୟୁନ ଭାବରେ ୧ ଏକର ଜମିରେ ଧାର୍ ଉଦ୍ଧାର କରି ଉନ୍ନତମାନର ମଞ୍ଜି କିଣି ଚାଷ କରିଥିଲେ। କପାଚାଷ ବର୍ତ୍ତମାନ ଫୁଲରୁ ଫଳ ଦେଉଥିବା ବେଳେ କୌଣସି ଏକ ଅଜଣାଲୋକ ଶହେରୁ ଉର୍ଦ୍ଧ୍ୱ ଗଛକୁ ଭାଙ୍ଗି ନଷ୍ଟ କରିଦେଇଛି। ଏହାର କ୍ଷତିପୂରଣ ପ୍ରଶାସନକୁ ନିବେଦନ କରିଛନ୍ତି।



**ଅନୁଦାନ ପରିସରଭୁକ୍ତ ଦାବି ପ୍ରସଙ୍ଗ**

## ୨୦ ପୂର୍ବରୁ ସିଦ୍ଧାନ୍ତ ସ୍ପଷ୍ଟ କରିବାକୁ ଅଧ୍ୟାପକ, କର୍ମଚାରୀ ସଂଘର ଦାବି

**ଭବାନୀପାଟଣା, ୧୨।୧୦(ସମିସ):** ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ କଳାହାଣ୍ଡି ଶାଖା ତରଫରୁ ଅଧ୍ୟାପକ ଲକ୍ଷ୍ମୀକାନ୍ତ ବେହେରା ଜିଲ୍ଲା ସଂଯୋଜକ କଳାହାଣ୍ଡିଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣ ଅନୁଦାନ ମହାବିଦ୍ୟାଳୟମାନଙ୍କରେ ପରିଚାଳନା କମିଟି ଦ୍ୱାରା ଜୁନ୍ ୧ ତାରିଖ ୨୦୦୮ ରୁ ଜୁନ୍ ୨୦୧୮ ମଧ୍ୟରେ ନିଯୁକ୍ତ ସମସ୍ତ ଅଧ୍ୟାପକ କର୍ମଚାରୀମାନଙ୍କୁ ଅନୁଦାନ ପରିସରଭୁକ୍ତ କରିବାପାଇଁ ସଂଘର ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ନିଷ୍ପତ୍ତି ନେଲେ ନାହିଁ। ତେଣୁ ସଂଘ ଅଗଷ୍ଟ ୧୬ରୁ ସମସ୍ତ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରାୟ ୩୨ ଦିନ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଥିଲେ। ସ୍ୱଳ୍ପ ଦରମା ପାଇ ନିଜର ଜୀବନ ଧାରଣ ତଥା ପରିବାର ଭରଣପୋଷଣ ପାଇଁ ବାଧ୍ୟ ହୋଇ ଧାରଣା ଦେଇଥିଲେ। କିନ୍ତୁ ସରକାର ନିଦାବିଷ୍ଟୁ



ସାଜିଥିଲେ। ପରିଶେଷରେ ସେପ୍ଟେମ୍ବର ୧୮ ତାରିଖରେ ଗାନ୍ଧୀ ମାର୍ଗରେ କର ବା ମର ସମାବେଶ ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତାପରେ ରାଜ୍ୟ ସଂଘର ସଭାପତି ବିଶ୍ୱରଞ୍ଜନ ଦାସ ସେପ୍ଟେମ୍ବର ୧୯ରେ ଆମରଣ ଅନଶନରେ ବସିଥିଲେ। ଲୋକଙ୍କ ସରକାର ମାନ୍ୟବର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ତାଙ୍କ ପ୍ରତିନିଧି ବିଧାୟକ ପିପିଲି ଆଶ୍ରିତ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଉପସ୍ଥିତ ରହି ଏକ ଲିଖିତ ପ୍ରତିଶ୍ରୁତି ଦେଲେ ଯେ ଆସନ୍ତା ଅକ୍ଟୋବର ୧୦ ରୁ ଅକ୍ଟୋବର ୨୦ ମଧ୍ୟରେ ସଂଘ ସହିତ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଉପରେ ଆସ୍ଥା ପ୍ରକଟ କରି ସଂଘ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ସରକାରଙ୍କ ଠାରେ ଅନୁରୋଧ ଲିଖିତ ପ୍ରତିଶ୍ରୁତି ମୁତାବକ ଚଳିତ ମାସ ୧୦ ରୁ ୨୦ ତାରିଖ ମଧ୍ୟରେ ସଂଘକୁ ଆଲୋଚନା ପାଇଁ ଡକାଯାଉ। ଯଦି ସରକାର ଏଥିପାଇଁ କିଛି ବ୍ୟତିକ୍ରମ ଘଟାନ୍ତି ତାହାହେଲେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବବୋଲି ଆଜି ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟରୂପେ ସୂଚନା ଦିଆଯାଇଛି। ସରକାରଙ୍କ ପ୍ରତି ଥିବା ଶେଷ ଆଶା ଟିକକ ପୂରଣ କରିବାକୁ ନିବେଦନ କରିଥିଲେ ଅଧ୍ୟାପକ ଲକ୍ଷ୍ମୀକାନ୍ତ ବେହେରା, ସଚିନ୍ କୁମାର ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସୁନାନି, ଥବିର ନାୟକ, ଅଧ୍ୟାପକ, ରଶ୍ମୀ ରଞ୍ଜନ ମିଶ୍ର, ହେମନ୍ତ କୁମାର ରଣା, ପୂର୍ଣ୍ୟତୋୟା ପାଢ଼ୀ, ବେବିନା ମୁଣ୍ଡ, ସୁଜିତ କୁମାର ପଣ୍ଡା।

## ବଲାଙ୍ଗିର, ବୌଦ୍ଧରେ ଆନ୍ତର୍ଜାତିକ କନ୍ୟା ସନ୍ତାନ ଦିବସ

**ବଲାଙ୍ଗିର, ୧୨।୧୦(ସମିସ):** ବଲାଙ୍ଗିର ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତରଫରୁ ସ୍ଥାନୀୟ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିକାରୀ ସୁଷମା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଡିଏସପି କମଳ ପଣ୍ଡା. ସରକାରୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଡ. ଅରବିନ୍ଦ ଓଝା, କସ୍ତୁରୀ ରଥ, ପୁଲିସ ସବ ଇନ୍ସପେକ୍ଟର ଅଲେଖ ଗରଡିଆ, ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଆନନ୍ଦ ମିଶ୍ର ଯୋଗ ଦେଇଥିବା ବେଳେ ଅଧ୍ୟାପକ ସନ୍ଦୀପ କୁଅଁର ସାଧନ କର୍ମୀ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧିକାରୀ ସୁଷମା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିମାନେ ନାରୀର ଅଧିକାର ଓ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତା ଶ୍ରୀ କୁଅଁର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସର ବିଷୟ କିଶୋରୀମାନଙ୍କ ମଧ୍ୟରେ ନେତୃତ୍ୱ ବିକାଶର ମାଧ୍ୟମ, ସମାନତା, ସୁଯୋଗ, ଅଧିକାର, ବିଷୟରେ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା ମମତା ଯୋଜନା ଅଧିକାରୀ ଶିବାନୀ ଠାକୁର ସଭା ପରିଚାଳନା କରିଥିବା ବେଳେ ପିରାମଲ ଫାଉଣ୍ଡେସନର ଦେବୀପ୍ରସାଦ ଓ ଅନ୍ୟମାନେ କିଶୋରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ପାର୍ବତୀ ଗିରି ବାଳ ନିକେତନ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାର ୧୪ଟି ବ୍ଲକର କିଶୋରୀ ତଥା ଅଙ୍ଗନବାଡି କର୍ମୀ, ସୁପରଭାଇଜର, ସିଡିପିଓ ଯୋଗ ଦେଇଥିଲେ।



**ବୌଦ୍ଧ:** ବୌଦ୍ଧ ଜିଲ୍ଲାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମାଉସୀ ମା’ ମନ୍ଦିର ପରିସରରେ ଏହି କନ୍ୟା ସନ୍ତାନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପଜିଲ୍ଲାପାଳ ବିନୟ ଭୋଇ, ବୌଦ୍ଧଗଡ଼ ଏନଏସି ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ବରିଷ୍ଠ ନାଗରିକ ସ୍ନେହଲତା ପୁରୋହିତ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ କବିତା ପାଠ କରିଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ବୌଦ୍ଧ ସିଡ଼ିପିଓ ୱାହିଦା ବେଗମ, ସୁରକ୍ଷା ଅଧିକାରୀ ସନ୍ତୋଷିନୀ ଭୋଇ, ଗୀତାଞ୍ଜଳି ଦଲାଲ, ଡିପିସି ମମତା ଆଶିଷ ମହାନ୍ତି, ଅକ୍ଷୟ ମହାକୁଡ଼, ମହିଳା ସଶକ୍ତିକରଣ ସଂଯୋଜକ ସୁଜାତା ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଟିକାକରଣ



**ଥୁଆମୂଳ ରାମପୁର, ୧୨।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତର ତରା ଗାଁରେ ଜିଲ୍ଲାସ୍ତରୀୟ ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଯେଉଁଥିରେ ଶତ ପ୍ରତିଶତ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ଟୀକାକରଣ କରାଯିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଥୁଆମୂଳ ରାମପୁର ବ୍ଲକର ୮୧ଟି ପୋଲିଓ ବୁଥରେ ୯୦୮୭ ଜଣ ଶିଶୁ ଉପକୃତ ହେବେ। ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଦୋଶ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ୟୁନିସେଫରୁ ଚକ୍ରଧର ସାହୁ, ଡିପିଏମ୍ ଦିଲ୍ଲୀପ କୁମାର ଦୁବେ, ଥୁଆମୂଳ ରାମପୁର ପିଏଚ୍‌ଇଓ ମମତା ସାହୁ, ବିପିଏମ୍ ଦୀପକ ମାଝୀ, କାଣିଗୁମା ସରପଞ୍ଚ ଧ୍ରୁବକାନ୍ତ ମାଝୀ, ଗୁଣପୁର ସ୍ୱାସ୍ଥ୍ୟକର୍ମୀ କିଶନଲାଲ ନାଏକ, ପୋଲିଓ ସୁପରଭାଇଜର୍ ବିକାଶ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ଉଦଘାଟନୀ ଟୀକାକରଣ କାର୍ଯ୍ୟକ୍ରମରେ ତାରା ଗାଁ ସହିତ ଆଖପାଖ ଗ୍ରାମର ୮୯ ଶିଶୁଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦିଆଯାଇଥିଲା।

**ଏକ ଦିବସୀୟ ଖୋ ଖୋ ଟୁର୍ଣ୍ଣାମେଣ୍ଟ ୨୦୨୫**

# ଉଭୟ ପୁରୁଷ ଓ ମହିଳାରେ ବଲାଙ୍ଗିର ବିଜୟୀ





ଝାରସୁଗୁଡ଼ା, ୧୨।୧୦ (ସମିସ)

ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ଲୋଇସିଂହ ଖେଳ ପଡ଼ିଆ ଠାରେ ଲୋଇସିଂହ ପଞ୍ଚାୟତ ଆଦିତ୍ୟ ୱାରିୟର ଖୋ ଖୋ କ୍ଲବ୍ ପକ୍ଷରୁ ତୃତୀୟ ଏକ ଦିବସୀୟ ଉଭୟ ପୁରୁଷ ଓ ମହିଳା ଖୋ ଖୋ ଟୁର୍ଣ୍ଣାମେଣ୍ଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୮ଟି ଦଳ ଭାଗ ନେଇଥିବା ବେଳେ ୮ ଟି ପୁରୁଷ ଦଳ ଆଦିତ୍ୟ ୱାରିୟର ଝାରସୁଗୁଡ଼ା, ଯୁବି ଝାରସୁଗୁଡ଼ା, କିର୍ମିରା, ସମ୍ବଲପୁର, ବଲାଙ୍ଗିର, ଖେଲୋ ଇଣ୍ଡିଆ ଝାରସୁଗୁଡ଼ା, ନୂଆଡିହି ସୁନ୍ଦରଗଡ଼ ଓ ସୁନ୍ଦରଗଡ଼ ଦଳ ଏବଂ ୫ ଟି ମହିଳା ଦଳ ଆଦିତ୍ୟ ୱାରିୟର ଝାରସୁଗୁଡ଼ା, ରାଉରକେଲା, ନୂଆଡିହି ସୁନ୍ଦରଗଡ଼, ବିରମିତ୍ରପୁର, ବଲାଙ୍ଗିର ମହିଳା ଦଳ ପ୍ରଭୃତି ଅଂଶଗ୍ରହଣ କରିଥିଲେ। ପୁରୁଷ ଦଳରେ ବିଜୟୀ ଭାବେ ବଲାଙ୍ଗିର ଦଳ ଓ ଉପବିଜୟୀ ଭାବେ ସମ୍ବଲପୁର ଦଳ ଏବଂ ଦ୍ୱିତୀୟ ଉପବିଜୟ ଭାବେ ସୁନ୍ଦରଗଡ଼ ଦଳ ବିଜୟୀ ହୋଇଛନ୍ତି। ସେହିପରି ମହିଳା ଦଳରେ ବଲାଙ୍ଗିର ବିଜୟୀ ଓ ଉପ ବିଜୟୀ ଭାବେ ବୀରମିତ୍ରପୁର ଏବଂ ଦ୍ୱିତୀୟ ଉପ ବିଜୟୀ ଭାବେ ଆଦିତ୍ୟ ୱାରିୟର୍ସ ଲୋଇସିଂହ ଝାରସୁଗୁଡ଼ା ଦଳ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲୋଇସିଂହ ପଞ୍ଚାୟତ ସରପଞ୍ଚ ସନାତନ ରୋହିଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଖୋ ଖୋ ସଂଘର ଉପସମ୍ପାଦକ ଲକ୍ଷଣ ନାଥ ଓ ଜାତୀୟ ସ୍ତରୀୟ ଖୋ ଖୋ ରେଫରୀ ଚିତ୍ତ ପଣ୍ଡା ଏବଂ ଅତିଥି ଭାବେ ମନବୋଧ ମେହେର, ସନ୍ତୋଷ ମେହେର, ରାହାସ ଭୋଇ ପ୍ରମୁଖ ବିଜୟୀ ଦଳ ଗୁଡିକୁ ପୁରସ୍କୃତ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ରେଫରୀ ଭାବେ ଆଦିତ୍ୟ ମେହେର, ଅନିଲ ସାହୁ, ଲିଙ୍ଗରାଜ ମେହେର, ଦୀପ୍ତିରଞ୍ଜନ ପରିଡ଼ା, ଉମେଶ ପାଣିଗ୍ରାହୀ, ରେଣୁକା ଧୂରୁଆ ଖେଳ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଲୋଇସିଂହ ପଞ୍ଚାୟତ ଆଦିତ୍ୟ ୱାରିୟର ଖୋ ଖୋ କ୍ଲବ୍ ଅୟୋଜନ କରିଥିବା ବେଳେ ଲିଙ୍ଗରାଜ ମେହେର, ରେଣୁକା ଧୂରୁଆ, ଭାନୁପ୍ରତାପ ଭୋଇ, ଶମ୍ଭୁନାଥ ମାଝୀ, ରାହୁଲ ମୁଣ୍ଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ମନୋରଞ୍ଜନରେ ସମୟ ଅତିବାହିତ ହେବ। ସହକର୍ମୀଙ୍କ ସହଯୋଗରୁ ଚାକିରି ମିଳିବ।

**ବୃଷ:** ବନ୍ଧୁଙ୍କ ବ୍ୟବହାର ବ୍ୟଥିତ କରିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଅନ୍ୟମାନଙ୍କ ଉପରେ ଅଧିକ ବିଶ୍ୱାସ କରନ୍ତୁନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ସଫଳତା ପାଇଁ କଠିନ ପରିଶ୍ରମ କରିବେ। ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କର୍କଟ:** ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ। ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ। ଧୈର୍ଯ୍ୟ ସହିତ ନିଜ କାର୍ଯ୍ୟ କରନ୍ତୁ। ତରବରିଆ ଭାବେ ନିବେଶ କରନ୍ତୁ ନାହିଁ।

**ସିଂହ:** ଦୁଃଖ ତଥା ଚିନ୍ତା ଦୂର ହେବ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ।

**କନ୍ୟା:** ନିଜ ପାଇଁ ସମୟ ବାହାର କରିବେ। ଦୀର୍ଘ ଦିନର ଆଶା ପୂରଣ ହେବ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି।

**ତୁଳା:** ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସମାଜ ସେବାରେ ସମୟ ଅତିବାହିତ ହେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି। ଅଚାନକ ଖୁସି ଖବର ପାଇବେ।

**ଧନୁ:** ଆୟ ଅନୁସାରେ ବ୍ୟୟ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ। ଶାରୀରିକ ଦୁର୍ବଳତା ଅନୁଭବ କରିବେ। ଅବିବାହିତଙ୍କ ବିବାହରେ ସମସ୍ୟା ଉପୁଜି ହେବ।

**ମକର:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ହୋଇପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଠକାମିର ଶିକାର ହେବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ଇଚ୍ଛା ପୂରଣ ହେବ। ନୂଆ ଚାକିରି ମିଳିବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ।

## ଆଜିର ଇତିହାସ

- ୧୯୪୩- ଇଟାଲୀ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା।
- ୧୯୭୬- ବଲିଭିଆରେ ବୋଇଂ ଜେଟ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୯- ଅଟଳ ବିହାରୀ ବାଜପେୟୀ ତୃତୀୟ ଥର ପାଇଁ ଭାରତର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୩- ମଧ୍ୟପ୍ରଦେଶର ଦତିଆ ଜିଲ୍ଲାରେ ଏକ ପୋଲ ଉପରେ ଦଳାଚକଟା ଯୋଗୁଁ ୧୦୯ ଜଣଙ୍କ ମୃତ୍ୟୁ।


## କୁକୁର ପାଇଁ କର



ଇଟାଲିରେ ଏବେ ଲୋକଙ୍କ ସହ କୁକୁରଙ୍କ ଉପରେ ବି ଟୁରିଷ୍ଟ ଟ୍ୟାକ୍ସ ଲଗାଇବା ଯୋଜନା କରାଯାଇଛି। ବୋଲଜାନୋ ସହରର ଡୋଲୋମାଇଟ୍ ପାହାଡ଼ ପାଖରେ ୨୦୨୬ ମସିହାରୁ ବାହାରୁ ଆସୁଥିବା କୁକୁରଙ୍କ ଉପରେ ପ୍ରତିଦିନ ଦୁଇ ଡଲାର ଟ୍ୟାକ୍ସ ଲାଗିବ। କେବଳ ସେତିକି ନୁହେଁ, ଏଠାରେ ଯେଉଁ ସ୍ଥାନୀୟ ଲୋକଙ୍କ ପାଖରେ କୁକୁର ଅଛି, ସେମାନଙ୍କୁ ମଧ୍ୟ ପ୍ରତିବର୍ଷ ୧୦୦ ୟୁରୋ ଦେବାକୁ ପଡ଼ିବ। ତେବେ ଏଭଳି ନିୟମ ହେବା ପଛରେ କାରଣ ମଧ୍ୟ ରହିଛି। ଟିକସ ଅର୍ଥରେ ରାସ୍ତା ସଫେଇ କାର୍ଯ୍ୟ କରାଯିବା ସହ କୁକୁରଙ୍କ ପାଇଁ ସ୍ୱତନ୍ତ୍ର ପାର୍କ ତିଆରି କରାଯିବ। ତେବେ ଏହି ଟ୍ୟାକ୍ସ ଏକ ବଡ଼ ନିୟମ ପରେ ଆସିଛି। ଉକ୍ତ ନିୟମ ଅନୁଯାୟୀ, ମାଲିକମାନଙ୍କୁ ନିଜ କୁକୁରଙ୍କର ଡିଏନ୍‌ଏ ପଞ୍ଜିକରଣ କରିବାକୁ ହୋଇଥାଏ। ଯଦି କୌଣସି ମାଲିକ ନିଜ କୁକୁରର ମଳ ନ ଉଠାଇବେ, ସେମାନଙ୍କ ଉପରେ ଡିଏନଏନ୍ ମେଳ କରାଯାଇ ୬୦୦ ୟୁରୋ ଜରିମାନା ଲଗାଯିବ। ସେହିପରି ଯେଉଁମାନେ ପୂର୍ବରୁ ଡିଏନ୍‌ଏ ରେଜିଷ୍ଟ୍ରେସନ କରିସାରିଛନ୍ତି, ସେମାନଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ଏହି କରରୁ ମୁକ୍ତି ମିଳିବ। ଏହି ନିୟମ ଆଣିଥିବା କାଉନସିଲର ଲୁଇସ୍ ଭାଲଚରଙ୍କ ମତରେ ଏହା ଏକ ଉଚିତ ପଦକ୍ଷେପ। ଅନ୍ୟପଟେ ଏଭଳି ନିଷ୍ପତ୍ତିରେ ସମସ୍ତେ ଖୁସି ନାହାନ୍ତି। ପ୍ରାଣୀ ସୁରକ୍ଷା ସଂଗଠନ ଇଏନ୍‌ପିଏର ସଦସ୍ୟ କାର୍ଲା ରୋଚି ଏହି ପଦକ୍ଷେପକୁ ସମାଲୋଚନା କରିଛନ୍ତି। ତାଙ୍କ ମତରେ ଏହା ଏକ ଭୁଲ ନିଷ୍ପତ୍ତି। କାରଣ ଏହା କେବଳ ପରିବାର ଏବଂ ପର୍ଯ୍ୟଟକଙ୍କୁ ବିଚଳିତ କରିବ ନାହିଁ, ବରଂ ଏହା ପଶୁମାନଙ୍କୁ କରଦାତା କରି ଏକ ଭୁଲ ବାର୍ତ୍ତା ମଧ୍ୟ ପ୍ରଦାନ କରୁଛି। ସେହିପରି ପ୍ରାଣୀ ପରିବାରର ଏକ ଅଂଶ। ସେମାନଙ୍କ ଉପରେ ଟ୍ୟାକ୍ସ ଲଗାଇବା ସମସ୍ୟାର ସମାଧାନ ନୁହେଁ। ଏହାଦ୍ୱାରା ଲୋକେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲାବୁଲି କମ୍ କରିବେ। ଏପରିକି ଲୋକେ ପୋଷା ଜୀବଜନ୍ତୁ ରଖିବାରୁ ନିବୃତ୍ତ ରହିବେ। ଅନ୍ୟପେଟ ଏହି ସ୍ଥାନ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ଥିବା ବେଳେ ଏଠାରେ ସେହି ଲୋକଙ୍କୁ ଟାର୍ଗେଟ୍ କରାଯାଉଛି, ଯେଉଁମାନେ ନିଜ ପୋଷା ପ୍ରାଣୀଙ୍କ ସହିତ ବୁଲୁଛନ୍ତି।

## "୧୦୦ କୋଟି ଦେଲେ ବି ସଞ୍ଜୟଙ୍କ ସହ କାମ କରିବିନି"






ବଲିଉଡ୍‌ର ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି ସଞ୍ଜୟ ଲୀଲା ଭଁସାଲି। ସଞ୍ଜୟ ସଙ୍ଗୀତ ନିର୍ଦ୍ଦେଶକ ଇସ୍ମାଇଲ୍ ଦରବାରଙ୍କ ସହ 'ଦେବଦାସ', 'ହମ୍ ଦିଲ୍ ଦେ ଚୁକେ ସନମ୍' ଫିଲ୍ମରେ କାମ କରିଛନ୍ତି। ଏହି ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଛି। ଅନେକ ସମୟରେ ସଞ୍ଜୟ ଓ ଇସ୍ମାଇଲଙ୍କ ମଧ୍ୟରେ ବିବାଦକୁ ନେଇ ଚର୍ଚ୍ଚା ହୋଇଛି। ନିକଟରେ ଇସ୍ମାଇଲ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସଞ୍ଜୟଙ୍କ ସହ ତାଙ୍କ ବିବାଦକୁ ନେଇ ମୁହଁ ଖୋଲିଛନ୍ତି। ସେ ସଞ୍ଜୟଙ୍କୁ ଅହଙ୍କାରୀ କହିବା ସହ ୧୦୦ କୋଟି ଦେଲେ ବି ତାଙ୍କ ସହ କାମ କରିବେନି ବୋଲି କହିଛନ୍ତି। ଇସ୍ମାଇଲ୍ ଆହୁରି ମଧ୍ୟ କହିଛନ୍ତି, ୨୦୧୦ରେ ସେ 'ଗୁଜାରିଶ୍' ଫିଲ୍ମରେ ସଞ୍ଜୟଙ୍କ ସହ କାମ କରିଥାନ୍ତେ। କିନ୍ତୁ 'ହମ୍ ଦିଲ୍ ଦେ ଚୁକେ ସନମ୍' ସେଟ୍‌ରୁ ଆରମ୍ଭ ହୋଇଥିବା ବିବାଦ 'ଦେବଦାସ ଫିଲ୍ମ ସମୟରେ ଆହୁରି ବଢ଼ି ଯାଇଥିଲା ଯେତେବେଳେ ସଞ୍ଜୟ ତାଙ୍କ ପିଆର୍ ଟିମ୍‌କୁ ଇସ୍ମାଇଲଙ୍କୁ ସାକ୍ଷାତକାରରୁ ଦୂରେଇ ରଖିବାକୁ କହିଥିଲେ। ସଞ୍ଜୟଙ୍କ ୱେବ୍‌ସିରିଜ୍ 'ହୀରାମଣ୍ଡି'ର ସଙ୍ଗୀତ ଦାୟିତ୍ୱ ମଧ୍ୟ ଇସ୍ମାଇଲଙ୍କ ହାତକୁ ଆସିଥିଲା। ତେବେ ଏକ ଆର୍ଟିକଲ୍‌ରେ 'ହୀରାମଣ୍ଡି'ର ସଙ୍ଗୀତ ତା'ର ମେରୁଦଣ୍ଡ ବୋଲି ପ୍ରକାଶ ପାଇବା ପରେ ଏହା ଇସ୍ମାଇଲ୍ କରିଛନ୍ତି ବୋଲି ସଞ୍ଜୟ ଭାବିଥିଲେ। ଏହାପରେ ସଞ୍ଜୟ ଇସ୍ମାଇଲଙ୍କୁ ତାଙ୍କ ଅଫିସ୍‌କୁ ଡାକି ଏବାବଦରେ ପଚାରିଥିଲେ। ସଞ୍ଜୟ ତାଙ୍କୁ ଏଭଳିସ୍ଥିତିରେ ପକାଇବେ ଯାହା ତାଙ୍କୁ ଏହି ୱେବ୍‌ସିରିଜ୍ ଛାଡ଼ିବାକୁ ବାଧ୍ୟକରିବ ଆଶା କରି ଇସ୍ମାଇଲ୍ ଏଥିରୁ ଓହରି ଯାଇଥିଲେ। ଯଦି ସଞ୍ଜୟ ତାଙ୍କୁ ୧୦୦ କୋଟି ଦେଇ ତାଙ୍କ ଫିଲ୍ମର ସଙ୍ଗୀତ ଦେବାକୁ କୁହନ୍ତି ସେ ତାଙ୍କୁ ଶୀଘ୍ର ଏଠାରୁ ଚାଲି ଯାଆନ୍ତୁ ବୋଲି କହିବେ ବୋଲି ଇସ୍ମାଇଲ୍ କହିଛନ୍ତି।

## ଚର୍ଚ୍ଚାରେ ବିବାହ ବିଜ୍ଞାପନ

ଆଜିକାଲି ଅନେକ ଯୁବକ, ଯୁବତୀ ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକରୁ ନିଜ ପାଇଁ ଜୀବନସାଥୀ ଖୋଜୁଛନ୍ତି। ଏଭଳି ବିଜ୍ଞାପନଗୁଡ଼ିକ ବେଶ୍ ସାଧାରଣ ହୋଇଥାଏ। ଏଇ ଯେଭଳି ଯୁବକ କିମ୍ବା ଯୁବତୀ ସୁନ୍ଦର ହୋଇଥିବେ, ଭଲ ଚାକିରି କରିଥିବେ, ସଂସ୍କାରୀ ପରିବାରର ହୋଇଥିବେ ଆଦି ବିଜ୍ଞାପନରେ ଉଲ୍ଲେଖ କରାଯାଇଥାଏ। ହେଲେ ଏବେ ଏକ ମ୍ୟାଟ୍ରିମୋନିଆଲ ବିଜ୍ଞାପନ ଚର୍ଚ୍ଚାରେ ଅଛି। କାରଣ ଏହି ବିଜ୍ଞାପନ ସାଧାରଣ ମ୍ୟାଟ୍ରିମୋନିଆଲ ବିଜ୍ଞାପନର ସମ୍ପୂର୍ଣ୍ଣ ବିପରୀତ। ବିଜ୍ଞାପନଟି ବିହାରର ଜଣେ ବେକାରୀ ଦନ୍ତ ଚିକିତ୍ସକ ଦେଇଛନ୍ତି। ତେବେ ସେ ନିଜ ପାଇଁ ଯେଉଁ ପ୍ରକାର କନ୍ୟା ଖୋଜୁଛନ୍ତି, ତାକୁ ଦେଖି ଲାଗୁଛି, ସେ ଜଣେ ସୁପର୍‌ଓମ୍ୟାନ୍ ସନ୍ଧାନରେ ଅଛନ୍ତି। ସେ ତାଙ୍କ ବିଜ୍ଞାପନରେ ଲେଖିଛନ୍ତି, ଯୁବତୀ ଜଣକ ସୁନ୍ଦରୀ ଓ ଗୌରବର୍ଣ୍ଣ ହୋଇଥିବେ। ସଚ୍ଚୋଟ, ଭରସାଯୋଗ୍ୟ, ସାହସୀ ହେବା ସହ ଧନୀ ଓ ଦେଶଭକ୍ତ ହୋଇଥିବେ। ଭାରତର ସୈନ୍ୟ ଓ କ୍ରୀଡ଼ା କ୍ଷମତାକୁ ବଢ଼ାଇବା ଦିଗରେ ଆଗ୍ରହୀ ଥିବେ। ଯୁବତୀ ଜଣକ ଦୟାଳୁ ହେବା ସହ ଛୋଟ ପିଲାଙ୍କର ଦେଖାଶୁଣା କରିପାରୁଥିବେ। ରୋଷେଇ ମଧ୍ୟ ଭଲ ଜାଣିଥିବେ। କେବଳ ସେତିକି ନୁହେଁ, ସେ ବିହାର କିମ୍ବା ଝାଡ଼ଖଣ୍ଡର ହିନ୍ଦୁ ବ୍ରାହ୍ମଣ ପରିବାରରୁ ହେବା ସହ କର୍ମଜୀବୀ ହୋଇଥିବେ। ତେବେ ଏତିକିରେ ତାଙ୍କ ବିଜ୍ଞାପନ ଶେଷ ହେବା ଭାବିବା ସ୍ୱାଭାବିକ। ହେଲେ ପୂରା କୁଣ୍ଡଳି ମେଳ ସହିତ ୩୬ ଗୁଣ ମେଳ ମଧ୍ୟ ଅନିବାର୍ଯ୍ୟ ବୋଲି ସେ ଶେଷରେ ଲେଖିଛନ୍ତି। ଏହି ବିଜ୍ଞାପନର ସ୍କ୍ରିନସଟ୍ ରେଡ୍ଡିଟ୍‌ରେ ପୋଷ୍ଟ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହା ଉପରେ ଲୋକେ ବେଶ୍ ମଜାଳିଆ ପ୍ରତିକ୍ରିୟା ଦେଇଛନ୍ତି।




## କାର୍ତ୍ତିକ ସ୍ନାନର ମହତ୍ତ୍ୱ



**ଚାଲିଛି ପବିତ୍ର କାର୍ତ୍ତିକ ମାସ। ତେବେ କାର୍ତ୍ତିକ ମାସରେ ସ୍ନାନ, ବ୍ରତ, ତୁଳସୀ ପୂଜା, ଦୀପଦାନ ଓ ଦାନ ଦ୍ୱାରା ପାପରୁ ମୁକ୍ତି ମିଳିଥାଏ। ତା'ସହ ମୋକ୍ଷ ପ୍ରାପ୍ତି ହୁଏ। ଏହି ମାସ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମାଙ୍କ ଉପାସନା ଲାଗି ଖୁବ୍ ମହତ୍ତ୍ୱପୂର୍ଣ୍ଣ। ତେବେ ଏହି ମାସରେ ସ୍ନାନର ମହତ୍ତ୍ୱ କ'ଣ ରହିଛି, ସେ ସମ୍ପର୍କରେ ଜାଣିବା।**

**ମହତ୍ତ୍ୱ:** କାର୍ତ୍ତିକ ମାସରେ ସ୍ନାନର ବିଶେଷ ମହତ୍ତ୍ୱ ରହିଛି। ଏହାକୁ ଅତ୍ୟନ୍ତ ପୁଣ୍ୟଦାୟକ ବୋଲି କୁହାଯାଇଛି। ଏହି ମାସରେ ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଗଙ୍ଗା, ଯମୁନା ତଥା କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ ଶ୍ରେଷ୍ଠ ବୋଲି ବିଚାର କରାଯାଏ। ଯଦି ପବିତ୍ର ନଦୀରେ ସ୍ନାନ ସମ୍ଭବ ନୁହେଁ, ତେବେ ପାଣିରେ ଗଙ୍ଗା ଜଳ ମିଶାଇ ଘରେ ସ୍ନାନ କରିପାରିବେ। ଏହାଦ୍ୱାରା ଶରୀର ଏବଂ ଆତ୍ମା ଶୁଦ୍ଧ ହୁଏ ଏବଂ ପାପରୁ ମୁକ୍ତି ମିଳେ। ଭଗବାନ ବିଷ୍ଣୁ ଏବଂ ମା ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୁଏ। ଜୀବନରେ ଧନ, ସୁଖ ଓ ସମୃଦ୍ଧି ପ୍ରାପ୍ତ ହୁଏ। ଶରୀର ସୁସ୍ଥ ଓ ମନ ଶାନ୍ତ ରହେ। କାର୍ତ୍ତିକ ମାସ ଯାକ ନିୟମିତ ପୂଜା ପାଠ କରିବା ଦ୍ୱାରା ଆଧ୍ୟାତ୍ମିକ ବିକାଶ ଘଟେ।


**ନିୟମ**
- ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠିବା ଉଚିତ।
- ପବିତ୍ର ନଦୀରେ ସ୍ନାନ କରିବା ଦରକାର।
- ସ୍ନାନ ସମୟରେ ଭଗବାନ ବିଷ୍ଣୁଙ୍କ ନାମ ସ୍ମରଣ କରିବା ଉତ୍ତମ।
- ସ୍ନାନ ପରେ ସ୍ୱଚ୍ଛ ବସ୍ତ୍ର ପରିଧାନ କରନ୍ତୁ।
- ଏହା ପରେ ଭଗବାନ ବିଷ୍ଣୁ, ଶ୍ରୀକୃଷ୍ଣ ଏବଂ ବୃନ୍ଦାବତୀଙ୍କ ପୂଜା କରିବା ଦରକାର।
- ଏହାବାଦ୍ ପ୍ରତିଦିନ ତୁଳସୀ ଗଛ ମୂଳରେ ଘିଅ ଦୀପ ପ୍ରଜ୍ୱଳିତ କରନ୍ତୁ।

## ଭୂମିରେ ରଖନ୍ତୁନି ଠାକୁର ମୂର୍ତ୍ତି

ପ୍ରତ୍ୟେକ ହିନ୍ଦୁଙ୍କ ଘରେ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଏ। ଏହା ଦ୍ୱାରା ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ। ତେବେ ପୂଜା ସମୟରେ କିଛି ଜିନିଷକୁ ତଳେ ଭୁଲବଶତଃ ରଖିବା ଦ୍ୱାରା ଖରାପ ପ୍ରଭାବ ପଡ଼ିଥାଏ। ଯାହା ଅନେକ ଜାଣି ନାହାନ୍ତି। ସାଧାରଣତଃ ସଫାସଫି କରିବା ସମୟରେ ଲୋକମାନେ ଠାକୁରଙ୍କ ମୂର୍ତ୍ତିକୁ ତଳେ ଭୁଲବଶତଃ ରଖି ଦିଅନ୍ତି। ତେବେ ଏଭଳି କରିବା ଅନୁଚିତ। କୁହାଯାଏ, ଠାକୁରଙ୍କ ମୂର୍ତ୍ତିକୁ ତଳେ ରଖିବା ଦ୍ୱାରା ତାଙ୍କ ପ୍ରତି ଅପମାନ ହୋଇଥାଏ। ଏହାଦ୍ୱାରା ଘରେ ଅଶାନ୍ତି ଦେଖାଦିଏ। ଠାକୁର ଘର ସଫା ବା ପରିଷ୍କାର କରିବା ସମୟରେ ମୂର୍ତ୍ତିକୁ ତଳେ ରଖନ୍ତୁ ନାହିଁ। ତେବେ ମୂର୍ତ୍ତିକୁ ନାଲି କପଡ଼ାରେ ଗୁଡ଼ାଇ ଥାଳିରେ ରଖିବା ଉଚିତ।



## ଧନତେରାସ



**କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀକୁ ଧନ୍ୱନ୍ତରୀ ତ୍ରୟୋଦଶୀ ବା 'ଧନତେରାସ୍' ବୋଲି କୁହାଯାଏ। ଦୀପାବଳିର ଦୁଇଦିନ ପୂର୍ବରୁ ଏହାକୁ ପାଳନ କରାଯାଏ। ଏହିଦିନ ସୁନା, ରୁପା କିଣାକିଣିକୁ ଶୁଭ ବୋଲି ବିବେଚନା କରାଯାଏ।**

ପୌରାଣିକ କାହାଣୀ ଅନୁସାରେ, ସମୁଦ୍ର ମନ୍ଥନ ଶେଷରେ ଦେବବୈଦ୍ୟ ଧନ୍ୱନ୍ତରୀ ଅମୃତ କଳସରେ ପ୍ରକଟ ହୋଇଥିଲେ। ସେ ହିଁ ଦୁନିଆକୁ ଆୟୁର୍ବେଦ ବିଦ୍ୟାର ମୂଲ୍ୟବାନ ଜ୍ଞାନ ପ୍ରଦାନ କରିଥିଲେ। ଏହି ପର୍ବ ଦୀପାବଳିର ଦୁଇ ଦିନ ପୂର୍ବରୁ ଆସିଥାଏ। ଏହିଦିନ ଧନର ଦେବତା କୁବେରଙ୍କ ପୂଜାର ମହତ୍ତ୍ୱ ରଖେ। ଅନ୍ୟ ଏକ ମାନ୍ୟତାନୁସାରେ, ଏହିଦିନ ଯମରାଜାଙ୍କଠାରୁ ରାଜା ହିମଙ୍କ ପୁତ୍ରଙ୍କୁ ତାଙ୍କ ପତ୍ନୀ ରକ୍ଷା କରିଥିଲେ। ସେହିପରି ସନ୍ଧ୍ୟାରେ ଧନ୍ୱନ୍ତରୀଙ୍କୁ ଦୀପଦାନ କରିବା ଶୁଭ ବୋଲି କୁହାଯାଇଛି। ଏହାଦ୍ୱାରା ଯମରାଜ ଖୁସି ହୁଅନ୍ତି ଏବଂ ଅକାଳ ମୃତ୍ୟୁରୁ ରକ୍ଷା ମିଳେ।

ପ୍ରାଚୀନକାଳରୁ ହିଁ ଧନତେରାସ୍‌ରେ କିଛି ନା କିଛି କିଣିବାର ପରମ୍ପରା ରହିଛି। ଏହିଦିନ କିଣାଯାଉଥିବା ଜିନିଷ ନଷ୍ଟ ହେଉ ନ ଥିବା ବିଶ୍ୱାସ ଅଛି। ଅନେକ ଲୋକ ଏହି ଦିନରେ ସୁନା, ରୁପା ଆଦି କିଣିଥାନ୍ତି। କିଛି ଲୋକ ଝାଡ଼ୁ ନିହାତି ଏହିଦିନ କିଣନ୍ତି। ଝାଡ଼ୁକୁ ମା' ଲକ୍ଷ୍ମୀଙ୍କ ରୂପ ଭାବେ ବିବେଚନା କରାଯାଏ। ଏହା ସୁଖ ସହିତ ଖରାପ ଶକ୍ତି ନାଶ କରୁଥିବା ବିଶ୍ୱାସ ଅଛି। ମା' ଲକ୍ଷ୍ମୀ ସମୃଦ୍ଧି ପ୍ରଦାନ କରନ୍ତି।

ଏହିଦିନ ମା'ଲକ୍ଷ୍ମୀ ଓ ଶ୍ରୀଗଣେଶଙ୍କ ମୂର୍ତ୍ତି କିଣିବା ଦ୍ୱାରା ଘର ଧନଧାନ୍ୟରେ ଭରପୂର ହୋଇଥାଏ। ଏହା ସହିତ ଦକ୍ଷିଣାବର୍ତ୍ତୀ ଶଙ୍ଖ, ରୁଦ୍ରାକ୍ଷ, ଧାର୍ମିକ ପୁସ୍ତକ ଓ ପଦ୍ମମାଳା କିଣିବା ଶୁଭ। ସେହିପରି ଏହିଦିନ ବାସନ କିଣିବା ମଧ୍ୟ ଶୁଭ। ବାସନରେ କିଛି ଶସ୍ୟ, ନଚେତ୍ ଟଙ୍କା ଭରି ଆଣିବା ଦ୍ୱାରା ଘର ସବୁବେଳେ ଧନଧାନ୍ୟରେ ଭରି ରହିଥାଏ ବୋଲି ଏହା ଦର୍ଶାଏ। ଅନ୍ୟପକ୍ଷରେ ଷ୍ଟିଲ୍, ଆଲୁମିନିୟମ, ପ୍ଲାଷ୍ଟିକ୍, କାଚ ବାସନ କିଣିବା ଅଶୁଭ ହୋଇଥାଏ।

## ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନ

ଶିବନାରାୟଣ ମହାପାତ୍ର

(ଶ୍ରୀମଦ୍ ଭାଗବତରେ ପୁରଞ୍ଜନ ଉପାଖ୍ୟାନର ଗତ ସଂସ୍କରଣରେ 'ପୁରଞ୍ଜନ ଉପାଖ୍ୟାନ'ରେ ଉପାଖ୍ୟାନ ସମ୍ପର୍କରେ କୁହାଯାଇଥିଲା। ଏଥର ଏହାର ତତ୍ତ୍ୱ ସମ୍ପର୍କରେ କୁହାଯାଇଛି।)

ଏବେ ଉପାଖ୍ୟାନର ତତ୍ତ୍ୱ କୁ ବୁଝିବାକୁ ଚେଷ୍ଟା କରିବା।

ଏହି ଗଳ୍ପର ଚରିତ୍ର ଗୁଡିକ ହେଉଛନ୍ତି:

ପୁରଞ୍ଜନ : ଜୀବତ୍ମା
ଅଭିଜ୍ଞାତ : ପରମାତ୍ମା
ପୂରଞ୍ଜନୀ : ଜୀବର ମତୀ / ବୁଦ୍ଧି
ନବ ଦ୍ୱାର ସମ୍ପନ୍ନ ପ୍ରାସାଦ : ମଣିଷର ଶରୀର
ନଅ ଗୋଟି ଦ୍ୱାର : ମଣିଷର ମୁହଁରେ ସାତ ଗୋଟି ଦ୍ୱାର (ନାକ-୨ ,କାନ -୨ , ଆଖି -୨ ,ପାଟି-ଏକ )
ନିମ୍ନରେ ଦୁଇଟି ଦ୍ୱାର ( ମଳ ଦ୍‌ବାର ଓ ମୂତ୍ର ଦ୍ୱାର )
ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର : ମଣିଷ ଶରୀର ର ପଞ୍ଚ କୋଷ ( ଅନ୍ନମୟ ,ପ୍ରାଣମୟ ,ମନୋମୟ ,ବିଜ୍ଞାନମୟ ,ଆନନ୍ଦମୟ)
ପୂରଞ୍ଜନୀର ଦଶ ଅଙ୍ଗ ରକ୍ଷକ : ଜୀବର ପାଞ୍ଚ କର୍ମେନ୍ଦ୍ରିୟ (ହାତ ,ମୁହଁ ,ଗୋଡ ,ଲିଙ୍ଗ ,ଗୁର୍ଦା )
ପାଞ୍ଚ ଜ୍ଞାନେନ୍ଦ୍ରିୟ ( ଆଖି, କାନ ,ନାକ ,ଜିଭ ,ଚର୍ମ )
ପୁରଞ୍ଜନୀର ସେନାପତି : ଜୀବର ମନ
ପାଞ୍ଚ ଫଣା ବିଶିଷ୍ଟ ସର୍ପ : ପାଞ୍ଚ ପ୍ରାଣ (ପ୍ରାଣ ,ଆପାନ ,ବ୍ୟାନ ,ଉଧାନ ,ସାମାନ )
ପାଞ୍ଚ ଟି ଘୋଡା : ପାଞ୍ଚ ଇନ୍ଦ୍ରୀୟ (ଶ୍ରବଣ , ଘ୍ରାଣ ,ଦର୍ଶନ ,ସ୍ପର୍ଶ ,ସ୍ୱାଦ )
ଦୁଇ ଚକ ବିଶିଷ୍ଟ ରଥ : ମଣିଷ ର ଦୁଇ ଗୋଡ
ଜରା : ବୃଦ୍ଧାବସ୍ଥା
ଚଣ୍ଡବେଗ : କାଳ ଚକ୍ର
ଚଣ୍ଡବେଗର କଳା ,ଧଳା ସୈନ୍ୟ : ଦିନ (ଧଳା ) ଓ ରାତି (କଳା )

ଏବେ ସମ୍ପୂର୍ଣ୍ଣ ଘଟଣାଟି ଆଲୋଚନା କରିବା।

ଏକଦା ପୁରଞ୍ଜନ (ଜୀବତ୍ମା ) ଏବଂ ଅଭିଜ୍ଞାତ (ପରମାତ୍ମା ) ଦୁଇ ଅନ୍ତରଙ୍ଗ ବନ୍ଧୁ ଥିଲେ। ଯେ ପର୍ଯ୍ୟନ୍ତ ପୁରଞ୍ଜନ (ଜୀବତ୍ମା ) ଅଭିଜ୍ଞାତ (ପରମାତ୍ମା )ଙ୍କ ସହିତ ନିବିଡ଼ ଥିଲା, ପୁରଞ୍ଜନ ଅତ୍ୟନ୍ତ ଆନନ୍ଦରେ ଥିଲା। ହଠାତ୍ ପୁରଞ୍ଜନ (ଜୀବତ୍ମା )ର ଇଚ୍ଛା ହେଲା କିଛି ନଗର ( ବିଭିନ୍ନ ଯୋନି ରେ) ଭ୍ରମଣ କରିବାକୁ। ବିଭିନ୍ନ ସହର (ଚୌରାଶି ଲକ୍ଷ ଯୋନି) ବୁଲିବା ପରେ ହିମାଳୟର ଦକ୍ଷିଣ ଦିଗ (ଭାରତ ) ରେ ଆସି ପହଞ୍ଚିଲା। ସେଠାରେ ନବ ଦ୍ୱାର ବିଶିଷ୍ଟ ଏକ ପ୍ରାସାଦ (ମଣିଷ ଶରୀର ) ଦେଖିଲା। ଏହି ପ୍ରାସାଦର ପାଞ୍ଚ ଗୋଟି ପ୍ରାଚୀର ଥିଲା (ପ୍ରାଚୀର ଗୁଡିକୁ ଉପରେ ବ୍ୟାଖ୍ୟା କରାଯାଇ ଅଛି)। ଉକ୍ତ ପ୍ରାସାଦରେ ଜଣେ ସୁନ୍ଦରୀ କନ୍ୟା (ନାମ ପୂରଞ୍ଜନୀ) (ମଣିଷ ର ମତି / ବୁଦ୍ଧି / ଅବିଦ୍ୟା ) ବାସ କରୁ ଥିଲା। ଏହି କନ୍ୟାଙ୍କୁ ଦଶ ଜଣ ଅଙ୍ଗ ରକ୍ଷକ (ଉପରେ ବ୍ୟାଖ୍ୟା କରା ଯାଇ ଅଛି) ଘେରି ରହିଥିଲେ ଏବଂ କନ୍ୟାର ଜଣେ ସେନାପତି ( ମଣିଷ ର ମନ ) ଥିଲେ। ସୁନ୍ଦରୀ ଯୁବତୀ ଅବିବାହିତ ଥିଲେ - ପୁରଞ୍ଜନଙ୍କୁ ବିବାହ ନିମନ୍ତେ ଆଗ୍ରହ କରିବାରୁ ପୁରଞ୍ଜନ ପୂରଞ୍ଜନୀ ଙ୍କୁ ବିବାହ କଲେ ( ମଣିଷ ଯୋନିରେ ପ୍ରବେଶ କଲେ)।

(କ୍ରମଶଃ...)

କେଶୁରା
ମୋ: ୮୨୪୯୨୧୩୦୪୦

## କୁଳଦୀପଙ୍କୁ ୫ ୱିକେଟ; ୱେଷ୍ଟଇଣ୍ଡିଜ୍ ୨୪୮ ରେ ଆଉଟ୍

# ଫଲୋଅନ୍ ପରେ ଲଢ଼ିଲେ ହୋପ୍-କ୍ୟାମ୍ପବେଲ୍

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି)

ଦୁଇ ବାମହାତୀ ସ୍ପିନର କୁଳଦୀପ ଯାଦବଙ୍କୁ ୫ ଓ ରବୀନ୍ଦ୍ର ଜାଡେଜାଙ୍କୁ ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଭାରତ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଫଲୋଅନ୍‌ର ସମ୍ମୁଖୀନ ହୋଇଛି। ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୫ ୱିକେଟରେ ୫୧୮ (ଘୋଷଣା) ରନ୍ ଜବାବରେ ୱେଷ୍ଟଇଣ୍ଡିଜ୍ ୨୪୮ ରନ୍‌ରେ ଅଲଆଉଟ ହୋଇଯାଇଛି। ଫଳରେ ୨୭୦ରନ୍‌ରେ ପଛରେ ରହି ୱେଷ୍ଟଇଣ୍ଡିଜ୍ ଫଲୋଅନ୍ ହୋଇଛି। ଫଲୋଅନ୍ ପରେ ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଲଢ଼ୁଆ ବ୍ୟାଟିଂ କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ୱିକେଟରେ ୧୭୩ ରନ୍ ସଂଗ୍ରହ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ କ୍ୟାମ୍ପବେଲ ୮୭ ଓ ହୋପ୍ ୬୬ ରନ୍‌ରେ ବ୍ୟାଟିଂ କରୁଥିଲେ। ଏମାନେ ଅବିଭକ୍ତ ତୃତୀୟ ୱିକେଟ ଯୋଡ଼ିରୁ ୧୩୮ ରନ୍ ସଂଗ୍ରହ କରିବା ଫଳରେ ୨୦୧୬ ପରେ ପ୍ରଥମଥର ମ୍ୟାଚ୍ ଚତୁର୍ଥ ଦିନକୁ ଯାଇଛି। ଦଳ ପକ୍ଷରୁ ଟାଗେନାରିନ୍ ଚନ୍ଦରପଲ ୧୦ ଓ ଆଲିକ୍ ଆଥାନାଜେ ୭ ରନ୍‌ରେ ଆଉଟ ହୋଇଥିଲେ। ମହମ୍ମଦ୍ ସିରାଜ ଓ ୱାଶିଂଟନ ସୁନ୍ଦର ଭାରତ ପକ୍ଷରୁ ଉପରୋକ୍ତ ଦୁଇ ଖେଳାଳିଙ୍କୁ ଆଉଟ କରିଥିଲେ। ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ୨ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଛି।





### ପ୍ରଥମ ଇନିଂସରେ ସ୍ପିନରଙ୍କର ପ୍ରାଧାନ୍ୟ

ଏହି ଟେଷ୍ଟର ଦ୍ୱିତୀୟ ଦିନର ଅସମାପ୍ତ ସ୍କୋର ୪ ୱିକେଟରେ ୧୪୦ ରନ୍‌ରୁ ଖେଳ ଆରମ୍ଭ କରି ସତର୍କତାର ସହ ଖେଳିଥିଲେ ୱେଷ୍ଟଇଣ୍ଡିଜ୍‌ର ସାଇ ହୋପ୍ ଓ ଟେଭିନ ଇମ୍‌ଲାଚ୍। ତୃତୀୟ ଦିନ ୱେଷ୍ଟଇଣ୍ଡିଜ୍ ଆଉ ୧୬ ରନ୍ ଯୋଡ଼ିବା ପରେ ହୋପ୍‌ଙ୍କୁ ୩୬ ରନ୍‌ରେ ବୋଲ୍ଡ କରି କୁଳଦୀପ ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଏହାର ୭ ରନ୍ ପରେ ପୂର୍ବଦିନର ଅନ୍ୟତମ ଅପରାଜିତ ବ୍ୟାଟର ଇମ୍‌ଲାଚ୍ (୨୧) ମଧ୍ୟ କୁଳଦୀପଙ୍କ ଶିକାର ବନିଥିଲେ। ଏହି ସମୟରେ ଦଳ ସାମୟିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୯ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଭ୍ରମଣକାରୀ ଦଳ ୧୭୫ ରନ୍‌ରେ ୮ମ ୱିକେଟ ହରାଇବା ପରେ ଖାରୀ ପିଏରେ ଓ ଆଣ୍ଡରସନ ଫିଲିପ୍ ୯ମ ୱିକେଟରୁ ୪୬ ରନ୍, ଫିଲିପ୍ ଓ ଜେଡେନ ସିଲ୍ସ ୧୦ମ ୱିକେଟ୍‌ରେ ୨୭ ରନ୍ ଉଠାଇଥିଲେ। ଏହା ଫଳରେ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୨୪୮ ରନ୍ କରିଥିଲେ ମଧ୍ୟ ଫଲୋଅନ ହୋଇଥିଲା।

ଏଠାରେ ବ୍ୟାଟିଂ କରିବା ସହଜ ହୋଇଥିଲେ ମଧ୍ୟ ଭାରତୀୟ ସ୍ପିନରମାନେ ସୁଯୋଗ ସୃଷ୍ଟି କରି ୱିକେଟ ହାସଲ କରିଥିଲେ। ଦଳ ପକ୍ଷରୁ ବାମହାତୀ ରିଷ୍ଟ ସ୍ପିନର କୁଳଦୀପ ଯାଦବ ସର୍ବାଧିକ ୫ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ପାଇଥିଲେ। ଜାଡେଜାଙ୍କୁ ଦ୍ୱିତୀୟ ଦିନ ସମସ୍ତ ୩ଟି ଯାକ ୱିକେଟ ମିଳିଥିଲାବେଳେ ତୃତୀୟ ଦିନ ବିଫଳ ହୋଇଥିଲେ। ଆଜି ୱେଷ୍ଟଇଣ୍ଡିଜ୍ ହରାଇଥିବା ୬ଟି ୱିକେଟ ମଧ୍ୟରୁ କୁଳଦୀପଙ୍କୁ ୫ ୱିକେଟ ମିଳିଥିଲା। ବୁମ୍‌ରା ଅନ୍ୟ ଜଣଙ୍କୁ ଆଜି ଆଉଟ କରିଥିଲେ।

### ଏ ବର୍ଷର ରେକର୍ଡ ପାର୍ଟନରସିପ୍

ଫଲୋଅନ୍ ହେବା ପରେ ୱେଷ୍ଟଇଣ୍ଡିଜ୍ ଦୁଇଟି ସହଜ ୱିକେଟ ହରାଇଥିଲା। ୩୫ ରନ୍‌ରେ ୨ ୱିକେଟ ହରାଇଥିବା ପରେ ଜନ୍ କ୍ୟାମ୍ପବେଲ ଓ ସାଇ ହୋପ୍ ଅବିଭକ୍ତ ତୃତୀୟ ୱିକେଟରୁ ୧୩୮ ରନ୍ ଉଠାଇଥିଲେ। ଏହା ଫଳରେ ଦଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ୨ ୱିକେଟରେ ୧୭୩ ରନ୍ କରିଥିଲା। ଏହି ପାର୍ଟନରସିପ୍ ଚଳିତବର୍ଷ ୱେଷ୍ଟଇଣ୍ଡିଜ୍ ଲାଗି ସର୍ବାଧିକ। ସେହିପରି କାଉଣ୍ଟର ଆଟାକ କରିଥିବା କ୍ୟାମ୍ପବେଲ ମଧ୍ୟ ଟେଷ୍ଟ କ୍ରିକେଟରେ ସର୍ବାଧିକ ୮୭ ରନ୍ କରିଛନ୍ତି। ହୋପ୍ ୩୧ଟି ଇନିଂସ ପରେ ଅର୍ଦ୍ଧଶତକ ହାସଲ କରି ୬୬ ରନ୍‌ରେ ଅପରାଜିତ ରହିଛନ୍ତି। ଏହା ସତ୍ତ୍ୱେ ୱେଷ୍ଟଇଣ୍ଡିଜ୍ ହାତରେ ୮ଟି ୱିକେଟ ବାକି ରଖି ଏବେ ମଧ୍ୟ ୯୭ ରନ୍‌ରେ ପଛରେ ରହିଛି।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ : ୫୧୮ / ୫, ଘୋଷଣା** (ଜୟସ୍ୱାଲ-୧୭୫, ଗିଲ ଅପରାଜିତ-୧୨୯, ସାଇ ସୁଦର୍ଶନ-୮୭, ୱାରିକାନ୍- ୩/ ୯୮)।

**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ : ୨୪୮ , ୮୧.୫ ଓଭର** (ଆଥାନାଜେ-୪୧, ହୋପ୍-୩୬, କୁଳଦୀପ-୫/୪୦, ଜାଡେଜା-୩/୪୬)। (ଫଲୋଅନ୍)


**ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ : ୧୭୩/୨, ୪୯ ଓଭର** (କ୍ୟାମ୍ପବେଲ-ବ୍ୟାଟିଂ-୮୭, ହୋପ୍-ବ୍ୟାଟିଂ-୬୬, ସିରାଜ-୧/୧୦, ସୁନ୍ଦର-୧/୪୪)।

## ଜୟସ୍ୱାଲଙ୍କ ଉପରକୁ ବଲ ପକାଇ ସିଲ୍ସ ଦଣ୍ଡିତ

ନୂଆଦିଲ୍ଲୀ,୧୨।୧୦(ଏଜେନ୍ସି): ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ୱେଷ୍ଟଇଣ୍ଡିଜ୍ ଫାଷ୍ଟ ବୋଲର ଜେଡେନ ସିଲ୍ସ ତାଙ୍କ ଉପରକୁ ବଲ ଫିଙ୍ଗି ଦଣ୍ଡିତ ହୋଇଛନ୍ତି। ଦଣ୍ଡ ଆକାରରେ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି'ର ୨୫ ଶତକଡ଼ା କାଟିନେଇଛନ୍ତି ଓ ତାଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ଦେଇଛନ୍ତି। ଏଭଳି ଆଚରଣ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଓ ବିପଜ୍ଜନକ ବୋଲି ମ୍ୟାଚ୍ ରେଫରିଙ୍କର ହୃଦ୍‌ବୋଧ ହୋଇଛି। ଘଟଣାରୁ ଜଣାଯାଇଛି, ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ବ୍ୟାଟିଂ କରୁଥିଲାବେଳେ ଭାରତୀୟ ଇନିଂସର ୨୯ତମ ଓଭରରେ ଏହି ଅଘଟଣ ଘଟିଥିଲା। ଏହି ଓଭରରେ ଜେଡେନ୍ ସିଲ୍ସ ଫଲୋ ଥ୍ରୁ'ରେ ବଲ ଧରିବା ପରେ ଜୟସ୍ୱାଲଙ୍କ ଉପରକୁ ବଲ ଫିଙ୍ଗିଥିଲେ। ବଲ୍‌ଟି ତାଙ୍କ ପ୍ୟାଡ୍‌ରେ ବାଜିଥିଲା। ଏହା ଫଳରେ କୌଣସି କ୍ଷତି ହୋଇ ନ ଥିଲା। ଏହାକୁ କିନ୍ତୁ ଗମ୍ଭୀରତାର ସହ ନେଇଥିଲେ ଓ ବିଚାର ବେଳେ ସିଲ୍ସ ଏହାକୁ ଅସ୍ୱୀକାର କରିଥିଲେ। ରନ୍ ଆଉଟ କରିବା ଲାଗି ସିଲ୍ସ ଯେତେ କହିଥିଲେ ମଧ୍ୟ ଏହା ଅଣଖେଳଓ୍ୱାଡ ଓ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରୁଛି ବୋଲି ମ୍ୟାଚ୍ ରେଫରି କହିଥିଲେ। ଏହା ପରେ ଦଣ୍ଡ ସ୍ୱରୂପ ୨୫ ଶତକଡ଼ା ମ୍ୟାଚ୍ ଫି କାଟିନେବା ଓ ଗୋଟିଏ ଡିମେରିଟ୍ ପଏଣ୍ଟ ଦେବାକୁ ନିଷ୍ପତ୍ତି ନେଇଥିଲେ।

● ୧୮ ବର୍ଷରୁ କମ୍ କବାଡ଼ି

## ଭାରତୀୟ ଦଳରେ ସମ୍ବଲପୁରର ପ୍ରିୟଙ୍କା



ଭୁବନେଶ୍ୱର,୧୨।୧୦(ସମିସ): ବାହାରିନ୍‌ଠାରେ ଆରମ୍ଭ ହୋଇଛି ୧୮ ବର୍ଷରୁ କମ୍ ଏସିଆନ୍ କବାଡି ଚାମ୍ପିଅନ୍‌ସିପ। ଏହି ପ୍ରତିଯୋଗିତାରେ ୧୪ ଜଣିଆ ଭାରତୀୟ ଦଳରେ ସମ୍ବଲପୁରର ପ୍ରିୟଙ୍କା ପ୍ରଧାନ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ସେହିପରି ପୂର୍ବତନ ଅନ୍ତର୍ଜାତୀୟ ମହିଳା ଖେଳାଳି ଜୟଶ୍ରୀ ସ୍ୱାଇଁଙ୍କୁ ଏହି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି ମିଳିଛି। ଉଭୟଙ୍କୁ ଓଡ଼ିଶା କବାଡ଼ି ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଦମୟନ୍ତି ଓଝାଙ୍କୁ ରୌପ୍ୟ ପଦକ



ଭୁବନେଶ୍ୱର,୧୨।୧୦(ସମିସ): ଓଡ଼ିଶାର ପାରା ଆଥ୍‌ଲେଟ ଦମୟନ୍ତୀ ଓଝା ଗୋଆରେ ଅନୁଷ୍ଠିତ ପ୍ରଥମ ବୋସିଆ ପର୍ପଲ ଫେଷ୍ଟ ଫେଡେରେସନ କପ୍-୨୦୨୫ରେ ମିକ୍ସଡ ପେୟାରରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ରାଜସ୍ଥାନର ରମେଶ କୁମାରଙ୍କ ସହ ଦମୟନ୍ତୀ ଯୋଡି ହୋଇଥିଲେ। ଆଉ ଜଣେ ଓଡ଼ିଶା ପ୍ରତିଯୋଗୀ ସୋନାଲି ଓଝା କ୍ୱାର୍ଟର ଫାଇନାଲରେ ପରାଜିତ ହୋଇଥିଲେ।

● ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା

## ୯ ସ୍ୱର୍ଣ୍ଣ ସହ ଓଡ଼ିଶାକୁ ୨୮ ପଦକ



ଭୁବନେଶ୍ୱର,୧୨।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତାର ତୃତୀୟ ତଥା ଶେଷ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ ପଦକ ରହିଛି। ମହିଳା ଖେଳାଳି ଅନୁପମା ସ୍ୱାଇଁ କଣ୍ଟାକ୍ଟ ଫାଇଟିଙ୍ଗ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ହ୍ୟାଟ୍ରିକ୍ ସ୍ୱର୍ଣ୍ଣ। ଅମରେଶ୍ୱର ସ୍ୱାଇଁ ଆଜିର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ଓ ଦ୍ୱିତୀୟ ଦିନରେ ୧୪ଟି ପଦକ ମିଳିଥିଲା। ମୋଟରେ ୯ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୯ଟି କାଂସ୍ୟ ସହ ଓଡ଼ିଶା ୨୮ଟି ପଦକ ଜିତି ଶ୍ରେଷ୍ଠ ସଫଳତା ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ଦ୍ୱିତୀୟ ଦିନ ଅନୁପମା ସ୍ୱାଇଁ, ରଞ୍ଜନ ମଙ୍ଗରାଜ, ସ୍ୱରାଜ ଜାନି ଓ ୨୧ ବର୍ଷରୁ କମ୍ ବିଭାଗରେ ଓମ୍‌ପ୍ରକାଶ ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେହିପରି ପ୍ରଥମ ଦିନରେ ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସମସ୍ତ ପଦକ ବିଜେତାଙ୍କୁ ଓଡ଼ିଶା ଜୁ-ଜିତ୍ସୁ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

● ବାସୁଦେବ ମହାନ୍ତି ସ୍ମାରକୀ ଚେସ୍

## ପ୍ରୀତିକା ପ୍ରଧାନଙ୍କୁ ଟାଇଟଲ୍




ଭୁବନେଶ୍ୱର,୧୨।୧୦(ସମିସ): ଚନ୍ଦ୍ରଶେଖରପୁର ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରୀତିକା ପ୍ରଧାନ ବାସୁଦେବ ମହାନ୍ତି ସ୍ମାରକୀ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ୫ ରାଉଣ୍ଡ ଖେଳ ଶେଷସୁଦ୍ଧା ୫ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ପ୍ରୀତିକା ଅନ୍ୟମାନଙ୍କୁ ପଛରେ ପକାଇ ଟାଇଟଲ କବ୍‌ଜା କରିନେଇଥିଲେ। ଭୁବନେଶ୍ୱର ଏପିଜେ ସ୍କୁଲ୍‌ର ନିଶାଦ ସେନାପତି ଦ୍ୱିତୀୟ, ପୋଖରୀପୁଟ ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ମହନ୍ତ ତୃତୀୟ, ଭୁବନେଶ୍ୱର କେଭି ନଂ-୧'ର ସ୍ୱସ୍ତିକ ତ୍ରିପାଠୀ ଚତୁର୍ଥ ଓ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ୫ମ ସ୍ଥାନ ଅଧିକାର କରିଛନ୍ତି। ପୁରସ୍କାର ବାବଦରେ ଟ୍ରଫି ଓ ମାନପତ୍ର ଆୟୋଜକଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲାବେଳେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏହାକୁ ଆୟୋଜିତ କରିଥିଲା। ଏହାର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

**ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍**

## ହଂକଂଠୁ ହାରି ଭାରତ ବିଦା

ଭୁବନେଶ୍ୱର,୧୨।୧୦(ସମିସ): ହଂକଂଠାରୁ ୩-୦ ବ୍ୟବଧାନରେ ପରାଜିତ ହୋଇ ଭାରତୀୟ ପୁରୁଷ ଦଳ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ରୁ ବିଦାୟ ନେଇଛି। ଆଜି ଅପରାହ୍ଣରେ ଖେଳାଯାଇଥିବା ମୁକାବିଲାରେ ହଂକଂ ପ୍ରଥମ ୩ଟି ମୁକାବିଲାକୁ ଜିତିନେବା ପରେ ଆଉ କୌଣସି ମ୍ୟାଚ୍‌ର ଆବଶ୍ୟକତା ପଡ଼ି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ର୍‌ୟାଙ୍କ ଚତୁର୍ଥ ଓ ହଂକଂର ଷଷ୍ଠ ଥିଲାବେଳେ ମ୍ୟାଚ୍ ଉପରେ କୌଣସି ପ୍ରଭାବ ପଡ଼ି ନ ଥିଲା। ହଂକଂ ଖେଳାଳିମାନେ ଶୃଙ୍ଖଳିତ, ଦୃଢ଼ ମାନସିକ ଓ ଟେକ୍ନିକାଲି ଦୃଢ଼ ଥିବାରୁ ଭାରତୀୟମାନେ ସେମାନଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଗତ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଭାରତ ୨ଥର କାଂସ୍ୟ ପଦକ ଜିତିଥିଲା। ମାନୁସ ଶାହ, ମାନବ ଠାକର ଓ ଯୁବ ଖେଳାଳି ଅଙ୍କୁର ଭଟ୍ଟାଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱୀ ହଂକଂ ଖେଳାଳିଙ୍କୁ ହରାଇବାରେ ଅସମର୍ଥ ହୋଇଥିଲେ। ଏବେ ୫ମ ସ୍ଥାନ ଲାଗି ଭାରତ ଓ କୋରିଆ ମଧ୍ୟରେ ମୁକାବିଲା ହେବ। ଆଜିର ଅନ୍ୟ ମୁକାବିଲାରେ ଜାପାନ ୩-୧ରେ କୋରିଆକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି।



**ସୁଲତାନ ଜୋହର କପ୍**

## ଭାରତର ଦ୍ୱିତୀୟ ବିଜୟ

ଜୋହର ବାହରୁ, ୧୨।୧୦: ମାଲେସିଆରେ ଚାଲିଥିବା ୧୩ତମ ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଭାରତୀୟ ଜୁନିଅର ପୁରୁଷ ଦଳ ୪-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ମ୍ୟାଚର ଦ୍ୱିତୀୟ ମିନିଟ୍‌ରେ ଅର୍ଶଦୀପ୍ ସିଂହ ଓ ୧୫ତମ ମିନିଟ୍‌ରେ ପିବି ସୁନିଲ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ କ୍ୱାର୍ଟରରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଅରଜିତ୍ ସିଂହ ହୁଣ୍ଡାଲ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ରୋଶନ କୁଜୁର ଦଳ ପାଇଁ ଅନ୍ତିମ ତଥା ୪ର୍ଥ ଗୋଲ୍‌ଟି ଦେଇଥିଲେ।

● ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ

## ଜାଭେଲିନ୍‌ରେ କୁନିଙ୍କୁ ରୌପ୍ୟ ସଫଳତା

ଭୁବନେଶ୍ୱର, ୧୨।୧୦ (ସମିସ): ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୪୦ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ରବିବାର ଓଡ଼ିଶାର କୁନି ରାଜଗୋଣ୍ଡ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ବାଳିକା ୧୪ ବର୍ଷରୁ କମ୍ ଜାଭେଲିନ୍ ଥ୍ରୋ'ରେ କୁନି ଏହି ସଫଳତା ପାଇଛନ୍ତି। ସେ ୩୭.୫୫ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ଦ୍ୱିତୀୟ ସ୍ଥାନରେ ରହିଥିଲେ। ହରିୟାଣାର ଆରାଧ୍ୟା ସିଂହ (୩୮.୬୪ ମିଟର) ଓ ପଶ୍ଚିମବଙ୍ଗର ଅନୁଶ୍ରୀ ବିଶ୍ୱାସ (୩୬.୫୬ ମିଟର) ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଓଡ଼ିଆ ଆଥ୍‌ଲେଟ୍ ସମୀକ୍ଷା ସ୍ୱରପ୍ରେମୀ ୨୦.୧୫ ମିଟର ଜାଭେଲିନ ଫିଙ୍ଗି ୧୧ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରଥମ ଦିବସରେ ୨୦ ବର୍ଷରୁ କମ୍ ପୁରୁଷ ୧୦୦ ମିଟରରେ ଓଡ଼ିଶାର ପ୍ରତୀକ ମହାରଣା ରୌପ୍ୟ ଏବଂ ୨ୟ ଦିବସରେ ଆଲୋକିକା ସ୍ୱାଇଁ ମହିଳା ୧୮ ବର୍ଷରୁ କମ୍ ଜାଭେଲିନ ଥ୍ରୋ'ରେ କାଂସ୍ୟ ପଦକ ଜିତିଥିଲେ।






**ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

# ହିଲୀ ଭାରତକୁ ହରାଇଦେଲେ; ଅଷ୍ଟ୍ରେଲିଆର ରେକର୍ଡ ଚେଜ୍

ବିଶାଖାପାଟନମ୍, ୧୨।୧୦ (ଏଜେନ୍ସି)

ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ଚଳିତ ମହିଳା ଦିନିକିଆ ବିଶ୍ୱକପ୍‌ରେ ରବିବାର ଏଠାରେ ଖେଳାଯାଇଥିବା ଏକ ହାଇସ୍କୋରିଂ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ୩ ୱିକେଟରେ ଭାରତକୁ ପରାସ୍ତ କରିଛି। ଭାରତ ପକ୍ଷରୁ ଧାର୍ଯ୍ୟ ୩୩୧ ରନର ରେକର୍ଡ ଟାର୍ଗେଟ୍‌କୁ ଅଷ୍ଟ୍ରେଲିଆ ୭ ୱିକେଟ ହରାଇ ଗୋଟିଏ ଓଭର ପୂର୍ବରୁ ବିଜୟୀ ହୋଇଥିଲା। ଏଲିସା ହିଲୀ ୧୪୨ ରନର ବିସ୍ଫୋରକ ଶତକୀୟ ଇନିଂସ ଖେଳି ଭାରତକୁ ହରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆର ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ପତ୍ନୀ ହିଲୀ ୧୦୭ ବଲର ଏହି ପାଳିରେ ୨୧ ଚୌକା ଓ ୩ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲିସେ ପେରୀ ୪୭, ଆସଲେ ଗାର୍ଡନର ୪୫, ଫୋଏବେ ଲିଚଫିଲ୍ଡ ୪୦ ରନ କରିଥିଲେ। ଭାରତ ପକ୍ଷରୁ ଶ୍ରୀଚରଣୀ ୩ ଏବଂ ଦୀପ୍ତି ଶର୍ମା ଓ ଅମନଜୋତ୍ କୌରଙ୍କୁ ୨ଟି ୱିକେଟ୍ ମିଳିଥିଲା। ମହିଳା ଦିନିକିଆରେ ମଧ୍ୟ ଏହା ରେକର୍ଡ ରନ ଚେଜ୍ ହୋଇଛି। ପୂର୍ବରୁ ୨୦୨୪ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶ୍ରୀଲଙ୍କା ୩୦୨ ରନକୁ ସଫଳତାର ସହ ପିଛା କରିଥିଲା।



ଏଲିସା ହିଲୀ ୧୪୨ ରନ

ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପାଇଁ ଦୁଇ ଓପନର୍ ପ୍ରତୀକା ରାୱଲ ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍‌ରେ ୧୫୫ ରନର ଭାଗୀଦାରି ଗଢ଼ି ଦୃଢ଼ ମୂଳଦୁଆ ପକାଇଥିଲେ। ଫଳରେ ଭାରତ ୪୮.୫ ଓଭରରେ ୩୩୦ ରନର ବିଶାଳ ସ୍କୋର କରି ଅଲ୍‌ଆଉଟ୍ ହୋଇଯାଇଥିଲା। ମନ୍ଧାନା ୬୦ ବଲରୁ ୯ ଚୌକା ଓ ୩ ଛକା ସହ ୮୦ ଓ ପ୍ରତୀକା ୭୫ ରନ କରିଥିଲେ। ମଧ୍ୟକ୍ରମରେ ମଧ୍ୟରେ ହର୍ଲିନ ଦେଓଲ ୩୮, ଜେମିମା ରୋଡ୍ରିଗ୍ସେଜ ୩୩, ରିଚା ଘୋଷ ୩୨, ଅଧିନାୟିକା ହରମନପ୍ରୀତ୍ କୌର ୨୨ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ମଧ୍ୟଗତିର ବୋଲର ସଦରଲାଣ୍ଡ ସର୍ବାଧିକ ୫ଟି ଓ ମୋଲିନେକ୍ସ ୩ଟି ୱିକେଟ ନେଇଥିଲେ।

ଚଳିତ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଚତୁର୍ଥ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ବାତିଲ ସହ ଅଷ୍ଟ୍ରେଲିଆ ୭ ପଏଣ୍ଟ ପାଇ ଶୀର୍ଷରେ ରହିଛି। ଅପରପକ୍ଷରେ ପୂର୍ବ ମ୍ୟାଚରେ ଦକ୍ଷିଣ ଆଫ୍ରିକାଠାରୁ ହାରିଥିବା ଭାରତ ୪ ମ୍ୟାଚରୁ ୨ଟି ଲେଖାଏ ବିଜୟ ଓ ପରାଜୟ ସହ ୪ ପଏଣ୍ଟ ପାଇ ୩ୟ ସ୍ଥାନରେ ରହିଛି। ଆସନ୍ତା ୧୯ରେ ଇଂଲଣ୍ଡକୁ ଭେଟିବ ଭାରତ।

**ଆଜିର ମ୍ୟାଚ୍**

**ଦ. ଆଫ୍ରିକା- ବାଂଲାଦେଶ**

**ଆରମ୍ଭ : ଅପରାହ୍ଣ ୩ଟା**

**ସ୍ଥାନ : ବିଶାଖାପାଟଣମ୍**

**ମ୍ୟାଚ୍‌ରେ କୀର୍ତ୍ତିମାନ**

**୫ ହଜାର ରନ** : ମିତାଲି ରାଜ (୭୮୦୫ ରନ)ଙ୍କ ପରେ ୨ୟ ଭାରତୀୟ ଭାବେ ମନ୍ଧାନା (୫୦୨୨) ଦିନିକିଆରେ ୫ ହଜାର ରନ କ୍ଲବରେ ସାମିଲ ହୋଇଛନ୍ତି। ବିଶ୍ୱରେ ସର୍ବକନିଷ୍ଠ (୨୯ ବର୍ଷ), ସବୁଠୁ କମ୍ ଇନିଂସ (୧୧୨) ଓ ସବୁଠୁ କମ୍ ବଲ୍ (୫୫୬୯) ଖେଳି ୫ ହଜାର ରନ ସଂଗ୍ରହ କରିବାରେ ମନ୍ଧାନା କୀର୍ତ୍ତିମାନ କରିଛନ୍ତି। ଷ୍ଟିଫାନୀ ଟେଲର (୧୨୯ ଇନିଂସ) କମ୍ ଇନିଂସ ଓ ସୁଜି ବେଟ୍ସ (୬୨୧୮୨) କମ୍ ବଲ୍ ଖେଳି ୫ ହଜାର ରନ ସଂଗ୍ରହ କରିଥିଲେ।

**୧୦୦୦ ରନ** : ବିଶ୍ୱର ପ୍ରଥମ ମହିଳା କ୍ରିକେଟର୍ ଭାବେ ମନ୍ଧାନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୧୦୦୦ ଦିନିକିଆ ରନ ସଂଗ୍ରହ କରିଛନ୍ତି। ପୂର୍ବରୁ ଗୋଟିଏ ବର୍ଷରେ ସର୍ବାଧିକ ରନ ବେଲିଣ୍ଡା କ୍ଲାର୍କ (୯୭୦ ରନ, ୧୯୯୭ ମସିହା)ଙ୍କ ନାମରେ ରହିଥିଲା।

**୧୫୫ ରନ** : ମନ୍ଧାନା ଓ ପ୍ରତୀକା ଓପନିଂ ଯୋଡ଼ିରେ ୧୫୫ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ କ୍ରିକେଟରେ ଅଷ୍ଟ୍ରେଲିଆ ବିପକ୍ଷରେ କୌଣସି ଦଳର ସର୍ବାଧିକ ଓପନିଂ ପାର୍ଟନରସିପ୍।

**୩୩୦ ରନ** : ଦିନିକିଆ ବିଶ୍ୱକପ୍ ଇତିହାସରେ ଭାରତ ଏହାର ସର୍ବାଧିକ ଦଳଗତ ସ୍କୋର ହାସଲ କରିଛି। ୨୦୨୨ ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ୩୧୭ ରନ କରିଥିଲା।

**୩୦୦+** : ବିଶ୍ୱକପ୍‌ରେ ପ୍ରଥମଥର ଲାଗି ଅଷ୍ଟ୍ରେଲିଆ ମହିଳା ବିପକ୍ଷରେ କୌଣସି ଦଳ ୩୦୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS